# ଯୋଗ ଓ ଜୀବନ

## (ପ୍ରଶ୍ନୋତ୍ତର – ତୃତୀୟ ଭାଗ)

# ସୂଚନା

'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ'ମାଳାରେ ''ଯୋଗ ଓ ଜୀବନ'' ଶିରୋନାମାରେ ପ୍ରଶ୍ନୋତ୍ତର ଆକାରରେ ପ୍ରଥମ ଓ ଦ୍ୱିତୀୟ ଭାଗ ପ୍ରକାଶ ପାଇବା ପରେ ଏହା ତା'ର ତୃତୀୟ ଭାଗ ରୂପେ ପ୍ରକାଶିତ ହେଲା । ଏହି ପ୍ରଶ୍ନୋତ୍ତରଗୁଡ଼ିକ ପ୍ରଥମେ 'ନବଜ୍ୟୋତି'ର ବିଭିନ୍ନ ସଂଖ୍ୟାରେ ପ୍ରକାଶ ପାଇଥିଲା, ଏଠାରେ ସେଗୁଡ଼ିକୁ ସଂଶୋଧିତ ଏବଂ କେତେକ ସ୍ଥଳରେ ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଆକାରରେ ପ୍ରକାଶ କରାଯାଇଛି । ଯୋଗର ବିଭିନ୍ନ ମାର୍ଗ – ଭକ୍ତି, ଗୁରୁନିଷ୍ଠା, ନାମଜପ, ଧ୍ୟାନ ଏବଂ ପରିଶେଷରେ ସାଧନା-କ୍ଷେତ୍ରରେ ସମ୍ମୁଖୀନ ହେଉଥିବା ଅନ୍ୟାନ୍ୟ କେତେକ ପ୍ରଶ୍ନର ଉତ୍ତର ଏଥିରେ ସହଜ ଭାଷା ତଥା ସରଳ ପ୍ରଣାଳୀରେ ବ୍ୟାଖ୍ୟା କରାଯାଇଛି । ପ୍ରାଥମିକ ସ୍ତରର ସାଧକମାନଙ୍କ ପାଇଁ ଏହା ବିଶେଷ ଉପଯୋଗୀ ହେବ ବୋଲି ଆଶାକରୁ ।

– ପ୍ରକାଶକ

# ଯୋଗ ଓ ଜୀବନ

(ପ୍ରଶ୍ନୋତ୍ତର – ତୃତୀୟ ଭାଗ)

## ଯୋଗର ବିଭିନ୍ନ ମାର୍ଗ

## (୧)

## ଭକ୍ତି

ପ୍ରଶ୍ନ : ଭକ୍ତିର ସ୍ୱରୂପ କ'ଣ ?

ଉତ୍ତର : ଭଗବାନଙ୍କ ପ୍ରତି ଅନୁରକ୍ତିକୁ ଭକ୍ତି କୁହାଯାଏ ।

ପ୍ରେମ-ଭକ୍ତି ସ୍ୱୟଂ ପବିତ୍ର ଓ ଭଗବାନଙ୍କ ଦିବ୍ୟ ଶକ୍ତି । ଏହାଦ୍ୱାରା ଭଗବାନଙ୍କୁ ପ୍ରାପ୍ତ କରାଯାଏ । କିନ୍ତୁ ଏହି ଦିବ୍ୟ ପ୍ରେମର ବିକୃତ ରୂପ ହେଉଛି ମନୁଷ୍ୟର ପୁତ୍ର, ସ୍ତ୍ରୀ, ଧନ-ସମ୍ପଦ ପ୍ରତି ମମତା । ସୁତରାଂ ଏଥିରେ ଥାଏ ସ୍ୱାର୍ଥ, ଭୋଗ, କାମନା-ବାସନା-ତୃପ୍ତି ଏବଂ ମୋହ ।

*

ପ୍ରଶ୍ନ : ଭକ୍ତି ବିନା ଈଶ୍ୱରଙ୍କୁ ଲାଭ କରାଯାଇପାରେ କି ?

ଉତ୍ତର : ଭକ୍ତିର ପ୍ରାଧାନ୍ୟ ବିନା ଅନ୍ୟ ଉପାୟରେ ଈଶ୍ୱରଙ୍କୁ ଲାଭ କରାଯାଇପାରେ । ଭଗବାନଙ୍କୁ ପ୍ରାପ୍ତ ହେବାର ଅନେକ ଉପାୟ ଅଛି, କିନ୍ତୁ ତନ୍ମଧ୍ୟରୁ ଭକ୍ତି ଗୋଟିଏ ପ୍ରକୃଷ୍ଟ ଉପାୟ । ଆଉ ଯେତେସବୁ ପଦ୍ଧତି ଅଛି ସେଥିରେ ମଧ୍ୟ ଭକ୍ତି ଗୌଣ ରୂପେ ଥାଏ । ପ୍ରତ୍ୟେକ ଉପାୟ ଶ୍ରଦ୍ଧା ଓ ଉତ୍ସାହ ବ୍ୟତିରେକେ ସମ୍ପୂର୍ଣ୍ଣ ଫଳପ୍ରସୂ ହୁଏ ନାହିଁ । ଶ୍ରଦ୍ଧା ଓ ଉତ୍ସାହ ହେଉଛି ଭକ୍ତିର ପ୍ରଧାନ ଅଙ୍ଗ । ଏହି ଅର୍ଥରେ ପ୍ରତ୍ୟେକ ସାଧନାର ପ୍ରଣାଳୀରେ ଭକ୍ତି ବିଦ୍ୟମାନ ଥାଏ । ଏପରିକି, ଯେଉଁ ଅଦ୍ୱୈତବାଦୀମାନେ ବ୍ରହ୍ମରେ ଏକ ହୋଇଯାଆନ୍ତି ସେମାନଙ୍କର ସାଧନା ସମୟରେ ବି ଭକ୍ତି ଥାଏ ଏବଂ ସାଧନାକୁ ଜୀବନ୍ତ କରି ରଖିଥାଏ ।

*

ପ୍ରଶ୍ନ : ଧ୍ୟାନ ଯୋଗୀର ହୃଦୟରେ ଭକ୍ତି ଥାଏ କି ?

ଉତ୍ତର : ଧ୍ୟାନଯୋଗୀର ହୃଦୟରେ ଭକ୍ତି ଥାଏ । ଦ୍ୱିତୀୟ ପ୍ରଶ୍ନର ଉତ୍ତରରେ କୁହାଯାଇଛି ଯେ ଶ୍ରଦ୍ଧା ବିନା କୌଣସି ସାଧନା ହୁଏ ନାହିଁ; କିନ୍ତୁ ସାଧନାର ପ୍ରଣାଳୀ ଅନୁସାରେ ଭକ୍ତିର ସ୍ଥାନ କେଉଁଠି ପ୍ରଧାନ, କେଉଁଠି ଗୌଣ । ଭକ୍ତମାନଙ୍କ ମଧ୍ୟରେ ଭକ୍ତି ପ୍ରଧାନ, ଜ୍ଞାନୀମାନଙ୍କ ଧ୍ୟାନରେ ଭକ୍ତି ଗୌଣ ।

*

ପ୍ରଶ୍ନ : ଧ୍ୟାନଯୋଗୀକୁ ଈଶ୍ୱର-କୈବଲ୍ୟ ମିଳେ କି ନାହିଁ ?

ଉତ୍ତର : ମିଳେ, ଲକ୍ଷ୍ୟ ଅନୁସାରେ ଭିନ୍ନ ଭିନ୍ନ ରୂପେ । କୈବଲ୍ୟର ଅର୍ଥ ମୁକ୍ତି । ଭକ୍ତଯୋଗୀ ଭଗବାନଙ୍କ ଉପାସନା, ଭକ୍ତି, ଧ୍ୟାନ କରି ନିଜ ଲକ୍ଷ୍ୟ ଅନୁସାରେ ସାକେତ, ଗୋଲୋକ, ବୈକୁଣ୍ଠ, କୈଳାସରେ ସାଯୁଜ୍ୟ, ସାରୂପ୍ୟ, ସାଲୋକ୍ୟ ଆଦି ମୁକ୍ତିକୁ ପ୍ରାପ୍ତ ହୁଅନ୍ତି । ଅଦ୍ୱୈତ ଜ୍ଞାନୀ ସାଧକ ଧ୍ୟାନ କିଂବା ଅନ୍ୟ କୌଣସି ସାଧନା ଦ୍ୱାରା ଚିତ୍ତଶୁଦ୍ଧି

କରି ମନନ, ନିଦିଧ୍ୟାସନ ଦ୍ୱାରା ନିଜ ବ୍ୟକ୍ତିତ୍ୱକୁ ସେହି ଅବ୍ୟକ୍ତ ନିର୍ବିଶେଷ ସତ୍ତାରେ ବିଲୀନ କରିଦିଅନ୍ତି । ଏହି ବିଲୟକୁ ମୁକ୍ତି ବା କୈବଲ୍ୟ କୁହାଯାଏ ।

*

ପ୍ରଶ୍ନ : ଈଶ୍ୱର ସର୍ବତ୍ର ସଦାବିଦ୍ୟମାନ, ଏହା ଜ୍ଞାନୀମାନେ ବୁଦ୍ଧିରେ ଜାଣନ୍ତି ନା ଉପଲବ୍ଧି କରନ୍ତି ? ଯଦି ଉପଲବ୍ଧି କରନ୍ତି, ତେବେ ତାହାର ସ୍ୱରୂପ କ'ଣ ?

ଉତ୍ତର : ବୁଦ୍ଧିରେ ଜାଣିବା ଓ ଉପଲବ୍ଧି କରିବା, ଏହି ଦୁଇ ବସ୍ତୁ ଏକେବାରେ ପୃଥକ୍ । ଜ୍ଞାନୀ-ଭକ୍ତ ବୁଦ୍ଧିରେ ଜାଣନ୍ତି ନାହିଁ, ଉପଲବ୍ଧି କରନ୍ତି । ଆମ୍ଭେମାନେ ଯେପରି ସ୍ଥୂଳ ବସ୍ତୁକୁ ସ୍ଥୂଳ ଦୃଷ୍ଟିରେ ଦେଖୁ ସେହିପରି ସେ ସୂକ୍ଷ୍ମ ଜ୍ଞାନ-ଦୃଷ୍ଟିରେ ଈଶ୍ୱରସତ୍ତାକୁ ଦେଖନ୍ତି । ଈଶ୍ୱର ସର୍ବଦା ସର୍ବତ୍ର ବିଦ୍ୟମାନ — ଶାସ୍ତ୍ର ଦ୍ୱାରା ଏହା ଜାଣି ବିଶ୍ୱାସ କରିବାର ଅର୍ଥ ଉପଲବ୍ଧି ନୁହେଁ, କେବଳ ମନରେ ଜାଣିବା । ଆମ୍ଭେମାନେ ବହି ପଢ଼ି ଆମେରିକା ସମ୍ବନ୍ଧେ ଜାଣିଲେ ତାହାକୁ ଜାଣିବା କୁହାଯାଏ, କିନ୍ତୁ ସେଠାକୁ ଯାଇ ସମସ୍ତ ବସ୍ତୁ ଦେଖି ତାହାର ଯଥାର୍ଥ ଜ୍ଞାନ ଲାଭ କଲେ, ତାହାକୁ ଉପଲବ୍ଧି କୁହାଯାଏ ।

*

ପ୍ରଶ୍ନ : ଗୃହୀ ପକ୍ଷେ ଈଶ୍ୱରୋପଲବ୍ଧିର ସହଜ ଉପାୟ କ'ଣ ?

ଉତ୍ତର : ଭଗବାନଙ୍କ ଉପରେ ବିଶ୍ୱାସ ରଖି ନିଷ୍କପଟ ସରଳତା ସହ ଗୃହର ସମସ୍ତ କାର୍ଯ୍ୟ ଭଗବାନଙ୍କ ସେବାରୂପେ କଲେ ଗୃହୀ ସହଜରେ ଭଗବାନଙ୍କୁ ଉପଲବ୍ଧି କରିପାରିବ । ଗୃହୀ ହେଉ ବା ସନ୍ନ୍ୟାସୀ ହେଉ, ପ୍ରତ୍ୟେକ ବ୍ୟକ୍ତି ନିଷ୍କପଟ-ସରଳ ଶ୍ରଦ୍ଧାସହ ଯଦି ଦୃଢ଼ ବିଶ୍ୱାସ ରଖେ ଏବଂ ଦୃଢ଼ ଧାରଣା କରେ, ''ଭଗବାନ୍ ଦୟାମୟ, କରୁଣାସିନ୍ଧୁ, ଅଧମଉଦ୍ଧାରକ, ସେ ମୋ ସଙ୍ଗେ ସର୍ବଦା ରହି ମୋତେ ରକ୍ଷା କରୁଅଛନ୍ତି ଏବଂ ପରିଚାଳନ କରୁଅଛନ୍ତି'' — ତେବେ ସେ ଭଗବାନଙ୍କୁ ଅତି ସହଜରେ ଉପଲବ୍ଧି କରିପାରେ । କିନ୍ତୁ ନିଷ୍କପଟ-ସରଳ ଶ୍ରଦ୍ଧା ଓ ଦୃଢ଼ ବିଶ୍ୱାସ ଅଭାବରୁ ଆମ୍ଭେମାନେ ଭାବୁ, ''ଭଗବାନ୍ ଅବାଙ୍ମାନସଗୋଚର, ସେ ମହାନ୍ ଐଶ୍ୱର୍ଯ୍ୟଶାଳୀ, ବୈକୁଣ୍ଠାଦି ଦିବ୍ୟ-ଧାମ-ନିବାସୀ, ସମସ୍ତ ଲୋକ-ନାୟକ, ମୋ ପରି ଅଧମ ସକାଶେ କୋଟି କୋଟି କୋଶ ଦୂର, ଯେପର୍ଯ୍ୟନ୍ତ ମନ-ପ୍ରାଣାଦି କଠୋର ତପସ୍ୟା ଦ୍ୱାରା ଶୁଦ୍ଧ ନ ହୋଇଛନ୍ତି ସେପର୍ଯ୍ୟନ୍ତ ଭଗବାନ୍ କିପରି ଆସିବେ ! ତାଙ୍କ ନିମିତ୍ତ ସ୍ଥାନ ପ୍ରସ୍ତୁତ ହେବା ଆବଶ୍ୟକ । ନଚେତ୍ ମାଟିପାତ୍ରରେ ସିଂହ ଦୁଗ୍ଧ ରଖିବା ପରି ଅଶୁଦ୍ଧ ଆଧାର ଭଗବାନଙ୍କୁ ଧାରଣ କରିବାରେ ଅସମର୍ଥ ହେବ ।'' ମନ-ପ୍ରାଣ-ଶରୀର ଆଦି ଆଧାର ଶୁଦ୍ଧ ହେବା ଆବଶ୍ୟକ । ଅଶୁଦ୍ଧ ଆଧାରରେ ଭଗବାନଙ୍କୁ ଉପଲବ୍ଧି କରାଯାଇପାରେ ନାହିଁ । ଏହା ସତ୍ୟ । କିନ୍ତୁ ଏହି ଆଧାର-ଶୁଦ୍ଧି କଠୋର ତାପସ-ବ୍ରତ ଛଡ଼ା କେବଳ ଭଗବାନଙ୍କଠାରେ ଅଟଳ ଶ୍ରଦ୍ଧା ଓ ଦୃଢ଼ ବିଶ୍ୱାସ ରଖିଲେ ସହଜରେ ତାଙ୍କ ଅନୁକମ୍ପା ଦ୍ୱାରା ସାଧିତ ହୋଇପାରେ । ଭଗବାନ୍ ସର୍ବସମର୍ଥ, ତାଙ୍କ କୃପା ପାଖରେ କିଛି ବି ଅସାଧ ନୁହେଁ ।

କର୍ଣ୍ଣାଟକର ବହୁ ଗୃହୀ ସ୍ତ୍ରୀ-ପୁରୁଷ ଆଶ୍ରମକୁ ଆସନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଲେଖାପଢ଼ା ଜାଣନ୍ତି ନାହିଁ, ଶ୍ରୀଅରବିନ୍ଦଙ୍କ ଦର୍ଶନ-ଶାସ୍ତ୍ର ଓ ଯୋଗ ସମ୍ବନ୍ଧେ ଅନଭିଜ୍ଞ । କିନ୍ତୁ ମା' ଶ୍ରୀଅରବିନ୍ଦଙ୍କ ପ୍ରତି ଶ୍ରଦ୍ଧା-ଭକ୍ତି ସେମାନଙ୍କର ଅଛି । ପଇସାପତ୍ରର ଅଭାବ ସତ୍ତ୍ୱେ କୌଣସିମତେ ବର୍ଷକରେ ଥରେ ଦୁଇଥର ଆଶ୍ରମକୁ ଆସି ମା'ଙ୍କୁ ଦର୍ଶନ କରିଯାଆନ୍ତି । କିନ୍ତୁ ସେମାନଙ୍କୁ ପଚାରିଲେ ଜଣାଯାଏ ଯେ ସେମାନଙ୍କ ଅନୁଭୂତି ଠିକ୍ । ଶ୍ରୀଅରବିନ୍ଦଙ୍କ ଯୋଗର କଠୋର ତ୍ୟାଗୀ ସାଧକଙ୍କଠାରୁ ତାହା କମ୍ ନୁହେଁ । ବୁଝାଯାଏ ସେହି ବିଦ୍ୟାରହିତ ସରଳ ଶ୍ରଦ୍ଧାଳୁ ବ୍ୟକ୍ତିଙ୍କ ହାତଧରି କେହି ଯେପରି ଯୋଗମାର୍ଗରେ ଚଳାଇ ନେଉଛି । ଭଗବାନ୍ ଶ୍ରଦ୍ଧା-ଭକ୍ତିବଶ ହୋଇ କେତେ ଭକ୍ତଙ୍କ ଘରେ ଚାକର ହୋଇ ସେବା କରିଛନ୍ତି । ପୁରୀବାସୀ ଜନୈକ ମହାତ୍ମା ଶ୍ରୀ ମାଧବ ଦାସଙ୍କୁ ସଂଗ୍ରହଣି ଅବସ୍ଥାରେ କେତେ ସେବା କରିଛନ୍ତି । ଏହା ବହୁତ ଦିନର କଥା ନୁହେଁ ।

ସାଧାରଣ ସରଳ ଗୃହୀର ଭଗବାନଙ୍କ ପ୍ରତି ଅଟଳ ଶ୍ରଦ୍ଧାଉତ୍ପନ୍ନ ହେବାର ପ୍ରଣାଳୀ ବି ସହଜ, ବହୁତ କଠିନ ନୁହେଁ । ତାହାର ଘର ଛାଡ଼ି, କର୍ମ ତ୍ୟାଗକରି, ଜଙ୍ଗଲକୁ ଯାଇ, ଆଖି ବନ୍ଦ କରି ଧ୍ୟାନ କରିବାକୁ ହେବ ନାହିଁ, କରିବାକୁ

ହେବ ଗୃହର ସମସ୍ତ କର୍ମ, କିନ୍ତୁ ଭଗବାନଙ୍କ ସେବାରୂପେ । ମନେ କରିବାକୁ ହେବ ଗୃହର ମାଲିକ ସ୍ୱୟଂ ମା'ଶ୍ରୀଅରବିନ୍ଦ । ଗୃହର ସମସ୍ତ ସମ୍ପତ୍ତି, ସ୍ତ୍ରୀ, ପୁତ୍ର, ପିତାମାତା ସମସ୍ତେ ଭଗବାନଙ୍କର । ମୁଁ କେବଳ ତାଙ୍କର ସେବକ । ଗୃହର ସମସ୍ତ କାର୍ଯ୍ୟ କରିବା ସକାଶେ ଭଗବାନ୍ ମୋତେ ନିଯୁକ୍ତ କରିଛନ୍ତି । ଚୋର ହାତରୁ ଧନରକ୍ଷା କରିବା, ପୁଅକୁ ସ୍କୁଲ୍ ଯିବା ସକାଶେ ଧମକେଇବା, ଗୃହର ବ୍ୟକ୍ତି ଅନ୍ୟାୟ କଲେ ତାଙ୍କୁ ଦଣ୍ଡ ଦେବା ଇତ୍ୟାଦି ସବୁ ଭଗବାନଙ୍କର ସେବା । ନ୍ୟାୟ ଅନୁସାରେ ଭିନ୍ନ ଭିନ୍ନ ବ୍ୟକ୍ତି ପ୍ରତି ଯଥାଯୋଗ୍ୟ ବ୍ୟବହାର କରିବା ସତ୍ତ୍ୱେ ବି ଭାବିବାକୁ ହେବ – ନିଜେ ଭଗବାନଙ୍କର ଯନ୍ତ୍ର, ଶରୀର ଦ୍ୱାରା ଭଗବାନ୍ ଏହିସବୁ କାର୍ଯ୍ୟ କରାଉଅଛନ୍ତି । କାର୍ଯ୍ୟରେ କୌଣସି ପ୍ରକାର ତ୍ରୁଟି ହେବ ନାହିଁ । କାର୍ଯ୍ୟରେ ତ୍ରୁଟି ହେଲେ ଭଗବାନଙ୍କ ସେବାରେ ତ୍ରୁଟି ହେବ । ସେହି ସକାଶେ ଘରର ସମସ୍ତ କର୍ମ ଠିକ୍‌ଭାବେ କରିବାକୁ ହେବ । ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦେଲେ ସ୍ନାନ-ଭୋଜନ ଇତ୍ୟାଦି ଶାରୀରିକ କ୍ରିୟା ମଧ୍ୟ ଭଗବାନଙ୍କର ହୋଇଯାଏ । ଏହା ହଠାତ୍ ହୋଇପାରେ ନାହିଁ, ଦୃଢ଼ ସଂକଳ୍ପ ସହ ଆରମ୍ଭ କଲେ କ୍ରମଶଃ ବଢ଼ିଚାଲେ ଏବଂ ଭଗବାନଙ୍କ ପାଖରେ ପହଞ୍ଚାଇ ଦିଏ, ଅର୍ଥାତ୍ ଈଶ୍ୱରୋପଲବ୍ଧି କରାଏ ।

''କୁଳୀସହୁ ଚାହି କଠୋର ଅତି କୋମଳ କୁସୁମହୁ ଚାହି
ଚିତ୍ତ ଖଗେଶ ରଘୁନାଥକର ସମୁଝି ପରି କାହୁ ନାହିଁ ।''

ଅର୍ଥାତ୍ – ''ଭଗବାନ୍ ଅବିଶ୍ୱାସୀ ବ୍ୟକ୍ତି ପ୍ରତି ବଜ୍ରଠାରୁ କଠିନ, କିନ୍ତୁ ବିଶ୍ୱାସୀ ଭକ୍ତ ସକାଶେ କୁସୁମ ଅପେକ୍ଷା କୋମଳ । କାକଭୁଷୁଣ୍ଡ କହୁଛନ୍ତି, ହେ ଗରୁଡ଼, ରଘୁନାଥଙ୍କର ଏପରି ଚିତ୍ତକୁ ସମସ୍ତେ ବୁଝିପାରନ୍ତି ନାହିଁ ।'' ଭଗବାନ୍ ଯେପରି କଠୋର ତପସ୍ୟାରେ ପ୍ରାପ୍ତ ହୁଅନ୍ତି ସେହିପରି ସାଧନାରହିତ ସରଳ ଶ୍ରଦ୍ଧାବାନ୍ ଭକ୍ତକୁ ବି ଦର୍ଶନ ଦିଅନ୍ତି । ବୈଦିକ ଯୁଗରେ ଶୁକଦେବ, ନାରଦ, ସନତ୍‌କୁମାର ଆଦି ବୀତରାଗୀ ଋଷି ଥିଲେ, ସେହିପରି ବଶିଷ୍ଠ, ଯାଜ୍ଞବଲ୍‌କ୍ୟ, ଅତ୍ରି ଆଦି ଗୃହୀ ଋଷି ଥିଲେ । ଏହି ଯୁଗରେ ମଧ୍ୟ ଆଚାର୍ଯ୍ୟ ଶଙ୍କର, ନିମ୍ବାର୍କ, ରାମାନନ୍ଦ, ସମର୍ଥ ରାମଦାସ, ଗୋସ୍ୱାମୀ ତୁଳସୀଦାସ ଆଦି ତ୍ୟାଗୀ ମହାପୁରୁଷଙ୍କ ସଙ୍ଗେ ଆଚାର୍ଯ୍ୟ ବଲ୍ଲଭ ଏବଂ ତାଙ୍କର ପୁତ୍ର-ପୌତ୍ରାଦି କ୍ରମେ ଗୃହୀ ଆଚାର୍ଯ୍ୟ ଥିଲେ ଏବଂ ଭଗବାନଙ୍କୁ ପ୍ରାପ୍ତ ହୋଇଥିଲେ । ସେହି ସମୟରେ ସେନ ଭକ୍ତ, ଧନା ଜାଠ, ତୁକାରାମ, ଏକନାଥ, ନାମଦେବ ଆଦି ଗୃହରେ ରହି ଗୃହ କର୍ମ କରିବା ସତ୍ତ୍ୱେ ବି ଭଗବାନଙ୍କୁ ସାକ୍ଷାତ୍ ଉପଲବ୍ଧି କରିଥିଲେ । ମନୁଷ୍ୟର ଏକମାତ୍ର ଉଦ୍ଦେଶ୍ୟ ହେଲା ଭଗବାନଙ୍କୁ ପ୍ରାପ୍ତ ହେବା, ସେ ଗୃହୀ ହେଉ ଅଥବା ସନ୍ନ୍ୟାସୀ ହେଉ । ଏହି ଯୁଗରେ ଏହି ସମୟରେ କେତେ ସରଳ, ଏକେବାରେ ସାଧାରଣ ଗୃହସ୍ଥ ବି ଭଗବାନଙ୍କୁ ଉପଲବ୍ଧି କରିଛନ୍ତି । ଏହା କେବଳ ମୌଖିକ ଭାଷା ନୁହେଁ, ବରଂ ସତ୍ୟ । ଠିକ୍ ଏହିପରି ଏକ ସାଧାରଣ ସଦ୍‌ଗୃହୀଙ୍କ ବିଷୟ ଏଠାରେ ଆଲୋଚନା କରିବା । ଏହାଙ୍କୁ ମୁଁ ଖୁବ୍ ଭଲକରି ଜାଣେ ଏବଂ ଏହା ଏକେବାରେ ସତ୍ୟ ଘଟଣା ।

ଏହି ଗୃହସ୍ଥଙ୍କ ଘର ଥିଲା କଟକ ସହରରୁ କିଛି ଦୂରରେ କୌଣସି ଏକ ଗ୍ରାମରେ । ସେ ଇଂରେଜୀ ପଢ଼ି ନ ଥିଲେ ବି ଏକେବାରେ ନିରକ୍ଷର ନ ଥିଲେ । ତାଙ୍କ କୁଟୁମ୍ବ ପାଳନର ଏକମାତ୍ର ଅବଲମ୍ବନ ଥିଲା ଚାଷ । ପରିବାରଟିରେ ଦଶବାରଜଣ ବ୍ୟକ୍ତି ଥିଲେ । କିନ୍ତୁ ସେତେବେଳେ ସେମାନଙ୍କ ମଧ୍ୟରେ ରୋଜଗାର କରିବା ବ୍ୟକ୍ତି କେହି ନ ଥିଲେ । ଜମିର ଫସଲ ଉପରେ ଭୋଜନ, ବସ୍ତ୍ର, ଘରର ପୁଣ୍ୟପର୍ବାଦି ଯାବତୀୟ ଖର୍ଚ୍ଚ ନିର୍ଭର କରୁଥିଲା । ବର୍ଷଟି କୌଣସି ମତେ କଟିଯାଏ । ଅଭାବ ହୁଏ ନାହିଁ ବା ସଞ୍ଚୟ କରିବାର ଅବକାଶ ମିଳେ ନାହିଁ । ସେ ଥିଲେ ଘରର ମୁଖିଆ, ପୁଣି ପାଞ୍ଚଗ୍ରାମର ମାମଲତ୍‌କାର । କେବେ କେବେ ଅନ୍ୟାନ୍ୟ ଗ୍ରାମ୍ୟ ନିଶାପରେ ଲୋକେ ତାଙ୍କୁ ଡାକୁଥିଲେ । ସେ ଥିଲେ ସରଳ ଏବଂ ନ୍ୟାୟବାନ୍ । ହୃଦୟରେ ଥିଲା ଦୟା । ଗ୍ରାମର ଯଦି କେହି ଉପବାସ ରହିବାର ଜାଣୁଥିଲେ, ତାକୁ ଚାଉଳ ସେରେ ଦେଇ ଦେଉଥିଲେ । ତାଙ୍କ ଦ୍ୱାରରୁ କେହି ଭିକ୍ଷାର୍ଥୀ କେବେ ଖାଲି ହାତରେ ଫେରୁ ନ ଥିଲେ । କୌଣସି ବ୍ୟକ୍ତିକୁ ବିପଦରେ ପକାଇବାକୁ ସେ କୌଶଳ କରୁ ନ ଥିଲେ ବା ନିଜ ସ୍ୱାର୍ଥସିଦ୍ଧି ସକାଶେ ଅନ୍ୟକୁ ଠକୁ ନ ଥିଲେ । ପ୍ରାୟ ୬୨ ବର୍ଷ ବୟସରେ ସମ୍ଭବତଃ ୧୯୨୮ ମସିହାରେ ତାଙ୍କୁ ଆମାଶୟ ରୋଗ ହେଲା । ସେଥିରେ ତାଙ୍କର ଶରୀର ଏପରି ଦୁର୍ବଳ ହୋଇ ନ ଥିଲା ଯେଉଁଥିରେ ମୃତ୍ୟୁର ଆଶଙ୍କା କରାହୁଅନ୍ତା, ତଥାପି ରୋଗରେ ପୀଡ଼ିତ ହେବାର ଚାରି ଛଅ ଦିନ

ପରେ ଦିନେ ସମସ୍ତ ପରିବାରଙ୍କୁ ଡାକି ପାଖରେ ବସାଇ କହିଲେ, ''ତୃତୀୟ ଦିନ ରାତ୍ରିରେ ମୋର ମୃତ୍ୟୁ ହେବ; ମୃତ ସଂସ୍କାର ନିମିତ୍ତ ସମସ୍ତ ସାମଗ୍ରୀ ପୂର୍ବରୁ ମଗାଇନିଅ । ନଚେତ୍ ତୁମ୍ଭମାନଙ୍କୁ ରାତ୍ରିରେ ଅସୁବିଧା ଭୋଗିବାକୁ ପଡ଼ିବ ।'' ତାଙ୍କ ଶବ-ଦାହ ସକାଶେ ଯେଉଁ ଗଛରୁ କାଠ କାଟିବା କଥା, ତାହା ବି କହିଦେଲେ । ଘରର ବ୍ୟବସ୍ଥା ସମ୍ବନ୍ଧେ ତାଙ୍କ ଜ୍ୟେଷ୍ଠପୁତ୍ରଙ୍କୁ ବୁଝାଇ ଦେଲେ । ତାଙ୍କୁ କହିଲେ, ''କୋର୍ଟରେ ମିଥ୍ୟା ସାକ୍ଷୀ ଦେବୁ ନାହିଁ, ବ୍ରହ୍ମୋତ୍ତର, ଦେବୋତ୍ତର ସମ୍ପତ୍ତି ଖରିଦ କରିବୁ ନାହିଁ ।'' ଏହା ସଙ୍ଗେ ଆଉ ଗୋଟିଏ କଥା କହିଥିଲେ, ମୁଁ ଭୁଲି ଯାଇଛି । ତାଙ୍କ ଛୋଟପୁତ୍ରକୁ କିଛି କହି ନ ଥିଲେ । ବୋଧହୁଏ ସେ ଜାଣିପାରିଥିଲେ ଯେ ତାଙ୍କର ଏହି ଶେଷ ସନ୍ତାନଟି କୌଣସି ଏକ ବିଶେଷ କର୍ମ ପାଇଁ ଭଗବାନଙ୍କ ଦ୍ୱାରା ପ୍ରେରିତ ହୋଇଅଛି । ତାଙ୍କ ଅବସ୍ଥା ଦେଖି ଆମ୍ଭେମାନେ କେହି ବି ତାଙ୍କ କଥା ବିଶ୍ୱାସ କରୁ ନ ଥିଲୁ । ଠିକ୍ ତୃତୀୟ ଦିନ ରାତ୍ରିରେ ଗ୍ରାମର କେତେକ ବ୍ୟକ୍ତି ଏକତ୍ର ହୋଇ ତାଙ୍କ ପାଖରେ କୀର୍ତ୍ତନ କରୁଥିଲେ । ପ୍ରାୟ ରାତ୍ରି ଦଶଘଣ୍ଟା ସମୟରେ କୀର୍ତ୍ତନ ବନ୍ଦ ହୋଇଗଲା । ତାଙ୍କ ପାଖରେ ବହୁତ ଲୋକ ବସିଥା'ନ୍ତି । ତାଙ୍କ ଜ୍ୟେଷ୍ଠପୁତ୍ରର ନାମ ନେଇ କହିଲେ, ''ମୋ ହସ୍ତପଦରୁ ପ୍ରାଣବାୟୁ କ୍ରମଶଃ ସଙ୍କୁଚିତ ହୋଇଆସୁଛି । ନାଡ଼ି ଦେଖ୍ ।'' ତାଙ୍କ ଜ୍ୟେଷ୍ଠପୁତ୍ର ପ୍ରଥମେ ଗୋଡ଼ରେ ପରେ ହାତରେ ନିଜ ଅଙ୍ଗୁଳି ରଖି କହିଲେ, ''ନାଡ଼ି ବନ୍ଦ ହୋଇଗଲାଣି ।'' ଏକଥା ଶୁଣି ସେ କହିଲେ, ''ବାସ୍, ଆଉ ଅଧଘଣ୍ଟାଏ ।'' ଏକଥା କହି ସେ ନୀରବ ହୋଇଗଲେ । ସେହି ସମୟରେ ତାଙ୍କ ଜ୍ୟେଷ୍ଠପୁତ୍ର ନିଜ ଦୁଇ ଛୋଟପୁତ୍ରଙ୍କୁ ଡାକି ଆଣି ତାଙ୍କ ପାଖରେ ବସାଇ ସେମାନଙ୍କ ନାମ ଉଚ୍ଚାରଣ କରି ପିତାଙ୍କୁ କହିଲେ, ''ଏମାନଙ୍କୁ ଦେଖନ୍ତୁ ।'' ଏକଥା ସେ ନ ଶୁଣିଲା ପରି ଉତ୍ତର ଦେଲେ ନାହିଁ କିଂବା ଦୃଷ୍ଟି ଫେରାଇ ଦେଖିଲେ ନାହିଁ । ମୃତ ବ୍ୟକ୍ତି ପାଖରେ ଏହିପରି ଚର୍ଚ୍ଚା କରିବା ଏକେବାରେ ଭୁଲ୍ ଏବଂ ଅନ୍ୟାୟ । ସେ ସମୟରେ କେବଳ ଭଗବତ୍ ନାମ ସ୍ମରଣ କରିବାକୁ କହିଦେବା ଉଚିତ । ଯଦି ମୃତ ବ୍ୟକ୍ତିର ଚେତନା ନଷ୍ଟ ହୋଇଯାଏ, ତେବେ ତାକୁ ଭଗବାନଙ୍କ ନାମ ଶୁଣାଇଦେବା ଭଲ । ଏହିପରି କେତେ ମିନିଟ୍ ବ୍ୟତୀତ ହେବା ପରେ ବ୍ୟାକୁଳ ସ୍ୱରରେ କହିଲେ, ''ମୁଁ କ'ଣ କରିବି ?'' — ''ଭଗବାନଙ୍କ ନାମ ନିଅ ।'' ଏହା ଶୁଣିବାମାତ୍ରେ ସେ ଭଗବାନଙ୍କର ନାମ ଜୋର୍‌ରେ ଉଚ୍ଚାରଣ କରିବାକୁ ଲାଗିଲେ । ନାମ ଉଚ୍ଚାରଣ କରୁଥିବା ସମୟରେ ତାଙ୍କ ପ୍ରାଣପକ୍ଷୀ ଉଡ଼ିଗଲା ଏବଂ ମୁଖ ବନ୍ଦ ହୋଇଗଲା ଏହା ଚକ୍ଷୁରେ ଦେଖିବା ଘଟଣା ।

ମୃତ୍ୟୁ ସମୟରେ ମନୁଷ୍ୟର ଚେତନା ନଷ୍ଟ ହୋଇଯାଏ । ବୁଦ୍ଧିଭ୍ରମ ହୁଏ । ସ୍ୱପ୍ନ ପରି ଗୋଟାଏ ଅବସ୍ଥା ଆସେ । କେହି କେହି ଅଚେତନାରେ ଡୁବିଯାଆନ୍ତି । ସେତେବେଳେ ମନୁଷ୍ୟର ଅଭ୍ୟାସ ଅନୁସାରେ ବସ୍ତୁ ସ୍ମରଣ ହୁଏ । ସ୍ମରଣ ଅନୁସାରେ ତା'ର ଗତି ହୁଏ । ଭଗବାନଙ୍କୁ ସ୍ମରଣ କଲେ ମୁକ୍ତି ମିଳେ । ସାଂସାରିକ ବସ୍ତୁ ସ୍ମରଣ କଲେ ସେହି ଅନୁସାରେ ସଂସାରରେ ଜନ୍ମ ନେବାକୁ ହୁଏ । 'ରାମଚରିତ-ମାନସ' କହିଛି, ''ଜନମ, ଜନମ ମୁନି ଯତନ କରାହିଁ । ଅନ୍ତ ରାମ କହି ଆବତ ନାହିଁ ॥'' ଅର୍ଥାତ୍ ''ମୁନିମାନେ ଜନ୍ମଜନ୍ମାନ୍ତର ନାମ ସ୍ମରଣାଦି ସାଧନା ଅଭ୍ୟାସ କରି ଅନ୍ତ ସମୟରେ ରାମନାମ କହି ପୁନରାଏ ଏ ସଂସାରରେ ଜନ୍ମଗ୍ରହଣ କରନ୍ତି ନାହିଁ । ମୁକ୍ତିକୁ ପ୍ରାପ୍ତ ହୁଅନ୍ତି ।'' ଗୀତାରେ ଅଛି ''ଯଂ ଯଂ ବାପି ସ୍ମରନ୍ ଭାବଂ ତ୍ୟଜତ୍ୟନ୍ତେ କଳେବରମ୍, ତଂ ତମେବୈତି କୌନ୍ତେୟ ସଦା ମଦ୍‌ଭାବ ଭାବିତଃ ।'' ଅର୍ଥାତ୍ ''ହେ କୁନ୍ତୀସୁତ ଅର୍ଜୁନ, ମନୁଷ୍ୟ ଅନ୍ତ ସମୟରେ ଯାହାକୁ ସ୍ମରଣ କରି ଶରୀର ତ୍ୟାଗ କରେ ତାହାକୁହିଁ ସେ ପ୍ରାପ୍ତ ହୁଏ । କିନ୍ତୁ ସେ ସଦାସର୍ବଦା ଯାହାକୁ ସ୍ମରଣ କରୁଥାଏ, ଅନ୍ତ ସମୟରେ ପ୍ରାୟ ତାହାହିଁ ସ୍ମରଣ ହୁଏ ।''

ଗୀତାଦି ଶାସ୍ତ୍ର ବାକ୍ୟାନୁସାରେ ଉକ୍ତ ବ୍ୟକ୍ତି ସଦ୍‌ଗତି ପ୍ରାପ୍ତ ହୋଇଥିବେ । ଏଠାରେ ଏହି ଘଟଣାଟିର ଅବତାରଣା କରିବାର ଉଦ୍ଦେଶ୍ୟ ହେଲା,— ଏହି ବ୍ୟକ୍ତି କୌଣସି ବଡ଼ ସାଧକ ନ ଥିଲେ, କଠୋର ତପସ୍ୟା କରି ନାହାନ୍ତି, ଆସନ ଲଗାଇ ବସି ଧ୍ୟାନ କରୁଥିବାର କିଂବା ହାତରେ ମାଳାସହ ନାମଜପ କରୁଥିବାର କେହି କେବେ ଦେଖି ନ ଥିବେ । ତାଙ୍କର ଥିଲା ସରଳତା । ନିଜ ଭୋଜନକୁ ପ୍ରତିଦିନ ସମର୍ପଣ କରି ଗ୍ରହଣ କରୁଥିଲେ । ରାତ୍ରିରେ ନିଦ୍ରା ଅବସ୍ଥାରେ କେବେ କେବେ ହରେକୃଷ୍ଣ ନାମ ତାଙ୍କ ମୁଖରୁ ଉଚ୍ଚାରିତ ହେବାର ଶୁଣାଯାଉଥିଲା । ଏଥିରୁ ଅନୁମାନ କରାଯାଏ ଯେ ଘରର ସମସ୍ତ କର୍ମ କରିବା ସମୟରେ ସେ ମନେମନେ ନାମଜପ କରୁଥିଲେ । ନଚେତ୍ ନିଦ୍ରାବସ୍ଥାରେ, ଅଚେତନ ଅବସ୍ଥାରେ ନାମ ଜପ ହୁଅନ୍ତା ନାହିଁ ।

ଏହିପରି ସରଳ ସାଧନା ଯେକୌଣସି ସାଧାରଣ ଗୃହୀ କରିପାରିବେ । ମନୁଷ୍ୟ କିଛି ବି କରିବାକୁ ଚାହେଁ ନାହିଁ, କହିଦିଏ,– ''ଆମେ ଗୃହସ୍ଥ ଲୋକ, ଆମ ପକ୍ଷେ ଭଗବତ୍‌ପ୍ରାପ୍ତି ଅସମ୍ଭବ ।'' ଭଗବତ୍ ପ୍ରାପ୍ତି ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସମ୍ଭବ, ଯଦି ବିଶ୍ୱାସ ସହିତ ଭଗବାନଙ୍କୁ ସେ ଡାକେ । ଏହାଛଡ଼ା ଭଗବାନଙ୍କ ପ୍ରତି ଶ୍ରଦ୍ଧା-ବିଶ୍ୱାସ ରଖିଲେ ମନୁଷ୍ୟ ବହୁ ବିପଦରୁ ରକ୍ଷା ପାଏ । ଏହାସବୁ କେବଳ କଳ୍ପନା ନୁହେଁ, ବହୁ ଲୋକ ଏହା ଅନୁଭବ କରିଛନ୍ତି ।

## (୨)

## ଗୁରୁନିଷ୍ଠା

ପ୍ରଶ୍ନ : ମୁଁ ଜଣେ ମହାପୁରୁଷଙ୍କ ଶିଷ୍ୟ । ତାଙ୍କ କୃପା ମୁଁ ପାଇଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନ ପରେ ମୋର ଚିର-ଅଭିଳଷିତ ଆଶା ପୂରଣ ହେଲା ଭଳି ଲାଗୁଛି । ମୋର ଏହି ଆଶା ଥିଲା ଯେ ଅଧ୍ୟାତ୍ମ ସତ୍ୟ ଜନସାଧାରଣଙ୍କୁ ମିଳୁ । ଏହା ପାଇଲି ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ । ଶ୍ରୀଅରବିନ୍ଦଙ୍କ ଯୋଗହିଁ ଯୁଗଧର୍ମ ଏବଂ ପ୍ରତ୍ୟେକ ବ୍ୟକ୍ତିର ଉପଯୋଗୀ । ମନୁଷ୍ୟ ନିଜ କର୍ମ ପରିତ୍ୟାଗ ନ କରି ସେହି କର୍ମ ସମର୍ପଣ ଦ୍ୱାରା ଲକ୍ଷ୍ୟରେ ପହଞ୍ଚିପାରିବ । ଏହା ଅତି ସହଜରେ ସାଧିତ ହେବ ମା'ଙ୍କ ଉପରେ ନିର୍ଭରତା ଓ ଭରସା ରଖିଲେ । ଏହା ତ ଏକେବାରେ ଠିକ୍ । କିନ୍ତୁ ମୋର ଗୁରୁ ଭିନ୍ନ । ମୁଁ କିପରି ଭାବ ରଖିଲେ ମୋର ପ୍ରଥମ ଗୁରୁନିଷ୍ଠା ବ୍ୟାହତ ହେବ ନାହିଁ ? ଏ ବିଷୟରେ ବୁଝାଇ ଲେଖିବେ ।

ଉତ୍ତର : 'ଗୁରୁ' ଶବ୍ଦର ଅର୍ଥ ଅନ୍ଧକାର ଦୂରକରି ଆଲୋକ ଦେବା, ଅର୍ଥାତ୍ ଅଜ୍ଞାନତା ଦୂରକରି ଜ୍ଞାନ ପ୍ରଦାନ କରିବା । ଗୁରୁଙ୍କୁ ପରମତତ୍ତ୍ୱ ବୋଲି କୁହାହୋଇଛି – ଗୁରୁର୍ବ୍ରହ୍ମା, ଗୁରୁର୍ବିଷ୍ଣୁ, ଗୁରୁର୍ଦେବଃ ମହେଶ୍ୱରଃ, ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।'' ଯଥାର୍ଥରେ ଗୁରୁ ପରମତତ୍ତ୍ୱ । ଭଗବାନ୍ ଗୁରୁ ମଧ୍ୟରେ ଶିଷ୍ୟକୁ ଉପଦେଶ ଦେବା ନିମିତ୍ତ ପ୍ରକଟ ହୁଅନ୍ତି । ଶିଷ୍ୟର ଆବଶ୍ୟକ ଅନୁସାରେ ସେହି ଏକହିଁ ପରମତତ୍ତ୍ୱ ଭିନ୍ନ ଭିନ୍ନ ଶରୀର ମଧ୍ୟଦେଇ ଶିଷ୍ୟକୁ ଶିକ୍ଷା ଦିଅନ୍ତି । ଗୁରୁଙ୍କ ଶୁଦ୍ଧ ସ୍ୱରୂପ ଏବଂ ପରଂବ୍ରହ୍ମ ଏକ ବସ୍ତୁ । ସେ କେବଳ ପୃଥକ୍ ରୂପରେ ଆସନ୍ତି । ଗୁରୁତତ୍ତ୍ୱ ଶାଶ୍ୱତ, ତାଙ୍କର ନାଶ କେବେ ବି ହୁଏ ନାହିଁ । କେବଳ ନାଶବାନ୍ ଶରୀରର ପରିବର୍ତ୍ତନ ହୁଏ । ଗୁରୁଙ୍କ ଶରୀର ନିର୍ମାଣ ହୋଇଥାଏ ମନ-ପ୍ରାଣ-ଶରୀରର ସମଷ୍ଟିରେ । ଗୁରୁ ଏହି ଶରୀର ତ୍ୟାଗ କଲେ ମନ, ପ୍ରାଣ ଓ ଶରୀର ଯଥାକ୍ରମେ ବିଶ୍ୱ ମନ, ବିଶ୍ୱ ପ୍ରାଣ ଓ ଶରୀର (ଅପ୍, ତେଜଃ, ବାୟୁ ଇତ୍ୟାଦି)ରେ ମିଶି ଯାଆନ୍ତି । ଶାଶ୍ୱତ ରୂପେ ସ୍ଥାୟୀ ରହେ ଆତ୍ମା ବା ଗୁରୁତତ୍ତ୍ୱ । ତା'ର କେବେ ବି ନାଶ ହୁଏ ନାହିଁ । ସେହି ଆତ୍ମା ଏକ ତତ୍ତ୍ୱ । ତାକୁ ଆମେ ପୃଥକ୍ କରି ପାରିବା ନାହିଁ । ଆତ୍ମା ପରମାତ୍ମାଙ୍କ ସ୍ୱରୂପଭୂତ ହେବାରୁ ସେ ଏକ । ସେହି 'ଏକ' ଭିନ୍ନ ଭିନ୍ନ ରୂପରେ ପ୍ରକଟ ହୋଇଛନ୍ତି । ଅତଏବ ଏହି ବିଭେଦତା କେବଳ ସୀମିତ ମନର । ମନ ସର୍ବଦା ସନ୍ଦେହଯୁକ୍ତ ।

ଗୁରୁଙ୍କର ଉଦ୍ଦେଶ୍ୟ ହେଲା ଶିଷ୍ୟକୁ ଭଗବାନଙ୍କ ପାଖରେ ପହଞ୍ଚାଇଦେବା । ଶିଷ୍ୟର ଆଧାର ପ୍ରସ୍ତୁତି ତଥା ଗ୍ରହଣଶୀଳତା ଅନୁସାରେ ସମୟୋପଯୋଗୀ ଶିକ୍ଷା ଗୁରୁ ଦିଅନ୍ତି । ସାଧନା ଆରମ୍ଭ ମାତ୍ରେ କିଂବା କିଛିଦୂର ଅଗ୍ରସର ହେବାପରେ ଆଧାର ପ୍ରସ୍ତୁତି ହୁଏ ନାହିଁ, ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ଆଧାର ତୟାରି ଚାଲିଥାଏ ଏବଂ ଗୁରୁଙ୍କ ନିର୍ଦ୍ଦେଶ ଏବଂ ସାହାଯ୍ୟର ଆବଶ୍ୟକ ଥାଏ । ଶିଷ୍ୟର ଆଧାର ତୟାରି ପୂର୍ବରୁ, ଭଗବତ୍ ପ୍ରାପ୍ତି ପୂର୍ବରୁ ଯଦି ଗୁରୁ ଶରୀର ତ୍ୟାଗ କରନ୍ତି, ସେସମୟରେ ଶିଷ୍ୟର ନିଜ ଅନ୍ତରରୁ ଭଗବତ୍ ପ୍ରେରଣା ପାଇବା ସକାଶେ ଚେତନା ବିକଶିତ ହୋଇ ନ ଥାଏ । ଶିଷ୍ୟ ଯଦି ମୋହ ଏବଂ ଭ୍ରମବଶତଃ ଗୁରୁନିଷ୍ଠାର ଠିକ୍ ଅର୍ଥ ନ ବୁଝି ଭଗବତ୍ ପ୍ରାପ୍ତି ସକାଶେ କୌଣସି ସିଦ୍ଧପୁରୁଷଙ୍କଠାରୁ ସାହାଯ୍ୟ ନ ନିଏ, ତେବେ ସେ ଲକ୍ଷ୍ୟସିଦ୍ଧି କରିପାରେ ନାହିଁ । ଗୁରୁଙ୍କ ଉଦ୍ଦେଶ୍ୟ ଶିଷ୍ୟର ଭଗବତ୍ ପ୍ରାପ୍ତି । ଭଗବତ୍ ପ୍ରାପ୍ତିରେହିଁ ଯଥାର୍ଥ ଗୁରୁନିଷ୍ଠା । ଭଗବତ୍ ପ୍ରାପ୍ତି ନ ହେବା ଗୁରୁନିଷ୍ଠାର ବିରୋଧ । ଭଗବତ୍ ପ୍ରାପ୍ତି ସକାଶେ ଅନ୍ୟଠାରୁ

ସାହାଯ୍ୟ ନ ନେବା ଯଥାର୍ଥରେ ଗୁରୁନିଷ୍ଠାର ବିରୋଧ । ଭଗବତ୍ ପ୍ରାପ୍ତି ସକାଶେ ଅନ୍ୟ ମହାପୁରୁଷଙ୍କ ସାହାଯ୍ୟ ନେବା ଯଥାର୍ଥରେ ଗୁରୁନିଷ୍ଠା ପୂର୍ଣ୍ଣ କରିବା । କାରଣ ପୂର୍ବେ କୁହାହୋଇଛି ଏକହି ପରମତତ୍ତ୍ୱ ଭିନ୍ନ ଭିନ୍ନ ଶରୀରରେ ଶିଷ୍ୟକୁ ସାହାଯ୍ୟ କରନ୍ତି । ଅନ୍ୟ ପକ୍ଷରେ ଶିଷ୍ୟର ଉଦ୍ଦେଶ୍ୟ ଯଦି କେବଳ ଗୁରୁ କରିବା ହୋଇଥାଏ, ତେବେ ତ ଠିକ୍, ଗୁରୁ ଶରୀର ତ୍ୟାଗ କଲା ପରେ ସେ ଚୁପ୍ ହୋଇ ବସି ରହିବ । କିନ୍ତୁ ଯଦି ଭଗବତ୍ ପ୍ରାପ୍ତିର ଉଦ୍ଦେଶ୍ୟ ଥାଏ, ତେବେ ଭଗବତ୍ ପ୍ରାପ୍ତି ପର୍ଯ୍ୟନ୍ତ ପ୍ରଯତ୍ନ କରିବାର ଅର୍ଥହିଁ ହେଲା ଯଥାର୍ଥ ଗୁରୁନିଷ୍ଠା । କାରଣ ଗୁରୁ ଯେଉଁ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟ ଶିଷ୍ୟ ସମ୍ମୁଖରେ ରଖିଥିଲେ ସେ ତାହାହିଁ କରିବାକୁ ପ୍ରଯତ୍ନଶୀଳ । ଯେଉଁ ବ୍ୟକ୍ତି ପ୍ରଯତ୍ନ ନ କରେ, ସେହି ବ୍ୟକ୍ତି ଯଥାର୍ଥରେ ଗୁରୁ ଆଜ୍ଞା ଅବଜ୍ଞା କରେ ।

ଗୁରୁ ମଧ୍ୟରେ ବିରୋଧର ସ୍ଥାନ ନାହିଁ । ଆପଣଙ୍କୁ କ, ଖ ଯେଉଁ ମାଷ୍ଟର ପଢ଼ାଇଥିଲେ, ତାଙ୍କଠାରୁ ଆପଣ ଏମ୍. ଏ. ପଢ଼ିବେ କି ? ଏମ୍. ଏ. ଅନ୍ୟ ମାଷ୍ଟରଙ୍କ ପାଖରୁ ପଢ଼ିଲେ କ, ଖ, ପଢ଼ାଇଥିବା ଗୁରୁଙ୍କୁ କ'ଣ ଅବମାନନା କରାହୁଏ ? କ'ଣ କ, ଖ ପଢ଼ି ନ ଥିଲେ ଏମ୍, ଏ. ପଢ଼ିଥା'ନ୍ତେ ? ଏମ୍, ଏ, ରେ ଯଦି କ, ଖ ପଢ଼ାର ଆବଶ୍ୟକ ହୁଏ, ତେବେ ପ୍ରଥମ ଗୁରୁଙ୍କର ଯଥାର୍ଥ ସ୍ଥାନ ରହେ । କ, ଖ ଆଧାର ହେଲେ ତାହା ଉପରେ ଏମ୍. ଏ. ପ୍ରତିଷ୍ଠିତ ହୋଇପାରିବ । କ, ଖ ଆଧାର ହେଲେ କ, ଖ ପଢ଼ାଇଥିବା ଗୁରୁଙ୍କର ସମ୍ମାନ ସବୁସମୟରେ ବଜାୟ ରହିବ ।

ଯେତେ ବଡ଼ ବଡ଼ ମହାପୁରୁଷ ହୋଇଛନ୍ତି ସେମାନଙ୍କର ପ୍ରତ୍ୟେକଙ୍କର ଏକାଧିକ ଗୁରୁ । ଶ୍ରୀନିଗମାନନ୍ଦଙ୍କର ତାନ୍ତ୍ରିକ ଗୁରୁ, ଯୋଗୀ ଗୁରୁ, ବୈଷ୍ଣବ ଗୁରୁ, ଏହି ତିନି ଗୁରୁଙ୍କ ବ୍ୟତୀତ ଅନ୍ୟ ଗୁରୁ ମଧ୍ୟ ଅଛନ୍ତି । ଚୈତନ୍ୟ ମହାପ୍ରଭୁଙ୍କର ଦୁଇ ଗୁରୁ, ଶ୍ରୀ ରାମକୃଷ୍ଣ ପରମହଂସଙ୍କର ତିନି ଗୁରୁ । ଆଜିକାଲି ମଧ୍ୟ ଅଧିକାଂଶ ବ୍ୟକ୍ତିଙ୍କର ଦୀକ୍ଷାଗୁରୁ, ସଦ୍‌ଗୁରୁ ହେଉଅଛନ୍ତି । ଯଦି ଏଥିରେ ପ୍ରକୃତରେ ବିରୋଧ ଥାଆନ୍ତା ତେବେ ଏମାନେ ସବୁ ପତିତ ହୋଇଥାଆନ୍ତେ । ଯେଉଁ ମହାପୁରୁଷମାନଙ୍କ ନାମ ଉଲ୍ଲେଖ କରାଗଲା ଏମାନଙ୍କର ଏକାଧିକ ଗୁରୁ । କ'ଣ ଆମ୍ଭେମାନେ ତାଙ୍କୁ ପୂଜା କରୁ ନାହୁଁ ? ଏମାନେ ଯଦି ଏକଗୁରୁନିଷ୍ଠାରେ ପଡ଼ି ରହିଥାଆନ୍ତେ ତେବେ ସେମାନଙ୍କର ସାଧନା ପୂର୍ଣ୍ଣ ହୋଇ ନ ଥା'ନ୍ତା । ତେବେ ତାଙ୍କଠାରୁ ଆମ୍ଭେମାନେ ଲାଭବାନ୍ ହୋଇ ନ ଥା'ନ୍ତୁ କିଂବା ତାଙ୍କୁ ପୂଜା କରନ୍ତୁ ନାହିଁ । ଏପରି ସଙ୍କୁଚିତ ଧାରଣା ଉନ୍ନତି ମାର୍ଗରେ ବହୁତ ବାଧା ଦିଏ ।

ମନେକରନ୍ତୁ ଶ୍ରୀଅରବିନ୍ଦ ଓ ଶ୍ରୀମା ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣିଛନ୍ତି ସୃଷ୍ଟିରେ ଗୋଟିଏ ନୂତନ ଦିବ୍ୟ-ମାନବ-ଜାତି ସ୍ଥାପନ କରିବାକୁ, ଯାହାର ଫଳ ହେବ ସଂସାରରେ ସ୍ୱର୍ଗ ରାଜ୍ୟ ସ୍ଥାପନ; ଏହି କାର୍ଯ୍ୟ ଭଗବାନଙ୍କର । ଭଗବାନଙ୍କ ବ୍ୟତୀତ ଏତେ ବଡ଼ ପରିବର୍ତ୍ତନ କେବେ ବି ଅନ୍ୟ ଦ୍ୱାରା ହୁଏ ନାହିଁ । ଯଦି ଆମ୍ଭେମାନେ ଭ୍ରମବଶତଃ ଗୁରୁନିଷ୍ଠାର ଅର୍ଥ ନ ବୁଝି ଧାରଣା କରୁ, ''ଆମ୍ଭେ ଅନ୍ୟ ଗୁରୁ କରିଛୁ, ଅତଏବ ଏଥିରୁ ଆମ୍ଭେମାନେ ପୃଥକ୍ ରହିବା ଉଚିତ'', ତେବେ ଏହି ସାଧନାରୁ ବଞ୍ଚିତ ହେବୁ; ତା'ଛଡ଼ା ଭଗବାନଙ୍କ କାର୍ଯ୍ୟରେ ଅଂଶଗ୍ରହଣ କରିବୁ ନାହିଁ । ଅର୍ଥାତ୍ ଭଗବତ୍ ସେବାରୁ ବିରତ ହେବୁ । ସଙ୍କୁଚିତ ରୂପେ ଓ ଭ୍ରମମାର୍ଗରେ ଏହି ଯେଉଁ ଗୁରୁନିଷ୍ଠା, ଏହା ଆସିଛି ସାମ୍ପ୍ରଦାୟିକ ସୀମିତ ମନୋଭାବରୁ ।

ଶ୍ରୀଅରବିନ୍ଦଙ୍କ ଯୋଗ ସର୍ବାବସ୍ଥାରେ ସମ୍ପ୍ରଦାୟର ଊର୍ଦ୍ଧ୍ୱରେ; ଏଥିରେ ଜୀବନର ପୂର୍ଣ୍ଣତା ପ୍ରାପ୍ତ ହୁଏ । ମନ, ପ୍ରାଣ, ଶରୀରର ପୂର୍ଣ୍ଣ ରୂପାନ୍ତର, ଭଗବାନଙ୍କ ସଙ୍ଗେ ଏକତ୍ୱ ସ୍ଥାପନ ହୁଏ । ଶରୀରରୁ ରୋଗ, ଜରା ଦୂର ହୁଏ, ସମସ୍ତ ସତ୍ତାରେ ଭଗବତ୍ ଶକ୍ତି ପ୍ରକଟ ହୁଅନ୍ତି । ଏହା ପ୍ରତ୍ୟେକ ସମ୍ପ୍ରଦାୟ, ସାଧୁ, ସନ୍ଥ, ଗୃହସ୍ଥ ଓ ବିରକ୍ତଙ୍କର ଆବଶ୍ୟକ । ଅତଏବ ଶ୍ରୀଅରବିନ୍ଦ ଯୋଗ ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତି ଗ୍ରହଣ କରିପାରିବେ । ଏଥିରେ ଗୁରୁନିଷ୍ଠା ବ୍ୟାହତ ହୁଏ ନାହିଁ, ବରଂ ଗୁରୁନିଷ୍ଠା ପୂର୍ଣ୍ଣ ହୁଏ ।

ଏହି ବିଷୟ ବିସ୍ତୃତଭାବେ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' — ଦ୍ୱିତୀୟ ଭାଗରେ ଆଲୋଚିତ ହୋଇଛି । ତାକୁ ଆପଣ ମନଦେଇ ଭଲକରି ପଢ଼ନ୍ତୁ ।

*

ପ୍ରଶ୍ନ : ଯଦି ଏକହିଁ ପରମତତ୍ତ୍ୱ ଭିନ୍ନଭିନ୍ନ ଶରୀରରେ ଶିଷ୍ୟକୁ ଉପଦେଶ ଦିଅନ୍ତି, ତେବେ ଶିଷ୍ୟ ମଧ୍ୟରେ ସେହି ତତ୍ତ୍ୱ ଥାଏ, ଶିଷ୍ୟ ନିଜ ଅନ୍ତରର ସେହି ତତ୍ତ୍ୱରୁ ନିର୍ଦ୍ଦେଶ ପାଇପାରେ । ଫେର୍ ଅନ୍ୟ ବ୍ୟକ୍ତିଙ୍କଠାରୁ ଉପଦେଶର ଆବଶ୍ୟକତା କ'ଣ ?

ଉତ୍ତର : ସମସ୍ତ କାଷ୍ଠରେ ଅଗ୍ନି ଥାଏ । ସେହି ଅଗ୍ନି ଦ୍ୱାରା ରୋଷାଇ ହୁଏ ନାହିଁ । ବାହାର ଅଗ୍ନିର ସଂଯୋଗ ଆବଶ୍ୟକ ହୁଏ । ଶିଷ୍ୟ ମଧ୍ୟସ୍ଥ ପରମତତ୍ତ୍ୱ ମନ, ପ୍ରାଣର ଆବରଣରେ ଥାଏ, ସେଥିସକାଶେ ତା'ର ନିର୍ଦ୍ଦେଶ ଶିଷ୍ୟ ଜାଣିପାରେ ନାହିଁ । ଗୁରୁଙ୍କର ମନ, ପ୍ରାଣରୁ ଆବରଣ ଦୂର ହୋଇଥାଏ, ସେ ପରମତତ୍ତ୍ୱଙ୍କ ନିର୍ଦ୍ଦେଶ ବୁଝିପାରନ୍ତି ଏବଂ ଶିଷ୍ୟକୁ ଉପଦେଶ ଦିଅନ୍ତି । ସେହି ସକାଶେ ଶିଷ୍ୟର ଅନ୍ୟ ଗୁରୁ ଆବଶ୍ୟକ । ଶିଷ୍ୟର ଯଦି ଅନ୍ତରରୁ ଭଗବତ୍ ନିର୍ଦ୍ଦେଶ ପାଇବାର ଯୋଗ୍ୟତା ପ୍ରାପ୍ତ ହୋଇଥାଏ, ତେବେ ଅନ୍ୟର ସାହାଯ୍ୟ ଆବଶ୍ୟକ ହୁଏ ନାହିଁ । କିନ୍ତୁ ଏପରି ଶିଷ୍ୟ ହୁଅନ୍ତି କେବଳ ଭଗବାନଙ୍କ ଅବତାର । ସାଧାରଣ ବ୍ୟକ୍ତି ସକାଶେ ଗୁରୁ ଆବଶ୍ୟକ । ଏପରିକି ଶ୍ରୀରାମକୃଷ୍ଣ ପରମହଂସଙ୍କୁ ମା' କାଳୀ ସ୍ୱୟଂ ପରିଚାଳନା କରୁଥିଲେ; ଦର୍ଶନ ଦେଇ କଥାବାର୍ତ୍ତା କରୁଥିଲେ; ତଥାପି ଭୈରବୀ ଗୁରୁ ରୂପେ ଆସି ତାଙ୍କ ପାଖରେ ରହି ତାଙ୍କୁ ତନ୍ତ୍ରସାଧନାର ଶିକ୍ଷା ଦେଇଥିଲେ । ଜ୍ଞାନ ଉପଦେଶ ଦେଇଥିଲେ ତୋତାପୁରୀ । ଭଗବତ୍ ଶେଷପ୍ରାପ୍ତି ପର୍ଯ୍ୟନ୍ତ ଗୁରୁଙ୍କ ଆବଶ୍ୟକତା ଥାଏ ।

*

ପ୍ରଶ୍ନ : ଶିଷ୍ୟର ଯଦି ଅନ୍ୟ ଗୁରୁ ଆବଶ୍ୟକତା ଥାଏ ତେବେ ପ୍ରଥମ ଗୁରୁ ନିର୍ଦ୍ଦେଶ ଦେଇପାରନ୍ତି ଅଥବା ଗୁରୁ ଶରୀରତ୍ୟାଗ ପୂର୍ବରୁ ଶିଷ୍ୟର ଭାବୀ ଗୁରୁଙ୍କ ସନ୍ଧାନ ଦେଇପାରନ୍ତି ।

ଉତ୍ତର : ଏପରି ହୁଏ । ବହୁତ ଗୁରୁ ସ୍ୱୟଂ ଉପଦେଶ ନ ଦେଇ ନିଜ ଶିଷ୍ୟକୁ ଅନ୍ୟ ଗୁରୁଙ୍କ ପାଖକୁ ପଠାଇ ଦିଅନ୍ତି । ଏପରି ବହୁତ ଘଟଣା ଅଛି । ଏହା ପ୍ରତ୍ୟେକ ଶିଷ୍ୟ ସକାଶେ ଆବଶ୍ୟକ ନ ଥାଏ । ପ୍ରଥମ କଥା ହେଲା ସମସ୍ତ ଗୁରୁ ତ୍ରିକାଳଜ୍ଞ ନ ଥା'ନ୍ତି । ଯଦି ଥାଆନ୍ତି ତେବେ ଶିଷ୍ୟର ଜାଣିବା ଆବଶ୍ୟକ ମନେ କଲେ କହନ୍ତି ଅନ୍ୟଥା କହନ୍ତି ନାହିଁ ।

*

ପ୍ରଶ୍ନ : ଅଧ୍ୟାତ୍ମ ମାର୍ଗର ପରମ୍ପରା ଅନୁସାରେ ପ୍ରତ୍ୟେକ ଅଧ୍ୟାତ୍ମ ସମ୍ପ୍ରଦାୟରେ ଗୁରୁମାନେ ଶିଷ୍ୟକୁ ମନ୍ତ୍ରଦୀକ୍ଷା ଦିଅନ୍ତି । ଶିଷ୍ୟମାନେ ସେହି ମନ୍ତ୍ରଜପ ଦ୍ୱାରା ମୁକ୍ତି, ସିଦ୍ଧି ପ୍ରାପ୍ତ ହୁଅନ୍ତି । ଶ୍ରୀଅରବିନ୍ଦଙ୍କ ଯୋଗରେ ଆମ୍ଭମାନଙ୍କ ଗୁରୁ ଶ୍ରୀଅରବିନ୍ଦ ଏବଂ ମା' । ଆମ୍ଭମାନଙ୍କୁ କୌଣସି ମନ୍ତ୍ର ଦେଉ ନାହାନ୍ତି । ଆମ୍ଭେମାନେ ସିଦ୍ଧି ପ୍ରାପ୍ତ ହେବୁ କିପରି ?

ଉତ୍ତର : ଆପଣମାନଙ୍କର ମୁକ୍ତି-ସିଦ୍ଧିରେ କାମ ଚଳିବ ନାହିଁ, ଯଦ୍ୟପି ମୁକ୍ତି ପ୍ରାପ୍ତହେବ ରୂପାନ୍ତରର ମାର୍ଗରେ । ମନ, ପ୍ରାଣ ଓ ଶରୀର ତା'ର ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସମସ୍ତ ସତ୍ତାରେ ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମଙ୍କୁ ପ୍ରକାଶ କରିବାକୁ ହେବ । କୌଣସି ମନ୍ତ୍ରସିଦ୍ଧି ଦ୍ୱାରା ଏହା ସିଦ୍ଧି ହୋଇ ପାରିବ ନାହିଁ, ହେବ ଅତିମାନସ ଶକ୍ତି ଦ୍ୱାରା ମା'ଙ୍କ ଚରଣରେ ନିଜକୁ ପୂର୍ଣ୍ଣରୂପେ ସମର୍ପଣ କରିବାରେ । ଅତଏବ ଏହି ଯୋଗର ରହସ୍ୟ ସମର୍ପଣ । କାରଣ ଶରୀରର ରୂପାନ୍ତର ହୁଏ ଅତିମାନସ ଶକ୍ତି ଦ୍ୱାରା । ସେ ଶକ୍ତି ରୂପାନ୍ତର କ୍ରିୟାକରେ ସମର୍ପଣରେ । ମା'ଶ୍ରୀଅରବିନ୍ଦଙ୍କ ନାମଜପ ବା ସ୍ମରଣ ସାଧନାରେ ସାହାଯ୍ୟ କରେ, କିନ୍ତୁ ପୁରାତନ ଯୋଗରେ ମନ୍ତ୍ରଦୀକ୍ଷା ଯେପରି ଅପରିହାର୍ଯ୍ୟ ଏ ଯୋଗରେ ସେପରି ନୁହେଁ । ଏ ଯୋଗରେ ସମର୍ପଣ ଅପରିହାର୍ଯ୍ୟ ।

*

ପ୍ରଶ୍ନ : ଅନ୍ୟାନ୍ୟ ଗୁରୁଙ୍କ ପରି ମା' ଆମ୍ଭମାନଙ୍କୁ କୌଣସି ଉପଦେଶ ବା ଦୀକ୍ଷା ଦେଉ ନାହାନ୍ତି । ଆମ୍ଭେମାନେ ଲକ୍ଷ୍ୟରେ ପହଞ୍ଚିବୁ କିପରି ?

ଉତ୍ତର : ଉପଦେଶ ବା ଦୀକ୍ଷା ଦ୍ୱାରା ଅତିମାନବ ବା ରୂପାନ୍ତର-ସିଦ୍ଧି ସମ୍ଭବ ନୁହେଁ । ଲକ୍ଷ୍ୟସିଦ୍ଧି ହୁଏ ମା'ଙ୍କର ଅତିମାନସ ଶକ୍ତିର ରୂପାନ୍ତର କ୍ରିୟା ଦ୍ୱାରା । ଯେଉଁ ଗୁରୁମାନେ କେତେକ ସଂଖ୍ୟକ ଶିଷ୍ୟଙ୍କୁ ମୁକ୍ତି ବା ଭଗବତ୍‌ପ୍ରାପ୍ତି ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି, ସେମାନଙ୍କୁ ଉପଦେଶ ଏବଂ ନିର୍ଦ୍ଦେଶ ଦେବାକୁ ହୁଏ । କିନ୍ତୁ ଯେଉଁ ଜଗଦ୍‌ଗୁରୁ ସମଗ୍ର ପୃଥିବୀରେ ଗୋଟିଏ ନୂତନ ମାନବଜାତି ସ୍ଥାପନା କରିବାକୁ ଆସନ୍ତି, ଅଜେୟ ଜରା-ରୋଗ-ମୃତ୍ୟୁ ତଥା ଜାଗତିକ ପ୍ରକୃତି ଉପରେ ବିଜୟପ୍ରାପ୍ତ ହେବାକୁ ଆସନ୍ତି, ସେ ଗୋଟିଏ ସ୍ଥାନରେ ରହି ବ୍ୟାପକରୂପେ ସମସ୍ତ ଦେଶରେ, ସମସ୍ତ ଶିଷ୍ୟଙ୍କ ହୃଦୟରେ ସେମାନଙ୍କ ଜ୍ଞାତ ବା ଅଜ୍ଞାତରେ ପ୍ରେରଣା ଦିଅନ୍ତି, ଅନ୍ତର୍ନିର୍ଦ୍ଦେଶରେ ଶିଷ୍ୟକୁ ପରିଚାଳନା କରନ୍ତି । ତାଙ୍କୁ ସ୍ଥୂଳରୂପେ ଉପଦେଶ ଦେବାକୁ ପଡ଼େ ନାହିଁ । ସ୍ଥୂଳରୂପେ ଉପଦେଶ ଦେଲେ ଶିଷ୍ୟର ରୂପାନ୍ତର ସମ୍ଭବ ହୁଏ ନାହିଁ । କାରଣ ବ୍ୟକ୍ତିର ସମସ୍ତ ସତ୍ତା ରୂପାନ୍ତର ହେବାକୁ ଚାହାନ୍ତି ନାହିଁ, ବିରୋଧୀ ଶକ୍ତି ଛିଦ୍ର ଖୋଜୁଥାଆନ୍ତି, ସୁଯୋଗ ପାଇ ସାଧକକୁ ଆକ୍ରମଣ କରନ୍ତି । ଏପରି ଅବସ୍ଥାରେ ମା'ଙ୍କ ଶକ୍ତି ସାଧକ ମଧ୍ୟରେ କ୍ରିୟା କରେ ଏବଂ ତାକୁ ବିରୋଧୀ ଶକ୍ତିର କୌଶଳ ଚିହ୍ନାଇ ଦିଏ ।

*

ପ୍ରଶ୍ନ : ମା' କ'ଣ ସମସ୍ତ ପ୍ରଶ୍ନର ଉତ୍ତର ଦିଅନ୍ତି ?

ଉତ୍ତର : କୌଣସି ବିଶେଷ ପ୍ରଶ୍ନ ବ୍ୟତୀତ ସବୁ ପ୍ରଶ୍ନର ଉତ୍ତର ମା' ନିଜେ ଲେଖିକରି ଦିଅନ୍ତି ନାହିଁ । ପ୍ରଶ୍ନକର୍ତ୍ତାର ପ୍ରଶ୍ନ ଯଦି ଆନ୍ତରିକ ହୋଇଥାଏ ତେବେ ନିଜ ପ୍ରଶ୍ନର ଉତ୍ତର ନିଜ ଅନ୍ତରରୁ ପାଇପାରେ । ଯଦି ପ୍ରଶ୍ନ ଆନ୍ତରିକ ହୋଇଥାଏ, କିନ୍ତୁ ତା' ଉପରେ ମନ-ବୁଦ୍ଧିର ତର୍କର ଆବରଣ ପଡ଼ିଥାଏ କିଂବା ବୁଦ୍ଧିର ଜଟିଳତା ଯୋଗୁଁ ତା'ର ଗ୍ରହଣ-ସାମର୍ଥ୍ୟ ଅବରୁଦ୍ଧ ହୋଇଥାଏ, ତେବେ ମା'ଙ୍କ ପ୍ରେରଣାରୁ କୌଣସି ବହି ପଢ଼ିବା ଦ୍ୱାରା, କୌଣସି ବ୍ୟକ୍ତି ସଙ୍ଗେ କଥାବାର୍ତ୍ତା କରିବା ଦ୍ୱାରା ଅଥବା ଅନ୍ୟ ଯେକୌଣସି ପ୍ରକାରେ ତା'ର ପ୍ରଶ୍ନର ଉତ୍ତର ମିଳେ । ଯଦି ପ୍ରଶ୍ନ ଆନ୍ତରିକ ହୋଇ ନ ଥାଏ, ଆଧାରରେ ଗ୍ରହଣଶୀଳତାର ଅଭାବ ଥାଏ, ପ୍ରଶ୍ନ କେବଳ ମାନସିକ ବ୍ୟାୟାମ ବ୍ୟତୀତ ଆଉ କିଛି ନ ହୋଇଥାଏ, ତେବେ ଏପରିସ୍ଥଳେ ପ୍ରଶ୍ନର ଉତ୍ତର ଆଦୌ ମିଳେ ନାହିଁ । ଏହିସବୁ କାରଣରୁ ଏପରି ପ୍ରଶ୍ନର ଉତ୍ତର ମା' ଦିଅନ୍ତି ନାହିଁ ।

ପ୍ରଶ୍ନ : ଗୁରୁ ଶରୀର ତ୍ୟାଗ କରିବା ପରେ ଶିଷ୍ୟ ତାଙ୍କ କୃପା ଲାଭ କରିପାରେ କି ?

ଉତ୍ତର : ଏହା ନିର୍ଭର କରେ ଶିଷ୍ୟର ଗ୍ରହଣଶୀଳତା, ବିଶ୍ୱାସ ଓ ନିର୍ଭରତା ଉପରେ । ଶିଷ୍ୟର ଯଦି ଦୃଢ଼ ବିଶ୍ୱାସ ଥାଏ, କିନ୍ତୁ ଗୁରୁଙ୍କର ସେତେ ଯୋଗ୍ୟତା ନ ଥାଏ, ତେବେ ଶିଷ୍ୟର ବିଶ୍ୱାସ ଯୋଗୁଁ ସେ ଭଗବାନଙ୍କ କୃପା ଲାଭ କରିପାରେ ।

*

ପ୍ରଶ୍ନ : ସଦ୍‌ଗୁରୁ ସ୍ଥୂଳଭାବେ ଗ୍ରହଣୀୟ ନା ସୂକ୍ଷ୍ମଭାବେ ଗ୍ରହଣୀୟ ? ଯଦି ସ୍ଥୂଳ ରୂପରେ ନ ଥାଆନ୍ତି ତେବେ ଶିଷ୍ୟଠାରେ ତାଙ୍କ ଶକ୍ତି ସଞ୍ଚାର ହେବ କିପରି ?

ଉତ୍ତର : ଗୁରୁ ଗ୍ରହଣୀୟ ସ୍ଥୂଳରୂପେ । ଯଦି ସୂକ୍ଷ୍ମଭାବେ ଗ୍ରହଣ କରାହୁଏ ତେବେ ଅନ୍ୟ ଗୁରୁ କରିବା ଆବଶ୍ୟକ ହୁଏ ନାହିଁ । ଭଗବାନ୍ ସୂକ୍ଷ୍ମ ରୂପେ ସର୍ବତ୍ର ବିଦ୍ୟମାନ । ତାଙ୍କୁହିଁ ଗୁରୁରୂପେ ଗ୍ରହଣ କରିବା ଅଧିକ ନିର୍ଦ୍ୱନ୍ଦ୍ୱ, କାରଣ ଭଗବାନ୍ ବ୍ୟାପକରୂପେ ଥିବାର କୌଣସି ସନ୍ଦେହ ନାହିଁ, ନିଜ ମଧ୍ୟରେ ଆତ୍ମାରୂପେ ବିଦ୍ୟମାନ । ଯେଉଁ ଗୁରୁଙ୍କୁ ସୂକ୍ଷ୍ମରୂପେ ଗ୍ରହଣ କରାହେବ ତାଙ୍କ ବ୍ୟାପକତ୍ୱ ଏବଂ ଉପସ୍ଥିତିରେ ସନ୍ଦେହ ହୋଇପାରେ, କିନ୍ତୁ ଭଗବାନଙ୍କ ଉପସ୍ଥିତିରେ ସନ୍ଦେହ ନ ଥାଏ ।

ଯଦି ଗୁରୁ ପ୍ରଭାବଶାଳୀ ଏବଂ ବିଶେଷ କାର୍ଯ୍ୟ କରିବାକୁ ସଂସାରକୁ ଆସିଥାଆନ୍ତି, ତେବେ ଜୀବିତ ଅବସ୍ଥାରେ ବିଶେଷ ଶକ୍ତି ଦ୍ୱାରା କାର୍ଯ୍ୟ କରନ୍ତି । ସେତେବେଳେ ତାଙ୍କ ସ୍ଥୂଳ ଶରୀର ଦ୍ୱାରା ତାଙ୍କ ଶକ୍ତି ବ୍ୟାପକରୂପେ କାର୍ଯ୍ୟ କରେ । ଶରୀରରେ ଥିବା ସମୟରେ ଶିଷ୍ୟ ଥରେ ମାତ୍ର ନ ଦେଖି ଯଦି ଯଥାର୍ଥ ବିଶ୍ୱାସ ରଖିପାରେ, ତେବେ ସେ ତାଙ୍କର ଶକ୍ତି ଗ୍ରହଣ କରିପାରିବ । ଶିଷ୍ୟ ପତିତ ହେଉ ଅଥବା ଧର୍ମାତ୍ମା ହେଉ, ସେଥିରେ କିଛି ଯାଏ ଆସେ ନାହିଁ । ପ୍ରଧାନ କଥା

ହେଲା ତା'ର ଆଧାର ଗ୍ରହଣଶୀଳ ହେବା ଏବଂ ତା'ର ବିଶ୍ୱାସ ରହିବା । ଧର୍ମାତ୍ମା ବ୍ୟକ୍ତିର ଯଦି ଆଧାର ତୟାର ନ ଥାଏ, ବିଶ୍ୱାସ ନ ଥାଏ, ତେବେ ସେ ଗୁରୁକୃପା ପାଇପାରେ ନାହିଁ ।

*

ପ୍ରଶ୍ନ : ସଦ୍‌ଗୁରୁ ଶରୀରତ୍ୟାଗ କରିବା ପରେ ତାଙ୍କର ଶିଷ୍ୟ ଗୁରୁ ହୋଇ ପାରନ୍ତି କି ନାହିଁ ?

ଉତ୍ତର : ଶିଷ୍ୟ ଅନୁପଯୁକ୍ତ ଥିଲେ ଗୁରୁ ହେବା ଉଚିତ ନୁହେଁ । କାହାର ପିତା ହୁଏତ ବହୁତ ଧନୀ ଥିଲେ । ବିଶେଷ ଦାନ କରୁଥିଲେ । ତାଙ୍କ ପୁତ୍ର ଏକେବାରେ ଗରିବ ହୋଇପାରନ୍ତି ସବୁବେଳେ ଧନାଭାବ । କ'ଣ ସେ ଧନୀର ପୁତ୍ର ବୋଲି ନିଜେ ଖାଇବାକୁ ନ ପାଇବା ଅବସ୍ଥାରେ ଅନ୍ୟକୁ ଦାନ ଦେଇ ପାରିବେ ? ଶିଷ୍ୟ ଯଦି ଗୁରୁଙ୍କ ଶକ୍ତି ଗ୍ରହଣ କରିପାରି ନାହାନ୍ତି, ତାଙ୍କର କୌଣସି ଶକ୍ତି ନାହିଁ; ସେ ଅନ୍ୟକୁ କିପରି ଶକ୍ତି ଦେବେ ? ଗୁରୁଙ୍କର ଅଯୋଗ୍ୟ ଶିଷ୍ୟକୁ ଗୁରୁ କରିବା ଏକ କୁସଂସ୍କାର ମାତ୍ର । ଯଦି ଏହା ଠିକ୍ ହୁଅନ୍ତା, ତେବେ ପୃଥିବୀକୁ ବାରଂବାର ମହାପୁରୁଷମାନଙ୍କୁ ଶରୀର ଧାରଣ କରି ଆସିବାକୁ ହୁଅନ୍ତା ନାହିଁ ।

ପ୍ରଶ୍ନ : ଅବତାରରୂପେ ଆସିଥିବା ସଦ୍‌ଗୁରୁ ଶିଷ୍ୟକୁ ଆକର୍ଷଣ କରିବେ ନା ଶିଷ୍ୟ ଅନ୍ଧଭାବେ ବିଶ୍ୱାସ କରି ଗୁରୁରୂପେ ତାଙ୍କୁ ଗ୍ରହଣ କରିବ ?

ଉତ୍ତର : ଏସବୁ ନିର୍ଭର କରେ ବ୍ୟକ୍ତି ଉପରେ । ଏହାର କୌଣସି ନିର୍ଦ୍ଧାରିତ ନିୟମ ନାହିଁ । କେବେ ଗୁରୁ ଶିଷ୍ୟକୁ ଆକର୍ଷଣ କରନ୍ତି । କେବେ ଶିଷ୍ୟ ଆକର୍ଷିତ ହୋଇ ଗୁରୁଙ୍କ ପାଖକୁ ଯାଏ । ଯାହାକୁ ଅନ୍ଧବିଶ୍ୱାସ କୁହାଯାଏ ତାହା ଯଥାର୍ଥରେ ନିଜ ଆତ୍ମାର ପ୍ରେରଣା । ଅବତାର ରୂପେ ଆସିଥିବା ଗୁରୁଙ୍କୁ ପ୍ରାପ୍ତହେବା ବଡ଼ ସୌଭାଗ୍ୟର ବିଷୟ । ଅଜ୍ଞାତରୂପେ ଆତ୍ମାର ପ୍ରେରଣାରେ ମନୁଷ୍ୟର ବିଶ୍ୱାସକୁ ଅନ୍ଧବିଶ୍ୱାସ କହିପାରନ୍ତି, କିନ୍ତୁ ତାହା ଅନ୍ଧ ନୁହେଁ । ଅନ୍ଧବିଶ୍ୱାସରେ କୌଣସି ଅନୁପଯୁକ୍ତ ଗୁରୁଙ୍କ ପାଖକୁ ବ୍ୟକ୍ତି ଯାଇପାରେ, କିନ୍ତୁ ଶ୍ରେଷ୍ଠ ସମର୍ଥ ଗୁରୁଙ୍କ ପାଖକୁ ଯିବାର ଅର୍ଥ ତା'ର ଆତ୍ମାର ପ୍ରେରଣା ।

*

ପ୍ରଶ୍ନ : ସଦ୍‌ଗୁରୁଙ୍କୁ ଜାଣିବା କିପରି ? ବଡ଼ ବଡ଼ କଥା ପ୍ରଚାର କରୁଥିବା ଗୁରୁଙ୍କୁ ସଦ୍‌ଗୁରୁ ବୋଲି ବିଶ୍ୱାସ କରିବାକୁ ହେବ କି ?

ଉତ୍ତର : ସଦ୍‌ଗୁରୁ ଜାଣିବାର ଏକମାତ୍ର ନିର୍ବିବାଦ, ନିଃସନ୍ଦିଗ୍ଧ ଉପାୟ ହେଲା ଆତ୍ମାର ପ୍ରେରଣା । ଆତ୍ମାର ପ୍ରେରଣାରେ କେବେ ଭୁଲ୍‌ଭ୍ରାନ୍ତି ନ ଥାଏ । ପ୍ରମାଦ ହୁଏ ବୁଦ୍ଧି, ତର୍କ, ଯୁକ୍ତି, ନିଜ ଅହଂକାର ଦ୍ୱାରା । ସଦ୍‌ଗୁରୁ ଚିହ୍ନିବାରେ ମୋହବଶ ହୋଇ ମନୁଷ୍ୟ ଯେତେବେଳେ ଦାବି କରେ, ''ମୁଁ ନିଜେ ମୋ ବୁଦ୍ଧି ବଳ-କୌଶଳରେ ସଦ୍‌ଗୁରୁ ପାଇପାରିବି''; ସେତେବେଳ ପର୍ଯ୍ୟନ୍ତ ତାକୁ ଗୁରୁ ପ୍ରାପ୍ତ ହୁଅନ୍ତି ନାହିଁ । ତା'ର ନିଜ ଭାବୀ ସଦ୍‌ଗୁରୁଙ୍କ ସମ୍ବନ୍ଧେ ଜାଣିଲେ ମଧ୍ୟ ସେ ତାଙ୍କ ପ୍ରତି ବିଶ୍ୱାସ, ନିଷ୍ଠା ରଖିପାରେ ନାହିଁ । ଅଧ୍ୟାତ୍ମ ସତ୍ୟ ଓ ସଦ୍‌ଗୁରୁ ପ୍ରାପ୍ତିର ସବୁଠାରୁ ପ୍ରବଳ ଅସାଧାରଣ ବାଧା ହେଉଛି ନିଜ ବୁଦ୍ଧି ବିଚାରର ଗର୍ବ ।

ସଦ୍‌ଗୁରୁ ପ୍ରାପ୍ତି କରିବାକୁ ହେଲେ ବୁଦ୍ଧି, ବିଚାର, ତର୍କ, ଅହଂକାର ପ୍ରଥମେ ତ୍ୟାଗ କରିବାକୁ ହେବ । 'ଅନ୍ଧବିଶ୍ୱାସ' କହିବା ଅବସ୍ଥା ହେଉଛି ନିଜର ଅହଂକାର ଓ ଅଜ୍ଞାନ ବୁଦ୍ଧିର ଫଳ । ଏସବୁକୁ ତ୍ୟାଗ କରିବାକୁ ହେବ, ତେବେ ଆତ୍ମାର ପ୍ରେରଣା ବୁଝିହେବ । ଆତ୍ମାର ପ୍ରେରଣାରେ ଯଦି ବୁଦ୍ଧିକୁ କ୍ରିୟା କରିବାକୁ ଦିଆହୁଏ, ତେବେ ବୁଦ୍ଧି ଆତ୍ମାର ପ୍ରେରଣାକୁ ବିକୃତ କରିଦିଏ । ମନୁଷ୍ୟ ଯଦି ଆତ୍ମାର ପ୍ରେରଣା ସମ୍ବନ୍ଧେ ସଚେତ ନ ହୋଇପାରେ, ତେବେ ସବୁଠାରୁ ସରଳ ଓ ନିଃସନ୍ଦିଗ୍ଧ ଉପାୟ ହେଉଛି ଭଗବାନଙ୍କୁ ସ୍ମରଣ କରିବା । ଯଦି ନିଜ ଅନ୍ତରରୁ ସଦ୍‌ଗୁରୁ ପାଇବାର ଅଭୀପ୍‌ସା ଥାଏ, ତେବେ ଅନ୍ତରରୁ ଭଗବାନଙ୍କୁ ଡାକିଲେ ଭଗବାନ୍ ସଦ୍‌ଗୁରୁଙ୍କୁ ମିଳାଇ ଦିଅନ୍ତି ।

ସଦ୍‌ଗୁରୁ ପାଇବାର ସବୁଠାରୁ ସରଳ ଓ ସୁନିଶ୍ଚିତ ମାର୍ଗ ହେଉଛି ଭଗବାନଙ୍କୁ ପ୍ରାର୍ଥନା କରିବା ।

*

ପ୍ରଶ୍ନ : ସଦ୍‌ଗୁରୁ ସ୍ୱୟଂ ବିନା କାରଣରେ କୃପା କରି ପାପୀ ଭକ୍ତକୁ ଉଦ୍ଧାର କରନ୍ତି, ଏହା କ'ଣ ସତ୍ୟ ?

ଉତ୍ତର : ଜଗାଇ ମାଧାଇ ଆଦି ବହୁତ ପତିତଙ୍କୁ ଭଗବାନ୍ ଉଦ୍ଧାର କରିଛନ୍ତି । ଏସବୁ ଭଗବାନଙ୍କର ଅହେତୁକ କୃପା । ଏହି କୃପାର କୌଣସି ସର୍ତ୍ତ ନାହିଁ ।

ପ୍ରଶ୍ନ : ମୋର ଅବସ୍ଥା ଏପରି ଯେ ଗୁରୁ ମୋ ଧାରଣା ଅନୁସାରେ ଥରକ ପାଇଁ ଦେଖା ନ ହେଲେ ଯେକୌଣସିଠାରେ ବିଶ୍ୱାସ କରିବା ଅସମ୍ଭବ; ଏପରି ଅବସ୍ଥାରେ ଗୁରୁ ପ୍ରାପ୍ତହେବେ କିପରି ?

ଉତ୍ତର : ଅନୁମାନ ହେଉଛି ଏହି ଧାରଣା ବୁଦ୍ଧିର । ଏହାର ପଶ୍ଚାତ୍‌ରେ କୌଣସି ସତ୍ୟତା ଅଛି ବୋଲି ଜଣାଯାଉ ନାହିଁ । ଯଦି ମନର ଏହିପରି ଦୃଢ଼ ଧାରଣା ଥାଏ ତେବେ କୌଣସି ମନନିର୍ମିତ ବିଗ୍ରହ ପ୍ରଘଟ ହୋଇ ଆପଣଙ୍କୁ ଭୁଲ୍‌ମାର୍ଗରେ ନେଇ ଯାଇପାରେ । ଏପରି ସର୍ତ୍ତ ଆତ୍ମା କେବେ ରଖେ ନାହିଁ । ଆତ୍ମା କେବଳ ଭଗବାନଙ୍କ ଉପରେ ଭରସା ରଖି ତାଙ୍କ ଉପରେ ସବୁ ଛାଡ଼ିଦିଏ । ବ୍ୟକ୍ତି ସକାଶେ ଯାହା ଉଚିତ ତାହା ଭଗବାନ୍ କରନ୍ତି । ଅହଂଗତ ମନ କେବଳ ଭଗବାନଙ୍କ ସଙ୍ଗେ ସର୍ତ୍ତ ରଖେ । କେବେ କେବେ ବହୁତ ବିଶେଷ ଅବସ୍ଥାରେ ଯଦି ମନର ଏହି ସର୍ତ୍ତ ପଶ୍ଚାତ୍‌ରେ ଆତ୍ମାର ସମ୍ମତି ଥାଏ ତେବେ ଏହାର ଫଳ ମିଳିପାରେ, ଅନ୍ୟଥା ଶତକରା ଊନଶତ ଭାଗ ନିରର୍ଥକ ହୁଏ ।

*

ପ୍ରଶ୍ନ : ମୁଁ ବହୁତ ମହାତ୍ମାଙ୍କ ସଙ୍ଗ ଲାଭ କରିଛି, ବହୁ ଗ୍ରନ୍ଥ ପଢ଼ିଛି, କିନ୍ତୁ ତ୍ରିକାଳଜ୍ଞ ବୋଲି ନ ଜାଣିଲେ ଗୁରୁ କରିବି କିପରି ? ସେପରି ଗୁରୁ ବା ମିଳିବେ କେଉଁଠି ?

ଉତ୍ତର : ଏହି ପ୍ରଶ୍ନସବୁରୁ ଅନୁମାନ ହେଉଛି ଏହାର ଅଧିକଭାଗ ମନ-ବୁଦ୍ଧିର କସରତ । ଏହା ପଶ୍ଚାତ୍‌ରେ ଯଦି କିଛି ସତ୍ୟ ଥାଏ ତାହା ବହୁତ ଅସ୍ପଷ୍ଟ ।

ନିଜେ ଲେଖିଛନ୍ତି ଯେ ବହୁ ମହାପୁରୁଷଙ୍କ ସାହିତ୍ୟ ପଢ଼ିଛନ୍ତି, ବହୁ ସାଧୁଙ୍କର ସତ୍‌ସଙ୍ଗ କରିଛନ୍ତି । ଏହାପରେ ଯଦି ସନ୍ଦେହ ଥାଏ, କୌଣସି ନିଷ୍ଠା ନ ଥାଏ, ତେବେ ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ତାର୍କିକ ବୁଦ୍ଧିକୁ ଅଧିକ ମହତ୍ତ୍ୱ ଦେଉଛନ୍ତି ଯଦ୍ୱାରା ଆତ୍ମା ଆବୃତ ହୋଇ ଯାଉଛି ।

ଆତ୍ମା ଈଶ୍ୱରଙ୍କୁ ବା ସଦ୍‌ଗୁରୁଙ୍କୁ ଚାହିଁଲେ ସଦ୍‌ଗୁରୁ ନିଜେ ଆସି ମିଳନ୍ତି । ଭଗବାନ୍ ସ୍ୱୟଂ ହାତଧରି ଠିକ୍ ମାର୍ଗରେ ପରିଚାଳନ କରନ୍ତି । ରାମକୃଷ୍ଣ ବିବେକାନନ୍ଦଙ୍କୁ ପାଇବାକୁ ବ୍ୟାକୁଳ ଥିଲେ । ଧ୍ରୁବଙ୍କୁ ନାରଦ ଦେଖାଦେଇ ଜ୍ଞାନୋପଦେଶ ଦେଇଥିଲେ ।

ଆପଣଙ୍କ ପ୍ରଶ୍ନର ଆଭ୍ୟନ୍ତରୀଣ ଉଦ୍ଦେଶ୍ୟ ହେଉଛି କୌଣସି ସଦ୍‌ଗୁରୁଙ୍କ ଚମତ୍କାରିତା (miracle)ରେ ବିଶ୍ୱାସ କରିବା । ଯଥାର୍ଥ ସଦ୍‌ଗୁରୁ ଆବଶ୍ୟକ ମନେ କଲେ ଶିଷ୍ୟକୁ ଚମତ୍କାରିତା ଦେଖାନ୍ତି, କିନ୍ତୁ ଏ ମାର୍ଗ ଆଦୌ ନିରାପଦ ନୁହେଁ । ବହୁତ ଲୋକ ଅଛନ୍ତି ଯାହାଙ୍କର ଅଧ୍ୟାତ୍ମ ସିଦ୍ଧି ପ୍ରାପ୍ତ ନାହିଁ, କିନ୍ତୁ ଲୌକିକ ସିଦ୍ଧି ଲାଭ କରି ଚମତ୍କାରିତା ଦେଖାଇ ଦିଅନ୍ତି । ତ୍ରିକାଳଜ୍ଞ ହୋଇଥିବା ବ୍ୟକ୍ତି ଯେ ଭଗବତ୍ ଉପଲବ୍ଧି କରିଥିବ, ଏହାର କୌଣସି ମାନେ ନାହିଁ । ଅଧ୍ୟାତ୍ମ ସାଧନା ଛଡ଼ା ବହୁପ୍ରକାର ସାଧନା ଅଛି ଯେଉଁ ସିଦ୍ଧିରେ ବ୍ୟକ୍ତି ତ୍ରିକାଳଜ୍ଞ ହୋଇପାରନ୍ତି । ଯେଉଁମାନେ ଅଧ୍ୟାତ୍ମସିଦ୍ଧି ଲାଭ କରିଥା'ନ୍ତି, ସେମାନଙ୍କର ଅହଂ ନ ଥାଏ; ସୁତରାଂ ସେ କାହିଁକି ଚମତ୍କାରିତା ଦେଖାଇବାକୁ ଯିବେ ? ସେମାନେ କେବଳ ଅଧିକାରୀ ଶିଷ୍ୟ ପାଇଲେ ସେମାନଙ୍କୁ ଭଗବତ୍‌ପ୍ରାପ୍ତି କରାଇପାରନ୍ତି ।

ଆପଣଙ୍କ ମଧ୍ୟରେ ଆତ୍ମା ଅଛି । ଭଗବାନ୍ ସର୍ବତ୍ର ବିଦ୍ୟମାନ । ନିଜ ଆତ୍ମା ଅଥବା ଭଗବାନଙ୍କୁ ଗୁରୁ ମାନି କୌଣସି ସାଧନା ନିଷ୍ଠା ସହିତ କରନ୍ତୁ । ପ୍ରତ୍ୟେକ ଅଧ୍ୟାତ୍ମ ସାଧନା ଭଗବାନଙ୍କ ନିକଟରେ ପହଞ୍ଚାଇ ଦିଏ ଯଦି ଶ୍ରଦ୍ଧା, ବିଶ୍ୱାସ ଥାଏ । ଶ୍ରଦ୍ଧା ବିଶ୍ୱାସ ନ ଥିଲେ ଯେତେ ବଡ଼ ବଡ଼ ସାଧନା କଲେ ମଧ୍ୟ କିଛି ଫଳ ହୁଏ ନାହିଁ । ନିଷ୍ଠା ସହ ଯେକୌଣସି ସାଧନା କଲେ ଶ୍ରଦ୍ଧା ଓ ଭକ୍ତି ସ୍ୱତଃ ଜାତ ହୁଏ । ସାଧନା ଦ୍ୱାରା ଶ୍ରଦ୍ଧା-ଭକ୍ତି ଜାତ ହେଲେ ଆବଶ୍ୟକ ସାହାଯ୍ୟ ପ୍ରାପ୍ତ ହୁଏ । ଏଥିସକାଶେ ମନ-ବୁଦ୍ଧିର ଅହଂକାରପୂର୍ଣ୍ଣ ତର୍କ ଆଦି ତ୍ୟାଗ କରି ଭଗବତ୍ ଆଶ୍ରୟ ନେବା ଉଚିତ ।

ଯେପର୍ଯ୍ୟନ୍ତ ବୁଦ୍ଧି-ଶକ୍ତିର ଆଶ୍ରୟ ନେଇଛନ୍ତି ସେପର୍ଯ୍ୟନ୍ତ ସ୍ୱୟଂ ଭଗବାନ୍ ମଧ୍ୟ ଯଦି ସଦ୍‌ଗୁରୁ ରୂପେ ଆସନ୍ତି ତା'ହେଲେ ତାଙ୍କୁ ଚିହ୍ନି ପାରିବେ ନାହିଁ । ଶ୍ରୀକୃଷ୍ଣ, ଶ୍ରୀରାମ ଭଗବାନ୍ ଥିଲେ, କେତେଜଣ ତାଙ୍କୁ ଚିହ୍ନି ପାରିଥିଲେ ? ଶ୍ରୀରାମକୃଷ୍ଣ ପରମହଂସଙ୍କୁ କେତେଜଣ ମହାପୁରୁଷ ବୋଲି ଗ୍ରହଣ କରିଥିଲେ ?

ଭଗବାନଙ୍କୁ କିଂବା ଗୁରୁଙ୍କୁ କେବଳ ବୁଦ୍ଧି ଦ୍ୱାରା ଚିହ୍ନାଯାଏ ନାହିଁ । ବୁଦ୍ଧି ବହୁତ ସୀମିତ ଏବଂ ଭଗବତ୍ ପ୍ରାପ୍ତିରେ ମହାନ୍ ଅନ୍ତରାୟ । ଭଗବାନ୍ ଏବଂ ସଦ୍‌ଗୁରୁ ପ୍ରାପ୍ତ ହୁଅନ୍ତି ନିଷ୍କପଟ ଆନ୍ତରିକ ବିଶ୍ୱାସ ତଥା ଅଭୀପ୍‌ସାରେ । ବୁଦ୍ଧି ଶାନ୍ତ ହେଲେ ବିଶ୍ୱାସ ଓ ଅଭୀପ୍‌ସା ଉତ୍ପନ୍ନ ହୁଏ ।

*

ପ୍ରଶ୍ନ : 'ମା' କହିଛନ୍ତି,– ''ମୁଁ ଏହିଠାରେ ଅଛି'' – ଏହାର ଅର୍ଥ କ'ଣ ଏହି ଆଶ୍ରମ ?

ଉତ୍ତର : ହଁ, ମା' ଏହି ଆଶ୍ରମକୁ ସଙ୍କେତ କରି କହିଅଛନ୍ତି ଏହାର ଅର୍ଥ ମା' ଆମ ସମ୍ମୁଖରେ ଅଛନ୍ତି, ମାତ୍ର ଆମେ ତାଙ୍କୁ ଚିହ୍ନି ପାରୁ ନାହୁଁ ।

*

ପ୍ରଶ୍ନ : ମା' କହିଛନ୍ତି, ''ମୁଁ ତୁମ୍ଭମାନଙ୍କୁ ଏକଥା କହିପାରେ ଯେ ଏହି ଜଗତରେ କେବଳ ଗୋଟିଏ ସ୍ଥାନ ଅଛି ଯେଉଁଠି ତୁମ୍ଭେମାନେ ତୁମ୍ଭର ଅଭୀପ୍‌ସାକୁ ପୂର୍ଣ୍ଣ କରିପାରିବ ଏବଂ ଭଗବାନଙ୍କୁ ଉପଲବ୍ଧି କରିପାରିବ, ତାହା ଏହିଠାରେ''– ଏହା କ'ଣ ଏହି ଆଶ୍ରମ ?

ଉତ୍ତର : ହଁ, ମା' ଏହି ଆଶ୍ରମକୁ ନିର୍ଦ୍ଦେଶ କରିଅଛନ୍ତି । କିନ୍ତୁ ଏହାର ବ୍ୟାପକ ଅର୍ଥ ହେଉଛି ଯେଉଁମାନେ ଏହି ଆଶ୍ରମ ସହିତ ସମ୍ବନ୍ଧ ସ୍ଥାପନ କରନ୍ତି, ମା'ଙ୍କର ଭକ୍ତ, ସେମାନେ ଆଶ୍ରମ ବାହାରେ ରହିଲେ ମଧ୍ୟ ମା'ଙ୍କ ପ୍ରତି ଶ୍ରଦ୍ଧା-ଭକ୍ତି ରଖିଲେ ଆଶ୍ରମରେ ରହିବା ପରି ଲାଭବାନ୍ ହୋଇପାରିବେ ଏବଂ ମା'ଙ୍କ ଉପସ୍ଥିତି ଅନୁଭବ କରିପାରିବେ ।

## (୩)

## ନାମଜପ

ପ୍ରଶ୍ନ : ''ଜଣେ ମହାତ୍ମା ଲେଖିଛନ୍ତି, କେବଳ ବାହ୍ୟ ମନରେ ଡାକିଲେ ଭଗବାନ୍ ଶୁଣନ୍ତି ନାହିଁ, ତାଙ୍କ ନାମ କେବଳ ଜିହ୍ୱାରେ ଉଚ୍ଚାରଣ କଲେ ତାହାର ପ୍ରଭାବ ଅନୁଭୂତ ହୁଏ ନାହିଁ । ତାଙ୍କୁ ପ୍ରେମ, ଭକ୍ତି ଓ ଶ୍ରଦ୍ଧା ସହିତ ହୃଦୟରେ ଡାକିଲେ ସେ ଶୁଣନ୍ତି ଏବଂ ପ୍ରେମ, ଭକ୍ତି ଓ ଶ୍ରଦ୍ଧା ସହିତ ତାଙ୍କ ନାମ ହୃଦୟରେ ଜପ କଲେ ତାହାର ପ୍ରଭାବ ଅନୁଭୂତ ହୁଏ ।'' କିନ୍ତୁ ଆମ୍ଭମାନଙ୍କର ଭଗବାନଙ୍କ ପ୍ରତି ପ୍ରେମଭକ୍ତି ନାହିଁ, ହୃଦୟରୁ ଡାକି ପାରୁ ନାହୁଁ, କେବଳ ବାହ୍ୟ ମନରେ ଡାକୁଛୁ । କ'ଣ ଆମ୍ଭମାନଙ୍କର ଡାକ ଏବଂ ଜପ ନିରର୍ଥକ ?

ଉତ୍ତର : ମହାତ୍ମାଙ୍କ ଲେଖିବା ଅର୍ଥ ଯଦି ସାଧାରଣ ବ୍ୟକ୍ତିଙ୍କ ଧାରଣା ଅନୁସାରେ ବାହ୍ୟ ଡାକ, ବାହ୍ୟ ଜପ ନିରର୍ଥକ ହୁଏ ତେବେ କିଛି ଉଚ୍ଚକୋଟୀର ମହାତ୍ମାଙ୍କ ଛଡ଼ା ସାଧାରଣ ବ୍ୟକ୍ତି ଭଗବତ୍ ଶରଣ ହୋଇପାରନ୍ତେ ନାହିଁ କିଂବା ଭଗବତ୍‌ମାର୍ଗରେ ଯାତ୍ରା ଆରମ୍ଭ କରିପାରନ୍ତେ ନାହିଁ । କ୍ରିୟାତ୍ମକରୂପେ ଠିକ୍ ଏହାର ବିପରୀତ ହୋଇଥାଏ । ଶତକଡ଼ା ଊନଶତ ବ୍ୟକ୍ତିଙ୍କର ସାଧନାର ଆରମ୍ଭ ଅବସ୍ଥାରେ ଭଗବାନଙ୍କ ପ୍ରତି ପ୍ରକାଶ୍ୟରୂପେ ପ୍ରେମ, ଭକ୍ତି ଓ ଶ୍ରଦ୍ଧା ନ ଥାଏ । ସେମାନେ ଅନ୍ତରରେ ପ୍ରେମ ଓ ଭକ୍ତି ସହିତ ଭଗବତ୍ ନାମଜପ କରନ୍ତି ନାହିଁ । କେବଳ ସେମାନଙ୍କର ଅନ୍ତରାତ୍ମା ଥରେ ଜାଗ୍ରତ ହେଲେ ସେମାନେ ବାହ୍ୟ ମନରେ ନାମଜପ ଆରମ୍ଭ କରନ୍ତି ଏବଂ କ୍ରମଶଃ ସେମାନଙ୍କର ଅନ୍ତରାତ୍ମା ଅଧିକାଧିକ ଜାଗ୍ରତ ହୁଏ ତଥା ପ୍ରେମ, ଭକ୍ତି ଓ ଶ୍ରଦ୍ଧା ଉତ୍ପନ୍ନ ହୁଏ, ସମସ୍ତ ଦୁର୍ଗୁଣ ନାଶ ହୁଏ, ସେମାନେ ଭଗବତ୍ ପ୍ରାପ୍ତି କରନ୍ତି । ବାହ୍ୟ ମନରେ ଡାକିବା, ବାହ୍ୟ ମନରେ ଜପ କରିବା ମହାତ୍ମା ଯେଉଁ ଅର୍ଥରେ କହିଛନ୍ତି, ସାଧାରଣ ବ୍ୟକ୍ତି ଠିକ୍ ତାହାର

ବିପରୀତ ଧାରଣା କରନ୍ତି । ସାଧାରଣ ବ୍ୟକ୍ତି ବୁଝନ୍ତି ଅନ୍ତରରେ ଏକାଗ୍ରତା ବିନା ଡାକ ଏବଂ ନାମଜପ ବାହ୍ୟ ମନର, ତାହା ନିରର୍ଥକ । କିନ୍ତୁ ମହାତ୍ମାଙ୍କ କହିବା ଉଦ୍ଦେଶ୍ୟ ପୂର୍ଣ୍ଣରୂପେ ଆନ୍ତର ଏକାଗ୍ରତା ନୁହେଁ । ପ୍ରଧାନତଃ ଲକ୍ଷ୍ୟ ବା ଉଦ୍ଦେଶ୍ୟ ନ ରଖି ଭଗବାନଙ୍କୁ ଡାକିବା ବା ନାମଜପ କରିବାହିଁ ବାହ୍ୟ ମନର । ଆନ୍ତର ଏକାଗ୍ରତା ବିନା ଲକ୍ଷ୍ୟ ବା ଉଦ୍ଦେଶ୍ୟ ରଖି ବ୍ୟକ୍ତି ଭଗବାନଙ୍କୁ ଡାକିଲେ କିଂବା ନାମଜପ କଲେ ସେଥିରେ ଆନ୍ତରିକତା ଥାଏ । ଆନ୍ତରିକତା ନ ଥିଲେ ସେ ତାହା ଆଚରଣ କରିପାରେ ନାହିଁ । ସେହି ଆନ୍ତରିକତା ହେଲା ଲକ୍ଷ୍ୟରେ ପହଞ୍ଚିବାର ବିଶ୍ୱାସ । ସେହି ବିଶ୍ୱାସ ଯୋଗୁଁ ବାହ୍ୟ ଜପ ଏବଂ ବାହ୍ୟ ଡାକ ନିରର୍ଥକ ହୁଏ ନାହିଁ । ତାହାଦ୍ୱାରା କ୍ରମଶଃ ବ୍ୟକ୍ତିର ଦୋଷତ୍ରୁଟି ଦୂର ହୁଏ ଏବଂ ଅନ୍ତରରେ ଏକାଗ୍ରତା ଆସେ ତଥା ବୃଦ୍ଧି ହୁଏ । ଶେଷରେ ସେ ଏହାରି ଦ୍ୱାରା ଲକ୍ଷ୍ୟସିଦ୍ଧି କରିପାରେ । ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବିନା ଭଗବାନଙ୍କୁ ଡାକିବା ବା ଭଗବାନଙ୍କ ନାମଜପ କରିବା ଯଥାର୍ଥରେ ବାହ୍ୟ ମନର । ଯେପରି ଜଣେ ସଙ୍ଗୀତ ଶିକ୍ଷାର୍ଥୀର ପ୍ରଥମରେ କୌଣସି ସ୍ୱରଜ୍ଞାନ ନ ଥାଏ । ସେ ସ୍ୱରଜ୍ଞାନ ପ୍ରାପ୍ତ କରିବା ଲକ୍ଷ୍ୟ ରଖି ବେସ୍ୱରରେ ଗାଇବା ଆରମ୍ଭ କରେ ଏବଂ ସ୍ୱର ପ୍ରାପ୍ତ କରିବାକୁ ବରାବର ଚେଷ୍ଟା କରୁଥାଏ । ଶେଷରେ ସେ ଚେଷ୍ଟା କରିବାର ତୀବ୍ରତା ଏବଂ ଶିଥିଳତା ଅନୁସାରେ ବେଶୀ ବା କମ୍ ସମୟରେ ଲକ୍ଷ୍ୟରେ ପହଞ୍ଚେ । ଠିକ୍ ଏହାର ବିପରୀତ ଗାଈଆଳ ପିଲା । ସେମାନେ ଗୋରୁ ଚରାଇବା ସମୟରେ ପ୍ରତିଦିନ ଗୀତଗାନ କରନ୍ତି, ସେମାନଙ୍କର କିଛି ଲକ୍ଷ୍ୟ ନ ଥାଏ । ସେମାନଙ୍କୁ କେବେ ବି ସ୍ୱର ପ୍ରାପ୍ତ ହୁଏ ନାହିଁ ।

ଅନ୍ୟପକ୍ଷରେ ସେହି ମହାତ୍ମାଙ୍କର ଲେଖିବାର ଉଦ୍ଦେଶ୍ୟ ଏହା ନୁହେଁ ଯେ କେବଳ ଜିହ୍ୱାରେ ନାମ ଉଚ୍ଚାରଣ କରିବା କିଂବା ବାହ୍ୟ ମନରେ ଭଗବାନଙ୍କୁ ଡାକିବା ସଂପୂର୍ଣ୍ଣ ନିରର୍ଥକ । ଏହାର ତାତ୍ପର୍ଯ୍ୟ ହେଲା କେବଳ ଜିହ୍ୱାରେ ନାମ ଜପ କରିବା ଅପେକ୍ଷା ହୃଦୟରେ ପ୍ରେମ-ଭକ୍ତି ସହିତ ଜପ କଲେ ଏହା ବିଶେଷ ଫଳପ୍ରଦ ହୁଏ । ସାଧାରଣତଃ ଏହିପରି କୁହାଯାଇଥାଏ ବା ଲେଖାଯାଇଥାଏ ଯେ ଦୁଇଜଣ ପହିଲମାନଙ୍କ ମଧ୍ୟରେ ଯେଉଁ ପ୍ରତିଯୋଗିତା ହେଲା ତହିଁରେ ପ୍ରଥମ ପହିଲମାନ ତୁଳନାରେ ଦ୍ୱିତୀୟଟା କିଛି ନୁହେଁ । ଏହାର ଅର୍ଥ ଏପରି ନୁହେଁ ଯେ ଦ୍ୱିତୀୟଟି ପହିଲମାନ ନୁହେଁ ଅଥବା ଏକେବାରେ ସାଧାରଣ ବ୍ୟକ୍ତି ।

ସାଧନାର ପ୍ରଥମ ଅବସ୍ଥାରେ ବ୍ୟକ୍ତି ଯଦ୍ୟପି ବାହ୍ୟ ମନରେ ଜପ କରେ ତଥାପି ସେହି ଜପ ଦ୍ୱାରା ସେ ଭଗବାନଙ୍କୁ ପ୍ରାପ୍ତ ହେବ ବୋଲି ତା ଅନ୍ତରରେ ବିଶ୍ୱାସ ଥାଏ ଏବଂ ସେ ମନର ଏକାଗ୍ରତା ସହ ଜପ କରିବାକୁ ଚାହୁଁଥାଏ, ନାମର ମହିମାକୁ ହୃଦୟଙ୍ଗମ କରୁଥାଏ । ବ୍ୟକ୍ତିର ଏହି ଅନ୍ତରର ଭାବ ଥିବାରୁ ବାହ୍ୟ ମନର ଜପ କ୍ରମଶଃ ଆନ୍ତରିକ ହୁଏ ଏବଂ ସେ ଦିବ୍ୟାନନ୍ଦରେ ବୁଡ଼ିଯାଏ ।

ବହୁତ ବ୍ୟକ୍ତି ଭିକ୍ଷା ମାଗିବା ସମୟରେ ଭଗବତ୍ ନାମ ଉଚ୍ଚାରଣ କରନ୍ତି । କିନ୍ତୁ ସେମାନଙ୍କର ଲକ୍ଷ୍ୟ ଏବଂ ଏହି ଅନ୍ତରର ଭାବ ନ ଥିବାରୁ ସେମାନେ ଲକ୍ଷ୍ୟସିଦ୍ଧି କରିପାରନ୍ତି ନାହିଁ କିଂବା ପରମାନନ୍ଦରେ ନିବାସ କରିପାରନ୍ତି ନାହିଁ । ତଥାପି ନାମର ମହିମା ମହାନ୍ । ସେମାନଙ୍କର ବି କଲ୍ୟାଣ ହୁଏ । ସେମାନଙ୍କୁ ଜୀବନର ଲକ୍ଷ୍ୟ ଜାଣିବାରେ ସାହାଯ୍ୟ ମିଳେ । ଗୋଟିଏ ଜନ୍ମରେ ହେଉ ବା ଅଧିକ ଜନ୍ମରେ ହେଉ ସେମାନେ ଜୀବନର ଲକ୍ଷ୍ୟଜ୍ଞାନ ପ୍ରାପ୍ତ କରି ସାଧନାରେ ପ୍ରବୃତ୍ତ ହୋଇପାରନ୍ତି । କିନ୍ତୁ ନାମଜାପକ ନାମ ବଳରେ, ନାମ ଭରସାରେ ପାପ କରିବା ଏହି ନାମାପରାଧରୁ ସର୍ବଥା ମୁକ୍ତ ରହିବା ଉଚିତ । ନାମ ଜପରେ ସମସ୍ତ ପାପ, ଦୋଷ କ୍ଷୟ ହୁଏ, କିନ୍ତୁ ନାମ ବଳରେ କରିଥିବା ପାପ ନାମଜପରେ ବି ନଷ୍ଟ ହୁଏ ନାହିଁ । ପାପର ଫଳ ଭୟଙ୍କରଭାବେ ଜାପକକୁ ଭୋଗ କରିବାକୁ ହୁଏ ।

''ନାମର ବହୁତ ମହିମା, ଏ ଗୋଟିଏ କ୍ଷୁଦ୍ର ପାପ, ଏହା କରିନେବି, ନାମଜପରେ ତ ପୁଣି ଏହା ଶୁଦ୍ଧ ହୋଇଯିବ ।'' ଏହାହିଁ ନାମାପରାଧ । ଏପରି ଚିନ୍ତା ଓ କର୍ମଜନିତ ଅପରାଧ ଅକାଟ୍ୟ । ଏହା କେବେ ବି କ୍ଷମଣୀୟ ନୁହେଁ । ନାମ ଆଶ୍ରୟରେ ପାପ କରିବା ଅର୍ଥ ନାମ ଅପରାଧ କରିବା । ଅଜ୍ଞାନତା ହେତୁ କୌଣସି ଅପରାଧ ହେଲେ ତାହା ସଂଶୋଧିତ ହୋଇପାରେ, ମାତ୍ର ଜାଣିଶୁଣି ନାମବଳରେ ପାପ କଲେ ତାହା କେବେ ବି କ୍ଷମଣୀୟ ନୁହେଁ । ତେଣୁ ନାମଜପର ସଙ୍ଗେ ସଙ୍ଗେ ସମସ୍ତ ଅବିହିତ କର୍ମ ତ୍ୟାଗ କରିବା ପାଇଁ ନିରନ୍ତର ପ୍ରଯତ୍ନ କରିବା ଉଚିତ । କେବଳ ବାହ୍ୟ

ମନରେ ଜପ କରିବା ଦ୍ୱାରା ବ୍ୟକ୍ତିର ମନପ୍ରାଣ ଶୁଦ୍ଧ ହୋଇ ସେ କିପରି ଲକ୍ଷ୍ୟ ପ୍ରାପ୍ତ କରିପାରେ ତାହାର ଗୋଟିଏ ଉଦାହରଣ ଏଠାରେ ଦିଆଗଲା ।

କାଶୀରେ ଦୁଇଜଣ ବ୍ରାହ୍ମଣ ଥିଲେ । ସେମାନେ ଦୁଇଭାଇ । ଦୁହେଁଯାକ ନିଜ ପରିବାର ପ୍ରତି ବିଶେଷ ଆସକ୍ତ ଥିଲେ । ସେମାନେ କୁଟୁମ୍ବ ଛଡ଼ା ଆଉ କିଛି ଜାଣନ୍ତି ନାହିଁ । ଥରେ ହଇଜାରେ ଭାଇ ଦୁଇଜଣଙ୍କୁ ଛାଡ଼ି ସମସ୍ତ ପରିବାର ସଂସାରରୁ ବିଦାୟ ନେଲେ । ତେଣୁ ଦୁଇ ଭାଇଙ୍କର ବ୍ୟାକୁଳତାର ସୀମା ରହିଲା ନାହିଁ । ସେମାନେ ଏପରି ବୋଧ କରିବାକୁ ଲାଗିଲେ, ଯେପରି ଦୁଇଚାରି ଦିନ ମଧ୍ୟରେ ଏହି ସଂସାରକୁ ଛାଡ଼ି ଅନ୍ୟ ଲୋକରେ ନିଜ ପରିବାରଙ୍କ ପାଖରେ ଯାଇ ପହଞ୍ଚିଯିବେ । ରାଘବଶରଣ ନାମରେ ଜଣେ ଭକ୍ତ ସେମାନଙ୍କୁ ଏପରି ଅବସ୍ଥାରେ ଦେଖି କହିଲେ, ''ବହୁ ଜନ୍ମରୁ ପରିବାରରେ ଆସକ୍ତି ରଖି ଆସିଥିବାରୁ ଆଜି ତାହା ଏପରି ଭୀଷଣ ହୋଇପଡ଼ିଛି ଯେ ସେଥିସକାଶେ ତୁମ୍ଭମାନଙ୍କର ଶରୀରତ୍ୟାଗ କରିବାର ଲକ୍ଷଣ ଦେଖାଯାଉଛି । ତୁମ୍ଭେମାନେ ଯଦି ନିଜ ଉଦ୍ଧାର ଚାହଁ, ତେବେ ରାମନାମ ଜପ କର ।'' ତାଙ୍କର ଉପଦେଶାନୁସାରେ ଦୁଇଭାଇ ନାମଜପରେ ଲାଗିଗଲେ । କିନ୍ତୁ ପ୍ରଥମେ ଜପରେ ଆଦୌ ମନ ଲାଗେ ନାହିଁ । ସବୁବେଳେ ନିଜ ଛୋଟ ଛୋଟ ପିଲାଙ୍କର ଅସ୍ପଷ୍ଟ ବଚନ, ମୃଦୁହାସ୍ୟ, ସେମାନଙ୍କର ମୃତ୍ୟୁକାଳୀନ ବ୍ୟାକୁଳତାର ଦୃଶ୍ୟ ଆସି ସେମାନଙ୍କ ହୃଦୟ ଓ ମନକୁ ବ୍ୟାକୁଳ କରି ପକାଏ । କିନ୍ତୁ ତତ୍ପରତା ସହ କିଛିଦିନ କାଶୀଗଙ୍ଗାକୂଳରେ ବସି ନାମଜପିବା ଫଳରେ ସେମାନେ ପାରିବାରିକ ମୋହରୁ ମୁକ୍ତ ହୋଇ ଭଗବାନଙ୍କ ପ୍ରେମରେ ଓ ନାମଜପରେ ସଦାଲିପ୍ତ ହେବାକୁ ଲାଗିଲେ । ଦୁଇଭାଇଙ୍କ ସାଧୁନାମ ଥିଲା ସୀତାରାମଶରଣ ଓ ରାମକିଶୋରଶରଣ । ସେମାନେ ବହୁତ ପ୍ରସିଦ୍ଧ ମହାତ୍ମା ଥିଲେ । ସେ ଦୁଇଜଣଙ୍କୁ ମୁଁ ଭଲକରି ଜାଣେ । କେତେମାସ ସେମାନଙ୍କ ସଙ୍ଗେ ରହିବାକୁ ହୋଇଥିଲା । ଅବଧପ୍ରାନ୍ତରେ କେତେକ ଗୃହୀ ଥିଲେ ଯେଉଁମାନେ କି ଏକେବାରେ ନାସ୍ତିକ, ଅବିଶ୍ୱାସୀ, ତାର୍କିକ ଏବଂ ଅସ୍ଥିରମନା । ସେମାନେ ମଧ୍ୟ ନାମଜପ ଆରମ୍ଭ କରିଥିଲେ ପ୍ରଥମେ କେବଳ ଜିହ୍ୱାରେ । ପରିଶେଷରେ ନାମଜପରେ କେବଳ ଶ୍ରଦ୍ଧା-ବିଶ୍ୱାସ ନୁହେଁ, ସେମାନେ ନାମ-ପ୍ରେମରେ ଏପରି ବିଭୋଳ ହୋଇଗଲେ ଯେ ସେମାନେ ସେତେବେଳେ ଯଦି ଖୁବ୍ ଚେଷ୍ଟା କରିଥା'ନ୍ତେ, ତେବେ ନାମଜପ ଆଦୌ ଛାଡ଼ିପାରି ନ ଥା'ନ୍ତେ । ଏସବୁ ଅଧିକଭାବେ ନିର୍ଭର କରେ ମନୁଷ୍ୟର ତତ୍ପରତା ଉପରେ । ଯଦି ତତ୍ପରତା ଏବଂ ଦୃଢ଼ନିଷ୍ଠାର ସହିତ ନାମଜପ କରାଯାଏ, ଅନ୍ୟ ତ୍ରୁଟିସବୁ ଭଗବାନଙ୍କ କୃପାରୁ କ୍ରମଶଃ ଦୂର ହୋଇଯାଏ ।

ପ୍ରଶ୍ନ : ଅମୁକ ବ୍ୟକ୍ତି ୨୦/୨୫ ବର୍ଷ ହେଲା ନାମଜପ କରୁଛନ୍ତି ଏବଂ ସନ୍ଧ୍ୟା କରି ଆସୁଛନ୍ତି, କିନ୍ତୁ ତାଙ୍କ ହୃଦୟରେ ଶାନ୍ତି ନାହିଁ । କ୍ରୋଧ, ଈର୍ଷାଦି ଦୁର୍ଗୁଣ ଦୂର ହୋଇ ନାହିଁ । ଏହି ଅବସ୍ଥାରେ ମୃତ୍ୟୁ ହେଲେ ପରଲୋକରେ ଦୁଃଖଯନ୍ତ୍ରଣା ଭୋଗିବାକୁ ହେବ । ତେବେ ନାମଜପର ଲାଭ କ'ଣ ? ଏହିପରି କେତେକ ବ୍ୟକ୍ତିଙ୍କୁ ମୁଁ ଜାଣେ ।

ଉତ୍ତର : ଅନ୍ୟ ଲୋକର ବାହ୍ୟ ଅବସ୍ଥା ଦେଖି, ତାହାର କିଛି ଉନ୍ନତି ହୋଇ ନାହିଁ, ନାମଜପରେ କିଛି ଲାଭ ନାହିଁ ବୋଲି ନିର୍ଣ୍ଣୟ କରିବା ଯୁକ୍ତିଯୁକ୍ତ ନୁହେଁ । କାରଣ ଜଣେ ମନୁଷ୍ୟ ପକ୍ଷେ ଅନ୍ୟଜଣକର ପୂର୍ବଜନ୍ମର କର୍ମ, ଏ ଜନ୍ମର ମନପ୍ରାଣ-ଶରୀର-ଚେତନା, ତାହାର ଅବଚେତନା ଏବଂ ଆନ୍ତର ଅବସ୍ଥା ଜାଣିବା ଏକେବାରେ ଅସମ୍ଭବ; କାରଣ ଜଣକ ସକାଶେ ଅନ୍ୟଜଣକର ଅବସ୍ଥା ସମ୍ପୂର୍ଣ୍ଣ ରୁଦ୍ଧ କୋଠରି ସଦୃଶ । କେବଳ ଯୋଗୀ ଏବଂ ଜ୍ଞାନୀମାନେହିଁ ନିଜ ଚେତନାକୁ ଭଗବାନଙ୍କ ସଙ୍ଗେ ଓ ପ୍ରାଣୀମାନଙ୍କ ସଙ୍ଗେ ଏକ କରି, ତାହାର ସମସ୍ତ ଅବସ୍ଥାକୁ ବୁଝିପାରନ୍ତି; ସେ କେଉଁ ଭାବରେ, କେଉଁ ଉଦ୍ଦେଶ୍ୟରେ ନାମଜପ କରେ, ତାହା ଜାଣିପାରନ୍ତି । ନାମଜପରେ କ'ଣ ତ୍ରୁଟି ହୁଏ, କେଉଁ ସକାଶେ ପ୍ରତ୍ୟକ୍ଷ ଫଳ ଦୃଷ୍ଟିଗୋଚର ହୁଏ ନାହିଁ, ତାହା ପରେ କ୍ରମଶଃ ଆଲୋଚନା କରିବା ।

*

ପ୍ରଶ୍ନ : ତୁଳସୀଦାସ କହିଛନ୍ତି, ''ଓଲଟା ନାମ 'ମରା' ଜପି ବାଲ୍ମୀକି ମହାଋଷି ହୋଇପାରିଥିଲେ, ସିଧା ନାମ ଜପିଲେ, କ'ଣ ପଦ ନ ମିଳିବ ?'' କିନ୍ତୁ ତୁଳସୀଦାସ ତ ରାମନାମ ଜପ କରୁଥିଲେ, ସେ ବାଲ୍ମୀକିଙ୍କ ପରି ମହାଋଷି ହୋଇପାରିଲେ ନାହିଁ କାହିଁକି ? ଏଥିରୁ ଜଣାପଡ଼େ ଯେ ସବୁହୁଏ ଈଶ୍ୱରଙ୍କ ଇଚ୍ଛାରେ । ଏଥିରେ

କାହାରି କିଛି କହିବାର ନାହିଁ । ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ କେହି ନାହିଁ ।'' (ଭାଗବତ) । ଭଗବାନ୍ ଯେବେ ସବୁ କରାଉଛନ୍ତି ଓ କରୁଛନ୍ତି ତେବେ ଆମ୍ଭମାନଙ୍କର କିଛି କରିବା ଆବଶ୍ୟକ କ'ଣ ? ସେ ତ ସବୁ କରିଦେବେ ।

ଉତ୍ତର : ତୁଳସୀଦାସ ବାଲ୍ମୀକି ମୁନିଙ୍କ ସଦୃଶ ହୋଇ ନାହାନ୍ତି, କିପରି ଜାଣିଲେ ? ତୁଳସୀଦାସ ବାଲ୍ମୀକିଙ୍କ ସଦୃଶ ହୋଇଛନ୍ତି ବୋଲି କହିବା ଯେତେ କଠିନ, ହୋଇ ନାହାନ୍ତି ବୋଲି କହିବା ତା'ଠାରୁ ଅଧିକ କଠିନ । କାରଣ ମହାପୁରୁଷଙ୍କ ସ୍ଥିତି ବୁଝାଯାଏ ସେମାନଙ୍କ ଅନ୍ତର-ଚେତନା ଦେଖିପାରିଲେ, କିନ୍ତୁ ମହାପୁରୁଷମାନେ ଯେଉଁ ସ୍ଥିତିକୁ ପ୍ରାପ୍ତ ହୋଇଥାଆନ୍ତି ସେହି ସ୍ଥିତିରେ ନ ପହୁଞ୍ଚିଲେ ସେମାନଙ୍କ ଅନ୍ତର-ଚେତନାର ଜ୍ଞାନ ହୁଏ ନାହିଁ । ତା'ଛଡ଼ା ତୁଳସୀଦାସ ବାଲ୍ମୀକିଙ୍କ ପରି ମହାପୁରୁଷ ହେବେ କାହିଁକି ? ପୂର୍ବେ କୁହାହୋଇଛି — ଯାହାର ଯେତେ ଅଧିକ ଶ୍ରଦ୍ଧା ଓ ବିଶ୍ୱାସ ହେବ, ସେ ନାମର ମହତ୍ତ୍ୱ ସେତେ ଜାଣିବ, ତେତେ ଅଧିକ ଫଳ ପାଇବ । ପ୍ରତ୍ୟେକ ବ୍ୟକ୍ତିର ଆଧାର ଭିନ୍ନ ଭିନ୍ନ । ତେଣୁ ଭିନ୍ନ ଭିନ୍ନ ରୂପେ ଫଳ ପ୍ରାପ୍ତହେବା ସ୍ୱାଭାବିକ । ଗୋସ୍ୱାମୀ ତୁଳସୀଦାସଙ୍କ ସମ୍ବନ୍ଧେ ବୋଧହୁଏ ଆପଣ ବିଶେଷ କିଛି ଜାଣନ୍ତି ନାହିଁ, କିଂବା ତାଙ୍କ ରଚିତ ରାମାୟଣ ପଢ଼ି ନାହାନ୍ତି; ସେଥିପାଇଁ ଏପରି କହୁଛନ୍ତି । ଅଯୋଧ୍ୟା, କାଶୀ ଇତ୍ୟାଦି ସ୍ଥାନରେ ତୁଳସୀଦାସଙ୍କୁ ବାଲ୍ମୀକିଙ୍କ ଅବତାର ବୋଲି ସନ୍ଥମାନେ ସ୍ୱୀକାର କରନ୍ତି । ତାଙ୍କ ରାମାୟଣର ଆଦର ବାଲ୍ମୀକି ରାମାୟଣଠାରୁ କମ୍ ନୁହେଁ ।

''ସବୁ ହୁଏ ଭଗବାନଙ୍କ ଇଚ୍ଛାରେ'', ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ କେହି ନାହିଁ'', ''ଭଗବାନ୍ ସ୍ୱୟଂ କରନ୍ତି ଏବଂ କରାନ୍ତି'' — ତୁମ କଥାର ଅର୍ଥ ଯଦି ଠିକ୍ ଏହାହିଁ ହୁଏ, ତେବେ ଅସତ୍ କର୍ମ କରିବା ବ୍ୟକ୍ତି, ଖୁଣୀ, ଚୋର, ଡକାୟତଙ୍କୁ ଦଣ୍ଡଦେବା ଉଚିତ ହୁଅନ୍ତା ନାହିଁ । ସବୁ ଦଣ୍ଡ ମିଳନ୍ତା ଭଗବାନଙ୍କୁ । ଏପରି ନୁହେଁ । ମନୁଷ୍ୟର ମନ-ବୁଦ୍ଧି ଅଛି । ସେ ଭଗବାନଙ୍କ ଅବିଦ୍ୟା-ମାୟାକୁ ତ୍ୟାଗ କରି ବିଦ୍ୟାମାୟାକୁ ଗ୍ରହଣ କରିପାରେ । ଏହା ନ କରିବାରୁ ସେ ଦଣ୍ଡ ପାଏ । ଭଗବାନଙ୍କର ବିଦ୍ୟା ଏବଂ ଅବିଦ୍ୟା — ଏ ଦୁଇଟି ମାୟା । ଅବିଦ୍ୟା-ମାୟା ମଧ ଭଗବାନଙ୍କ ଶକ୍ତି । ଏ ଶକ୍ତି ସ୍ୱତନ୍ତ୍ର ରୂପେ କାର୍ଯ୍ୟ କରୁଥାଏ । ଏଥିରେ ଭଗବାନ୍ ସାଧାରଣ ତଥା ପ୍ରତ୍ୟକ୍ଷରୂପେ ହସ୍ତକ୍ଷେପ କରନ୍ତି ନାହିଁ, କିନ୍ତୁ ଏହାକୁ ଧାରଣ କରିଥାଆନ୍ତି ଏବଂ ପଶ୍ଚାତରେ ରହି ଏହାର କାର୍ଯ୍ୟରେ ସମ୍ମତି ଦେଉଥାଆନ୍ତି । କିନ୍ତୁ ଏହି ଅବିଦ୍ୟା-ମାୟାର କବଳରେ ପଡ଼ିଥିବା ଅଜ୍ଞାନୀ ଲୋକେ ''ଭଗବାନ୍ ସବୁ କରୁଛନ୍ତି'', ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ କେହି ନାହିଁ'', ଏହା ଭୁଲିଯାଆନ୍ତି ଏବଂ ମନେ କରନ୍ତି, ''ସବୁକିଛି 'ମୁଁ' କରୁଛି ।'' ସେହି କାରଣରୁ ସେମାନଙ୍କ ଦ୍ୱାରା ଯେଉଁସବୁ ଶୁଭାଶୁଭ କର୍ମ ହୁଏ ତା'ର ଫଳ ଦୁଃଖ, ସୁଖ ସେମାନେ ଭୋଗ କରନ୍ତି । ଏହି ଅବିଦ୍ୟା ମାୟା କବଳରୁ ମୁକ୍ତ ହେବା ସକାଶେ ଜ୍ଞାନ, ଭକ୍ତି ଇତ୍ୟାଦି ନାନାବିଧ ସାଧନାର ପ୍ରଣାଳୀ ମୁନିଋଷି ଓ ବେଦପୁରାଣ ଦ୍ୱାରା ନିର୍ଦ୍ଧାରିତ ହୋଇଅଛି । ସାଧନା ଦ୍ୱାରା ମନ, ପ୍ରାଣ ଶୁଦ୍ଧ ହୋଇ ଜ୍ଞାନ-ଭକ୍ତି ପ୍ରାପ୍ତ ହେଲେ ମନୁଷ୍ୟ ଉପଲବ୍ଧି କରେ ଯେ ସବୁକିଛି ଭଗବାନ୍ କରାଉଅଛନ୍ତି । ସେହି ସମୟରେ ତା'ର ବ୍ୟକ୍ତିଗତ ଅହଂ ଅଥବା 'ମୁଁ' ସ୍ଥାନରେ ଆସନ୍ତି 'ଭଗବାନ୍' । ତାହାର ସମସ୍ତ କର୍ମ ହୁଏ ଭଗବାନଙ୍କ ପରିଚାଳନାରେ । ସେ ହୁଏ ଭଗବାନଙ୍କ ଯନ୍ତ୍ର । ତା'ର ଯଦି ଲକ୍ଷ୍ୟ ଥାଏ ଭଗବାନଙ୍କ ଚେତନା ସଙ୍ଗେ ନିଜ ମନ, ପ୍ରାଣ ଓ ଶରୀର-ଚେତନାକୁ ପୂର୍ଣ୍ଣରୂପେ ଏକ କରିବାକୁ, ତେବେ ଦିବ୍ୟ ଭଗବତ୍ ଶକ୍ତି ଦ୍ୱାରା ମନ, ପ୍ରାଣ, ଶରୀର ପୂର୍ଣ୍ଣରୂପେ ରୂପାନ୍ତର ହୋଇ ଭଗବତ୍ ସାମର୍ଥ୍ୟ ଅର୍ଥାତ୍ ଦିବ୍ୟମାନବତ୍ୱକୁ ପ୍ରାପ୍ତ ହୁଏ । ''ଭଗବାନ୍ ସବୁ କରାଉ ଅଛନ୍ତି'' ଏ ଅନୁଭବ ଯେପର୍ଯ୍ୟନ୍ତ ନ ଆସିଛି, ସେପର୍ଯ୍ୟନ୍ତ ପ୍ରଯତ୍ନ ଦ୍ୱାରା ସାଧନା କରିବାକୁ ହେବ । ''ଭଗବାନ୍ ସବୁ କରାଉ ଅଛନ୍ତି'', ଏହା କେବଳ କଥାରେ କହିଲେ ଚଳିବ ନାହିଁ । ଏହାକୁ ଚେତନାରେ ଉତାରି ଆଣିବାକୁ ହେବ, ଅର୍ଥାତ୍ ଉପଲବ୍ଧି କରିବାକୁ ହେବ ।

ସାଧନା ସମୟରେ ନିରନ୍ତର ସ୍ମରଣ ରଖିବାକୁ ହେବ, ଭଗବାନ୍ ସବୁକିଛି କରାଉ ଅଛନ୍ତି । ଏପରିକି ସାଧନାରେ ଯେଉଁ ପ୍ରୟାସ କରିବାକୁ ହେଉଛି, ତାହାର ପ୍ରେରକ ମଧ ଭଗବାନ୍ । ଏହି ଧାରଣା ରଖି ସମସ୍ତ କର୍ମ, ସାଧାରଣରୁ ସାଧାରଣ କର୍ମ, ସ୍ନାନ-ଭୋଜନ ଇତ୍ୟାଦି କର୍ମକୁ ଭଗବାନଙ୍କୁ ଅର୍ପଣ କରିବାକୁ ହେବ । ଏହା ଫଳରେ କ୍ରମଶଃ

ଅନୁଭୂତ ହେବ ଯେ ଭଗବତ୍ ଶକ୍ତି ସର୍ବଦା ପରିଚାଳନା କରୁଅଛନ୍ତି । ଏହା ସଙ୍ଗେ ସଙ୍ଗେ ନିରନ୍ତର ଅଶୁଦ୍ଧ କାର୍ଯ୍ୟକୁ ତ୍ୟାଗ କରିବାକୁ ହେବ । ଏହି ତ୍ୟାଗ କରିବାରେ ସାହାଯ୍ୟ ସକାଶେ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ହେବ ।

*

ପ୍ରଶ୍ନ : ଧ୍ୟାନ ଏବଂ ନାମଜପ ନିରନ୍ତର ହେବାର ଉପାୟ କ'ଣ ?

ଉତ୍ତର : ଦୃଢ଼ସଂକଳ୍ପ, ଅଟଳ ନିଷ୍ଠା, ଅଖଣ୍ଡ ବିଶ୍ୱାସ ସହ ଅଭ୍ୟାସ ।

## (୪)

## ଧ୍ୟାନ

ପ୍ରଶ୍ନ : ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ସାଧନା କ'ଣ ?

ଉତ୍ତର : ଅଭୀପ୍ସା, ସମର୍ପଣ, ତ୍ୟାଗ ଏବଂ ଚେତନାର ଏକାଗ୍ରତା ସକାଶେ ଧ୍ୟାନ । ଏହା ଜାଣିବାକୁ ହେଲେ ପ୍ରଥମେ ସାଧନା ଆରମ୍ଭ କରିଦେବାକୁ ହେବ ଏବଂ ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର ଯୋଗ-ସାହିତ୍ୟ ଅଧ୍ୟୟନ କରିବାକୁ ହେବ ତେବେ ସାଧନା ଓ ଯୋଗ ସମ୍ବନ୍ଧରେ ଜାଣିବାକୁ ସହଜ ହେବ । ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'', ''ଲୋକସାହିତ୍ୟ'' ପଢ଼ନ୍ତୁ । ଯୋଗର ଲକ୍ଷ୍ୟ ବି ଜାଣିବା ଆବଶ୍ୟକ ।

ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଲା — ଭଗବାନ୍ ପୂର୍ଣ୍ଣବ୍ରହ୍ମଙ୍କୁ ମନ-ପ୍ରାଣ-ଶରୀରରେ ଓ ସମସ୍ତ କ୍ରିୟାରେ ନିରାବରଣରୂପେ ଉପଲବ୍ଧି କରିବା । ନିଜ ମନ, ପ୍ରାଣ, ଶରୀର ଚେତନାକୁ ଭଗବାନଙ୍କ ଚେତନାରେ ପୂର୍ଣ୍ଣରୂପେ ଏକ କରିଦେଇ ତାଙ୍କରି ଦ୍ୱାରା ଚାଳିତ ହେବା । ମନର ପ୍ରେରଣା, ସ୍ପନ୍ଦନ, ଶରୀରର କ୍ରିୟା ହେବ ଭଗବତ୍ ସଂକଳ୍ପ ଦ୍ୱାରା । ସାଧକ ହେବ ଯନ୍ତ୍ର, ଭଗବାନ୍ ହେବେ ଯନ୍ତ୍ରୀ । ଭଗବାନଙ୍କ ସଙ୍ଗେ ସଂପୂର୍ଣ୍ଣ ଏକ ହେବା ସତ୍ତ୍ୱେ ଭଗବାନଙ୍କ ନିମିତ୍ତ କର୍ମ କରିବାକୁ ହେବ । ଏହାପରେ ଏହି ସ୍ଥୂଳ ଜଡ଼ ଶରୀର ରୂପାନ୍ତରିତ ହେବ ଦିବ୍ୟ ଚିନ୍ମୟ ତତ୍ତ୍ୱରେ । ସେହି ରୂପାନ୍ତରିତ ଦିବ୍ୟ ଶରୀରର ଧର୍ମ ହେବ ଭାଗବତ୍ ଧର୍ମ, ରୋଗ-ଜରା-ମୃତ୍ୟୁ ହସ୍ତରୁ ମୁକ୍ତି । କିନ୍ତୁ ସ୍ୱେଚ୍ଛାରେ ଶରୀର ତ୍ୟାଗ କରି ଇଚ୍ଛାନୁସାରେ ନିଜ ସଂକଳ୍ପରେ ଅନ୍ୟ ଶରୀର ଧାରଣ କରିବାର ସାମର୍ଥ୍ୟ ପ୍ରାପ୍ତ ହେବ । ସେତେବେଳେ ନିମ୍ନ ସ୍ୱଭାବ ଓ କାମାଦି ରିପୁମାନଙ୍କର ଚିହ୍ନବର୍ଣ୍ଣ ନ ଥିବ । ସେସବୁ ରୂପାନ୍ତରିତ ହୋଇସାରିଥିବେ । ଏହାର ବହୁ ପୂର୍ବରୁ ଚେତନାର ପରିବର୍ତ୍ତନ ଘଟିବ । ସାଧନା ଆରମ୍ଭ ସଙ୍ଗେ ସଙ୍ଗେ ଚେତନାର ପରିବର୍ତ୍ତନ ମଧ୍ୟ ଆରମ୍ଭ ହେବ ।

ବ୍ୟକ୍ତିର ସ୍ୱଭାବ ଅନୁସାରେ ସେ କର୍ମ, ଜ୍ଞାନ, ଭକ୍ତି ଦ୍ୱାରା ଅଥବା ଏହା ମଧ୍ୟରୁ କୌଣସିଟିକୁ ଧରି ସାଧନା ଆରମ୍ଭ କରିପାରେ । କିନ୍ତୁ ସମର୍ପଣ ବିନା ଏ ଯୋଗ-ସିଦ୍ଧି ଲାଭ ହୁଏ ନାହିଁ । କାରଣ ଏ ଯୋଗର ପ୍ରଧାନ ଲକ୍ଷ୍ୟ ହେଲା ଶରୀର ଓ ପ୍ରକୃତିର ରୂପାନ୍ତର । ଶରୀର ଓ ପ୍ରକୃତିର ରୂପାନ୍ତର କୌଣସି ଯୌଗିକ କ୍ରିୟା ଦ୍ୱାରା, ତାହା ଯେତେ ଉତ୍କୃଷ୍ଟ ହେଲେ ମଧ୍ୟ କଦାପି ସାଧିତ ହୋଇପାରେ ନାହିଁ । କେବଳ ହୋଇପାରେ ଭଗବାନଙ୍କ ଆଦ୍ୟା-ଅତିମାନସଶକ୍ତି ଦ୍ୱାରା, ଯେଉଁ ଶକ୍ତି ଏହି ସମସ୍ତ ସୃଷ୍ଟି ସର୍ଜନା କରିଅଛି । ଏହି ଶକ୍ତି ରୂପାନ୍ତର କ୍ରିୟା କରେ ବ୍ୟକ୍ତିର ସତ୍ତା ସମର୍ପିତ ହେବା ଦ୍ୱାରା ।

କିନ୍ତୁ ଏହି ଅତିମାନସର କ୍ରିୟା ପ୍ରଥମେ ସିଧା ସିଧା ତଥା ସ୍ପଷ୍ଟଭାବେ ହୁଏ ନାହିଁ; ହୁଏ ମସ୍ତକ ଊର୍ଦ୍ଧ୍ୱସ୍ଥ ଭାବବତୀ ଶକ୍ତିଙ୍କ ଦ୍ୱାରା, ଯେଉଁ ଭାଗବତୀ ଶକ୍ତି ଅନ୍ୟ ରୂପରେ ମୂଳାଧାରରେ ସୁପ୍ତ ହୋଇ ରହିଥାଏ, ତାହାକୁହିଁ କୁଣ୍ଡଳିନୀ ଶକ୍ତି ବୋଲି କୁହାଯାଏ । ସମର୍ପଣ, ଅଭୀପ୍ସା, ଆବାହନ ଦ୍ୱାରା, ଊର୍ଦ୍ଧ୍ୱସ୍ଥ ଶକ୍ତି ନିମ୍ନସ୍ଥ ଚକ୍ରମାନଙ୍କରେ କ୍ରମଶଃ ଅବତରଣ କରି ମୂଳାଧାରରେ ପ୍ରବେଶ କରି ନିଜ ସ୍ୱରୂପଭୂତା କୁଣ୍ଡଳିନୀ ଶକ୍ତିକୁ ଜାଗ୍ରତ କରି ତାକୁ ସଙ୍ଗରେ ନେଇ ପୁନରାୟ ଊର୍ଦ୍ଧ୍ୱକୁ ଗମନ କରନ୍ତି । ଊର୍ଦ୍ଧ୍ୱରୁ ଜ୍ୟୋତିଃ, ଶାନ୍ତି, ଶକ୍ତି, ଆନନ୍ଦ ଇତ୍ୟାଦି ଦିବ୍ୟବସ୍ତୁ ଆଣି ମନ-ପ୍ରାଣ-ଶରୀର-ଚେତନାରେ

ସ୍ଥାପନ କରନ୍ତି । ଏହି ଅବତରଣ ଓ ଉତ୍ତରଣ ଦ୍ୱାରା ଜୀବ ମୁକ୍ତିର ଅଧିକାରୀ ହୁଏ ଏବଂ ତତ୍ ସଙ୍ଗେ ସଙ୍ଗେ ଜୀବନର ପୂର୍ଣ୍ଣତା ପ୍ରାପ୍ତ ହୁଏ । ମନ, ପ୍ରାଣ ଓ ଶରୀରର ମଧ ପୂର୍ଣ୍ଣତା ଆସେ । ଏହି ସଙ୍ଗେ ସଙ୍ଗେ ହୃଦୟରେ ଥିବା ବ୍ୟକ୍ତିସତ୍ତା ଚୈତ୍ୟପୁରୁଷର ଜାଗରଣ ହେବା ଆବଶ୍ୟକ । ସେ ଜାଗ୍ରତ ହେଲେ ମନ-ପ୍ରାଣକୁ ଅଧିକାର କରି ସାଧକକୁ ଠିକ୍ ମାର୍ଗରେ ପରିଚାଳିତ କରନ୍ତି ଏବଂ ଲକ୍ଷ୍ୟ ଦିଗରେ ଅଗ୍ରସର କରାଇନିଅନ୍ତି । ସେତେବେଳେ ମନର ଭ୍ରମ, ପ୍ରାଣସତ୍ତାର ଛଳନା ଆଉ ସାଧକକୁ ବିପଥଗାମୀ କରାଇପାରନ୍ତି ନାହିଁ । ଊର୍ଦ୍ଧ୍ୱସ୍ଥ ଭାଗବତୀ ଶକ୍ତିର ଅବତରଣ ଓ ହୃତ୍‌ପୁରୁଷର ଜାଗରଣ – ଏହି ଦୁଇ କ୍ରିୟା ହେବା ଦ୍ୱାରା ସାଧକ ସାଧନାରେ ଅଗ୍ରସର ହୁଏ ଏବଂ ତାହାର ସମସ୍ତ ସତ୍ତା ପରିଶୁଦ୍ଧ ହୋଇ ଅତିମାନସ  ଦିବ୍ୟ ରୂପାନ୍ତରକାରୀ ମହାନ୍ କ୍ରିୟା ସକାଶେ ପ୍ରସ୍ତୁତ ହୁଏ । ଏହି ପ୍ରସ୍ତୁତି ପରେ ଅତିମାନସ ଶକ୍ତି ସିଧା ସିଧା ବ୍ୟକ୍ତି ଆଧାରରେ ରୂପାନ୍ତର କ୍ରିୟା କରେ । ଏହା ପୂର୍ବରୁ ଅତିମାନସ ଶକ୍ତିର କ୍ରିୟା ସ୍ପଷ୍ଟରୂପେ ହୁଏ ନାହିଁ, କେବଳ କିଛି ପ୍ରଭାବ ଆସେ ସାଧକର ମସ୍ତକ ଊର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର କ୍ରିୟାରେ । ଏହିସବୁ ବିଷୟ ବୁଝିବାକୁ ଚେଷ୍ଟା କରିବାର ବିଶେଷ ଆବଶ୍ୟକତା ନାହିଁ । ସାଧନା କଲେ ସ୍ୱତଃ ବୁଝିବାକୁ ହେବ ଏବଂ ଅନୁଭୂତି ଆସିବ । କିନ୍ତୁ ଯାହା କରିବାକୁ ହେବ ତାହା ହେଲା ଏହି :

## ଧ୍ୟାନର ପ୍ରଣାଳୀ

କୌଣସି ନିର୍ଦ୍ଦିଷ୍ଟ ସମୟରେ ପ୍ରତିଦିନ ଗୋଟିଏ ସ୍ଥାନରେ କୁଶ, କମ୍ୱଳ କିଂବା ମୃଗଚର୍ମ ଉପରେ ଅଥବା ସ୍ୱାଭାବିକ ଆସନ ଉପରେ ବସିବେ, ଯେଉଁ ଆସନରେ କୌଣସି ଶାରୀରିକ ପୀଡ଼ା ନ ହୁଏ । ଚାରିଦିଗରେ ବିକ୍ଷିପ୍ତ ହୋଇଥିବା ଚେତନାକୁ ହୃଦୟରେ ଏକତ୍ର କରି ହୃଦୟର ଗଭୀରକୁ ନେଇଯିବାକୁ ଚେଷ୍ଟା ଓ ସଂକଳ୍ପ କରିବେ । କିଛିଦିନ ଅଭ୍ୟାସ କଲେ ଚେତନା ଗଭୀରରେ ପ୍ରବେଶ କରିବାକୁ ଆରମ୍ଭ କରିବ ଓ ସେହି ଗଭୀରରେ କିଛିକ୍ଷଣ ସ୍ଥାୟୀ ହୋଇ ରହିବ । କ୍ରମେ ସେହି ସ୍ଥାୟିତ୍ୱ ବୃଦ୍ଧି ହେବାକୁ ଲାଗିବ । ସେହି ଚେତନା ଯେତେବେଳେ ହୃଦୟରୁ ବାହାରିଆସି ଊର୍ଦ୍ଧ୍ୱକୁ ଗତି କରିବ କିଂବା ଶରୀରର ଅନ୍ୟ ଅଙ୍ଗରେ କ୍ରିୟା କରିବ, ସେତେବେଳେ ନିଜ ଇଚ୍ଛାନୁସାରେ ଚେତନାର ଗତିକୁ ବନ୍ଦ କରିବେ ନାହିଁ, କିନ୍ତୁ ତାହା ସଙ୍ଗେ ନିଜକୁ ଏକ କରିଦେବେ । ସୁତରାଂ ଯଦି ବିଚାର ବା ଦୁର୍ଭାବନା ଆସେ, ତେବେ ଏସବୁକୁ ସ୍ମରଣ ନ କରି କେବଳ ଚେତନାର ଗତିକୁ ନିରୀକ୍ଷଣ କରିବେ ।

ଯାହା ସଚେତଭାବେ ସ୍ମରଣ ରଖିବାକୁ ହେବ ତାହା ହେଲା ଏହି – ଯେତେବେଳେ ଊର୍ଦ୍ଧ୍ୱଶକ୍ତି ନିଜ ମଧରେ କାମ କରିବାକୁ ଆରମ୍ଭ କରିବେ, ସେତେବେଳେ ହଠାତ୍ ବଡ଼ ଆନନ୍ଦ ମିଳିବା ପରେ ଉଦାସୀନତା, ବିକ୍ଷୋଭ, କାମ, କ୍ରୋଧ, ହିଂସା, ଦ୍ୱେଷ ଆଦି ଦୁର୍ଗୁଣ ଦେଖାଦେବ । ସେତେବେଳେ ସାଧାରଣ ଜୀବନ ଅପେକ୍ଷା ଯୋଗ-ଜୀବନରେ କୁପ୍ରବୃତ୍ତିର ଗତିବୃତ୍ତି ଅଧିକ ଦୃଷ୍ଟି ଗୋଚର ହେବ । ସାବଧାନ ! ସେତେବେଳେ ବ୍ୟସ୍ତ ହେବେ ନାହିଁ, ଶାନ୍ତ ହୋଇ ମା'ଙ୍କୁ ପ୍ରାର୍ଥନା କରିବେ । ସାଧନା ଅବସ୍ଥାରେ ଏହିପରି ଆଲୋକ ଓ ଅନ୍ଧକାର ସମୟ ଆସୁଥିବ । ଏହାର କାରଣ ଏହି ଯେ ମନୁଷ୍ୟର ଅନାଦିକାଳରୁ ଯେଉଁ ଅସଂସ୍କୃତ ଭାବ, ମନ-ପ୍ରାଣ-ଶରୀରର ଅବଚେତନାରେ ଯେଉଁ କାମ, କ୍ରୋଧ, ମଦ, ମାତ୍ସର୍ଯ୍ୟ, ଈର୍ଷା, ଦ୍ୱେଷାଦି ଦୁର୍ଗୁଣ ବିଦ୍ୟମାନ ରହିଆସିଅଛି, ସେହିସବୁକୁ ଯୋଗଶକ୍ତି ପ୍ରଥମେ ସ୍ପର୍ଶ କରେ, ଜାଗ୍ରତ କରେ ଏବଂ କ୍ରମଶଃ ସେସବୁକୁ ରୂପାନ୍ତର କରିବାକୁ ଆରମ୍ଭ କରେ । ସେସବୁକୁ ଜାଗ୍ରତ କରାଏ, ତାହା ଉପରେ କ୍ରିୟା କରିବା ସକାଶେ । ସେହି ସକାଶେ ସାଧକ ମଧରେ କୁପ୍ରବୃତ୍ତି ଦେଖାଯାଏ । ସେହିସବୁ ଜାଗ୍ରତ ନ ହେଲେ ରୂପାନ୍ତରିତ ହୋଇପାରିବେ ନାହିଁ ।

ଧ୍ୟାନ କରିବାକୁ ବସିଲେ ହଠାତ୍ ଚେତନା ଏକାଗ୍ର ହୁଏ ନାହିଁ । ଯଦି ବସିବା ସଙ୍ଗେ ସଙ୍ଗେ ନାନା ପ୍ରକାର ଚିନ୍ତା ଆସେ ଏବଂ ମନକୁ ବ୍ୟତିବ୍ୟସ୍ତ କରିପକାଏ, ତେବେ ସେତେବେଳେ ଧ୍ୟାନ ନ କରି, ମା'ଙ୍କୁ ପ୍ରାର୍ଥନା କରିବେ କିଂବା ମା'ଙ୍କ ବହି ପଢ଼ିବେ । ମନ ଶାନ୍ତ ହେବା ପରେ ଧ୍ୟାନ କରିବାକୁ ଆରମ୍ଭ କରିବେ । କିଂବା ମା'ଙ୍କ ଫଟୋ ଦେଖି

ସେଥିରେ ଚିତ୍ତବୃତ୍ତିକୁ ଏକାଗ୍ର କରିବେ । ଚିତ୍ତବୃତ୍ତି ଏକାଗ୍ର ହେବା ପରେ ହୃଦୟ କେନ୍ଦ୍ରରେ ନିଜେ ରହି କେବଳ ପ୍ରତୀକ୍ଷା କରିବେ – ଶାନ୍ତି, ଶକ୍ତି, ଆନନ୍ଦ ଏବଂ ଏକାଗ୍ରତା ଇତ୍ୟାଦି ଉର୍ଦ୍ଧ୍ୱରୁ ଆସିବାକୁ । ନିଜେ ହୃଦୟରେ ରହିବା ଅର୍ଥ – 'ମୁଁ' ହୃଦୟରେ ଅନ୍ତରାତ୍ମା ସହିତ ଏକ ହୋଇ ସେହିଠାରେ ରହି ପ୍ରତୀକ୍ଷା କରୁଅଛି, ଏହି କଳ୍ପନା କରିବା । ଆମ୍ଭମାନଙ୍କର ଅଭ୍ୟାସ ଯେ ମନ-ପ୍ରାଣ-ଶରୀରକୁ ଆମ୍ଭେମାନେ 'ମୁଁ' ବୋଲି କହିଥାଉ, କିନ୍ତୁ ଆମ୍ଭମାନଙ୍କର ଯଥାର୍ଥ 'ମୁଁ' ହେଉଛି 'ଆନ୍ତର ସତ୍ତା' । ସେହି 'ଅନ୍ତଃସତ୍ତା' ସହିତ ଏହି ମିଥ୍ୟା 'ମୁଁ' କୁ ଏକ କରିଦେବାକୁ ହେବ । ଧ୍ୟାନର ସମୟ ନିର୍ଦ୍ଦିଷ୍ଟ ହେବା ଉଚିତ; ତଥା ନିୟମିତରୂପେ ଅନୁକୂଳ ସମୟରେ ଧ୍ୟାନ କରିବାକୁ ହେବ । ପ୍ରଥମ ଦୁଇ ସପ୍ତାହ ୧୦ ମିନିଟ୍, ତା'ପରେ ଦୁଇ ସପ୍ତାହ ୧୫ ମିନିଟ୍ ଓ ତା'ପରେ ଅଧଘଣ୍ଟାଏ ପର୍ଯ୍ୟନ୍ତ କରାଯାଇପାରେ । ମନ ଏକାଗ୍ର ହେଲେ ଧ୍ୟାନର ସମୟ ବଢ଼ାଇ ଦିଆଯାଇପାରେ ।

ସକାଳୁ ନିଦ୍ରାଭଙ୍ଗ ସଙ୍ଗେ ସଙ୍ଗେ ମା'ଶ୍ରୀଅରବିନ୍ଦଙ୍କ ନାମ ସ୍ମରଣ କରିବେ । ଯଦି ରାତ୍ରିରେ ସ୍ୱପ୍ନ ଦେଖିଥାଆନ୍ତି ତେବେ ସ୍ୱପ୍ନକୁ ସ୍ମରଣ କରିବେ । ପରେ ଉଠିବସି ମା'ଙ୍କୁ ପ୍ରାର୍ଥନା କରିବେ – ''ମୋର ସମସ୍ତ କର୍ମ, ମୁଁ ନିଜେ, ମୋର ଯାହାକିଛି ଅଛି, ସମସ୍ତ ତୁମ୍ଭ ଚରଣରେ ଅର୍ପଣ କରୁଛି; ମୋତେ ପଥ ଦେଖାଅ ଓ ମୋର ସମସ୍ତ କର୍ମକୁ ନିୟନ୍ତ୍ରଣ କର । ତୁମ୍ଭ ପ୍ରତି ମୋର ବିଶ୍ୱାସ ଓ ନିର୍ଭରତା ଏବଂ ସମର୍ପଣ ବୃଦ୍ଧି ହେଉ, ଏଥିରେ ତୁମ୍ଭେ ସାହାଯ୍ୟ କର ।'' ପ୍ରାର୍ଥନା ପରେ ଧ୍ୟାନସ୍ଥ ହୋଇ ଯେତେ ସମୟ ସମ୍ଭବ ହୁଏ ବସି ରହିବେ । ଅନ୍ତତଃ ପାଞ୍ଚ ମିନିଟ୍ ହେବା ଆବଶ୍ୟକ । ପରେ ଯାହାକିଛି ନିତ୍ୟକର୍ମ କରିବା କଥା କରିବେ । ସ୍ନାନ ଭୋଜନ ଆଦି ପ୍ରତିକର୍ମକୁ ସମର୍ପଣ କରିବେ । ମନେ କରିବେ – ''ପ୍ରତି ମୁହୂର୍ତ୍ତରେ ମା' ମୋ ସଙ୍ଗେ ସଙ୍ଗେ ରହିଅଛନ୍ତି ।'' ପ୍ରଥମରେ ତ ଏସବୁ କରିବାକୁ ମନେ ରହିବ ନାହିଁ । କିନ୍ତୁ ଦୃଢ଼ ସଂକଳ୍ପ ହେଲେ ଏବଂ କରିବାକୁ ଅଭିରୁଚି ଆସିଗଲେ ବହୁତ ଦିନ ଅଭ୍ୟାସ କରିବା ପରେ, ଏହା ଏକେବାରେ ସରଳ ହୋଇଯିବ । ପ୍ରଥମରେ କାର୍ଯ୍ୟ ଆରମ୍ଭ ଓ ଶେଷରେ ସମର୍ପଣ କଲେ ଚଳିବ । ଏହି ଯୋଗର ସମର୍ପଣହିଁ ଚାବି । ସମର୍ପଣ ଦ୍ୱାରା ହୃତ୍ପୁରୁଷ ଜାଗ୍ରତ୍ ହୁଏ, ଉପରୁ ଦିବ୍ୟଶକ୍ତିର ଅବତରଣ ଓ ନିମ୍ନରୁ କୁଣ୍ଡଳିନୀ ଶକ୍ତିର ଜାଗରଣ ହୁଏ । ଚେତନାର ବିକାଶ ହୁଏ ଏବଂ ତାହା ଶୁଦ୍ଧ, ବିଶାଳ ଓ ବ୍ୟାପକ ହୁଏ, ଏକାଗ୍ରତା ବଢ଼େ । କ୍ରମଶଃ ମନ, ପ୍ରାଣ, ଶରୀରରେ ଶାନ୍ତି, ନୀରବତା, ଶକ୍ତି, ଆନନ୍ଦ ଅବତରଣ କରେ । ଏ ଯୋଗରେ ସକଳ କର୍ମକୁ ଅର୍ପଣ କରିବାକୁ ହୁଏ ଓ ଧ୍ୟାନ ମଧ କରିବାକୁ ହୁଏ । ଗୋଟିକୁ ଅବହେଳା କରି ଅନ୍ୟଟି ଉପରେ ଅଧିକ ଜୋର୍ ଦେଲେ ଚଳିବ ନାହିଁ । ଏହିପରି ଦିନର ସମସ୍ତ କର୍ମକୁ ସମର୍ପଣ କରିବେ ଓ ଶୋଇବା ସମୟରେ ନିଜ ଇଷ୍ଟଙ୍କୁ ସ୍ମରଣ କରି ଶରୀରକୁ ଢିଲା କରି ଶୋଇବେ । ପ୍ରାର୍ଥନା କରିବେ, ''ମୁଁ ଯେପରି ନିଦ୍ରା ସମୟରେ ଅବାଞ୍ଛନୀୟ ସ୍ଥାନକୁ ନ ଯାଏ ।''

ଏ ଯୋଗର ଲକ୍ଷ୍ୟ – ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର – ରୋଗ-ଜରା-ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତି; ମନୁଷ୍ୟ ଶରୀରରେ ଭଗବତ୍ପ୍ରାପ୍ତି ଏବଂ ସମସ୍ତ ପ୍ରକୃତି ଉପରେ ପ୍ରଭୁତ୍ୱ ସ୍ଥାପନ । ଏହା ସ୍ମରଣ ହେବାମାତ୍ରେ ନିଜ ଦୁର୍ବଳତା ପରାମର୍ଶ ଦିଏ,– ''ଏ ଯୋଗ ସକାଶେ ତୁ ଏକେବାରେ ଅନୁପଯୁକ୍ତ, ତୋର ଏ ତ୍ରୁଟି, ସେ ତ୍ରୁଟି, ଏ ଦୋଷ, ସେ ଦୋଷ ରହିଛି; ତୋର ସାଧନା ହେବ ନାହିଁ । ପୁଣି ଏତେ ବଡ଼ ସାଧନା ! ଯଦି ଭକ୍ତିଯୋଗ ବା ଜ୍ଞାନଯୋଗ ସକାଶେ ସାଧନା କରନ୍ତୁ, ତେବେ ତାହା କେତେକ ପରିମାଣରେ ସମ୍ଭବ ହୋଇପାରନ୍ତା । ଏହି ପୂର୍ଣ୍ଣଯୋଗ ସିଦ୍ଧି ଏକେବାରେ ସ୍ୱର୍ଗର ଚନ୍ଦ୍ରମାତୁଲ୍ୟ, ଚନ୍ଦ୍ରମାକୁ ଲାଭ କରିବା ଯେପରି ଅସମ୍ଭବ, ସେହିପରି ତୋ ପକ୍ଷେ ପୂର୍ଣ୍ଣଯୋଗର ସିଦ୍ଧି ମଧ ଅସମ୍ଭବ ।'' ଏହି ବିଚାରକୁ ତତ୍କ୍ଷଣାତ୍ ବର୍ଜନ କରିବାକୁ ହେବ । ଏହି ଯୋଗ-ସିଦ୍ଧି ଯଦ୍ୟପି କଠିନ ଏବଂ ଦୁରୂହ, ତଥାପି ଏହା ସିଦ୍ଧି ହୁଏ ଅତିମାନସ ଶକ୍ତି ଦ୍ୱାରା । ଏହି ଅସମ୍ଭବକୁ ସମ୍ଭବ କରିତୋଳିବାକୁ ଏବଂ ମାନବ ମଧରେ ଭଗବତ୍ ଶକ୍ତି ସ୍ଥାପନ କରିବାକୁ ଶ୍ରୀମା ଓ ଶ୍ରୀଅରବିନ୍ଦ ଦୀର୍ଘକାଳ ତପସ୍ୟା କରି ସେହି ଅତିମାନସ ଶକ୍ତିକୁ ଉର୍ଦ୍ଧ୍ୱରୁ ଉତାରି ଆଣିଅଛନ୍ତି । ସେହି ଶକ୍ତିକୁ ମା' ଧାରଣ କରି ପୃଥିବୀ ତଥା ମାନବ ଶରୀରକୁ ରୂପାନ୍ତର କରିବା ସକାଶେ କାର୍ଯ୍ୟ କରୁଅଛନ୍ତି । ଯଥାର୍ଥରେ ସାଧକ ନିଜ ରୂପାନ୍ତର ସକାଶେ ସାଧନା କରେ ନାହିଁ । ସେ କେବଳ ସାଧନା କରେ, ମା'ଙ୍କ ଉପରେ ନିର୍ଭରତା ଓ ବିଶ୍ୱାସ ସ୍ଥାପନ କରିବାକୁ । ସେ ଏତିକି କଲେ ମା' ତା' ମଧରେ ସ୍ୱୟଂ କ୍ରିୟା କରି ତାକୁ ତା'ର

ଲକ୍ଷ୍ୟରେ ପହଞ୍ଚାଇ ଦେବେ । କେବଳ ମା'ଙ୍କ ପ୍ରତି ବିଶ୍ୱାସହିଁ ଏହି ଦୁରୂହ ସାଧନା ପଥକୁ କରିଦିଏ ସହଜ । ଯେତେବେଳେ କୌଣସି ମହାପୁରୁଷ ଏହି ପୃଥିବୀକୁ ଆସନ୍ତି ସେତେବେଳେ ମନୁଷ୍ୟଜାତିକୁ ଗୋଟାଏ ସୁଯୋଗ ମିଳେ । ସେତେବେଳେ ସାଧନା ସାଧକ ଉପରେ ନିର୍ଭର ନ କରି ମହାପୁରୁଷଙ୍କ କୃପା ଉପରେ ନିର୍ଭର କରିଥାଏ । ଏହି ସମୟହିଁ ଦେବମୁହୂର୍ତ୍ତ । ତେଣୁ କୁହାହୋଇଛି ଯେଉଁମାନେ ଏହି ସୁବର୍ଣ୍ଣ ସୁଯୋଗକୁ ଛାଡ଼ି ଭଗବାନଙ୍କ ଡାକକୁ କାନ ନ ଦେଇ ଶୋଇ ରହନ୍ତି, ସେମାନେ ଅତି ଭାଗ୍ୟହୀନ ।

## ଅଧ୍ୟାତ୍ମ ବାତାବରଣ ସୃଷ୍ଟି

ସମସ୍ତଙ୍କ ପାଇଁ ଏକ ମାର୍ଗ ନିର୍ଦ୍ଦିଷ୍ଟ କରା ହୋଇ ନ ପାରେ । ପ୍ରତ୍ୟେକ ବ୍ୟକ୍ତିର ନିଜ ମାର୍ଗ ଅଛି । ଏହି ଯୋଗ ସମଗ୍ର ମାନବଜାତି ଓ ପ୍ରତ୍ୟେକ ବ୍ୟକ୍ତି ସକାଶେ । ତେଣୁ ଯେଉଁ ବ୍ୟକ୍ତି ଯେଉଁ ପରିସ୍ଥିତିରେ ଅଛି, ସେ ସେହି ପରିସ୍ଥିତିରେ ସାଧନା କରିପାରେ । ପରିବାର ଛାଡ଼ି ଲୋକେ ଆଶ୍ରମ ବା ଆଧ୍ୟାତ୍ମିକ ସଂସ୍ଥାକୁ ଯାଆନ୍ତି – ସେଠାରେ ଅନୁକୂଳ ବାତାବରଣରେ ରହି ସାଧନା କରିବେ ବୋଲି । ଅନୁକୂଳ ବାତାବରଣ ସୃଷ୍ଟି ହୁଏ ମନୁଷ୍ୟର ଭାବନା, ବିଚାର ଓ ବାହ୍ୟ-ଆଭ୍ୟନ୍ତରୀଣ କ୍ରିୟା ଦ୍ୱାରା । ଯେଉଁଠାରେ କେତେକ ବ୍ୟକ୍ତି ଏକତ୍ର ବାସ କରନ୍ତି, ସେମାନଙ୍କର ଏକହି ପ୍ରକାର ବିଚାର ହେଲେ ସେହି ବିଚାର ଅନୁସାରେ ବାତାବରଣ ସୃଷ୍ଟି ହୁଏ । ଏହି ହେତୁ ଆଧ୍ୟାତ୍ମିକ ଆଶ୍ରମ ଏବଂ ପାରିବାରିକ ବାତାବରଣ – ଏକ ଅନ୍ୟର ବିପରୀତ । ପ୍ରତିକୂଳ ବାତାବରଣ ସାଧନାରେ ସାହାଯ୍ୟ ନ କରି ନିମ୍ନକୁ ଆକର୍ଷଣ କରେ । କିନ୍ତୁ ବ୍ୟକ୍ତି ପରିବାରରେ ରହି, ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିପାରେ । ସେ ଯେଉଁଠାରେ ବାସ କରେ, ଯେଉଁ ବ୍ୟକ୍ତିଙ୍କ ସହ ବାସ କରେ, ସେମାନଙ୍କ ବିଚାର ଓ କର୍ମ ଆଧ୍ୟାତ୍ମିକତାର ସମର୍ଥନ ହେଲେ ସେହି ସ୍ଥାନ ମଧ୍ୟ ଆଶ୍ରମରେ ପରିଣତ ହୋଇପାରେ । ସାମୂହିକ ବିଚାରର ପ୍ରଭାବ ମଧ୍ୟ ବିଶେଷଭାବେ ଅନୁଭୂତ ହୁଏ । ଯେପରି କେତେଗୁଡ଼ିଏ ଲୋକ ଏକସଙ୍ଗେ ଶବ୍ଦ କଲେ ତାହା ବହୁଦୂର ପର୍ଯ୍ୟନ୍ତ ଶୁଣାଯାଏ, ସେହିପରି କେତେକ ଅଧ୍ୟାତ୍ମ-ବିଚାର ସମ୍ପନ୍ନ ବ୍ୟକ୍ତି ଏକତ୍ରିତ ହେଲେ ତାହାର ପ୍ରଭାବ ଏତେ ବେଶୀ ହୁଏ ଯେ ଅନ୍ୟ ଲୋକର ବିଚାରକୁ ତାହା ପରିବର୍ତ୍ତନ କରିଦିଏ ।

ଏହି ସୃଷ୍ଟି ଭଗବାନଙ୍କର । ଏ ସୃଷ୍ଟିରେ ଯାହାକିଛି ହେଉଛି ତାହା ଭଗବାନଙ୍କ କାର୍ଯ୍ୟ । ପ୍ରତ୍ୟେକ ବ୍ୟକ୍ତି ଅଜ୍ଞାତଭାବରେ ତାଙ୍କରି କାର୍ଯ୍ୟ କରୁଛନ୍ତି ଏବଂ ତାଙ୍କରି ଆଡ଼କୁ ଅଗ୍ରସର ହେଉଛନ୍ତି । କିନ୍ତୁ ବ୍ୟକ୍ତିର ସ୍ୱଭାବ ଅନୁସାରେ ତାକୁ ଭଗବାନ୍ କାର୍ଯ୍ୟ ଦିଅନ୍ତି । ବ୍ୟକ୍ତିର ଅନୁକୂଳ ସ୍ୱଭାବ ଦ୍ୱାରା ସେ କାର୍ଯ୍ୟରେ ସେ ନିଜର ଉନ୍ନତି କରିପାରେ ଏବଂ ଭଗବାନଙ୍କ ପାଖରେ ପହଞ୍ଚିପାରେ । ସେ କାର୍ଯ୍ୟ ତା' ସକାଶେ ଅତି ସହଜ, କିନ୍ତୁ ସେହି ସହଜ କାର୍ଯ୍ୟ ଅନ୍ୟ ପକ୍ଷେ ଅତି ଅସମ୍ଭବ ହୋଇପାରେ । ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ପରିବାର ଛାଡ଼ି ଆଶ୍ରମରେ ରହିବାର ଆବଶ୍ୟକତା ନାହିଁ । ଯେଉଁମାନଙ୍କର ଲୋକ-କଲ୍ୟାଣ କରିବା ସ୍ୱାଭାବିକ ପ୍ରବୃତ୍ତି, ସେମାନେ ଲୋକମାନଙ୍କ ସଙ୍ଗେ ରହି ସେମାନଙ୍କ ସମ୍ମୁଖରେ ଆଧ୍ୟାତ୍ମିକ ଆଦର୍ଶ ରଖି ସେମାନଙ୍କୁ ସତ୍ୟ-ମାର୍ଗରେ ନେଇଯିବା ସକାଶେ ଚେଷ୍ଟା କରିବା ଉଚିତ । ନିଜର କୌଣସି ଶକ୍ତି ନାହିଁ, କିନ୍ତୁ ଯଦି ମନେକରାଯାଏ ଯେ ଏହା ଭଗବାନଙ୍କ କାର୍ଯ୍ୟ, ମା'ଙ୍କ କାର୍ଯ୍ୟ ତେବେ ତାଙ୍କ କାର୍ଯ୍ୟ କରିବାକୁ ସେ ଶକ୍ତି ଦେବେ । ନିଜେ କେବଳ କାର୍ଯ୍ୟ କରିବାର କଥା । ଅଚେତନ ଭାବରେ, ପ୍ରାଣୀମାତ୍ରେ ଭଗବାନଙ୍କ ଆଡ଼କୁ ଗତି କରୁଛନ୍ତି, କିନ୍ତୁ ସଚେତନ ଭାବରେ ତାଙ୍କର ଯନ୍ତ୍ର ହୋଇ ତାଙ୍କ କାର୍ଯ୍ୟ କଲେ ବ୍ୟକ୍ତି ସ୍ୱୟଂ ତାଙ୍କ ପ୍ରଭାବକୁ ଗ୍ରହଣ କରିବ ଏବଂ ତା' ଆଦର୍ଶକୁ ଅନ୍ୟମାନେ ଗ୍ରହଣ କରି ଉପକୃତ ହୋଇପାରିବେ । ବର୍ତ୍ତମାନ ସମୟ ଆସିଛି । ସମଗ୍ର ସଂସାରରେ ଆଧ୍ୟାତ୍ମିକତାର ପ୍ରସାର ହେବ । ଏହା ଯେତେ ଅଧିକ ପ୍ରସାରିତ ହେବ, ସଂସାରରେ ତେତେ ଅଧିକ ସୁଖଶାନ୍ତି ଦୃଷ୍ଟିଗୋଚର ହେବ । ବର୍ତ୍ତମାନ ଯେ ଯେଉଁଠାରେ ରହି ସାଧନା କରିବ, ସେହିଠାରେହିଁ ମା'ଙ୍କର ଜ୍ୟୋତିଃକୁ ଗ୍ରହଣ କରିପାରିବ । ଏହା ନିର୍ଭର କରିବ କେବଳ ବ୍ୟକ୍ତିର ତତ୍ପରତା ଓ ବିଶ୍ୱାସ ଉପରେ । ମା' କେବଳ ଏହି ଆଶ୍ରମରେ ଆବଦ୍ଧ ନୁହନ୍ତି । ସେ ସମସ୍ତ ସ୍ଥାନରେ ରହି ପ୍ରତ୍ୟେକ ସାଧକକୁ ପରିଚାଳନା କରୁଅଛନ୍ତି । ଯଦି ପାଠଚକ୍ରର ସଭ୍ୟମାନେ

ଦୃଢ଼ଭାବେ ଏହି ଧାରଣା କରିପାରନ୍ତି ତେବେ ପ୍ରତ୍ୟେକ ପାଠଚକ୍ରରେ ବ୍ୟକ୍ତି ସ୍ପଷ୍ଟରୂପେ ମା'ଙ୍କ ଉପସ୍ଥିତି ଅନୁଭବ କରିପାରିବେ ଏବଂ ପାଠଚକ୍ରର ବାତାବରଣ ଆଶ୍ରମ ବାତାବରଣରେ ପରିଣତ ହୋଇପାରିବ ।

## ଅନ୍ତରାତ୍ମାର ଆହ୍ୱାନର ଲକ୍ଷଣ

ପ୍ରଶ୍ନ : ଶ୍ରୀଅରବିନ୍ଦ ''ଯୋଗ-ପ୍ରଦୀପ''ରେ ଲେଖିଛନ୍ତି, ''ଏହି ଯୋଗ-ମାର୍ଗରେ କାହାରି ପ୍ରବେଶ କରିବା ଉଚିତ ନୁହେଁ, ଯେପର୍ଯ୍ୟନ୍ତ କେହି ଅନ୍ତରାତ୍ମାର ଆହ୍ୱାନ ନିଶ୍ଚିତରୂପେ ନ ଶୁଣିଛି ଏବଂ ଶେଷପର୍ଯ୍ୟନ୍ତ ଅଗ୍ରସର ହେବାକୁ ପ୍ରସ୍ତୁତ ନ ହୋଇଛି ।'' ତେବେ ଅନ୍ତରାତ୍ମାର ଆହ୍ୱାନ କ'ଣ ? ତାହା କିପରି ବୁଝିହେବ ?

ଉତ୍ତର : ଅନ୍ତରାତ୍ମାର ଆହ୍ୱାନ ହେଲା ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା ନିମିତ୍ତ ରୁଚି ଉତ୍ପନ୍ନ ହେବା । ଅନ୍ତରାତ୍ମାର ଆହ୍ୱାନ ନ ହେଲେ ବ୍ୟକ୍ତି ଆଧାତ୍ମିକ ମାର୍ଗରେ ଆନ୍ତରିକତା ସହ ଅଗ୍ରସର ହେବାକୁ ଚେଷ୍ଟା କରେ ନାହିଁ । ଅନ୍ତରାତ୍ମାର ଆହ୍ୱାନ ପାଇବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିକୁ ସତ୍ୟ ଓ ସଦାଚାର ପାଳନ କରି ଅନ୍ତରାତ୍ମାର ଜାଗରଣ ନିମିତ୍ତ ଅଭୀପ୍ସା ଓ ପ୍ରାର୍ଥନା କରିବାକୁ ହେବ ।

ପ୍ରାଣର ବାସନା, ମନର ଉଚ୍ଚାକାଙ୍‌କ୍ଷାରେ ମନୁଷ୍ୟ ମଧ୍ୟ ଯୋଗରେ ପ୍ରବୃତ୍ତ ହୋଇପାରେ, କିନ୍ତୁ ବହୁଦୂର ଅଗ୍ରସର ହୋଇପାରେ ନାହିଁ । କାମନା-ବାସନା ପୂର୍ଣ୍ଣ ନ ହେଲେ କିଂବା ଯୋଗ-ମାର୍ଗରେ ବାଧା-ବିପତ୍ତି ଆସିଲେ ସେ ଯୋଗ ମାର୍ଗକୁ ଛାଡ଼ି ଚାଲିଯାଏ । କେତେକ ଲୋକ ଏହି ବିଚାରରେ ଯୋଗ-ମାର୍ଗରେ ପ୍ରବେଶ କରନ୍ତି – ''ବହୁତ ଲୋକ ଏହି ମା'ଙ୍କ ଫଟୋ ପୂଜା କରି, ଧ୍ୟାନ କରି ପରୀକ୍ଷାରେ ପାସ୍ କରିଗଲେ, ବଡ଼ ଚାକିରି ପାଇ ପାରିଲେ, ମୁଁ ସେହିପରି କଲେ ମୋର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇପାରିବ ।'' ଏହିପ୍ରକାର କାମନା-ବାସନା ହେଲା ମନ-ପ୍ରାଣର । ଏହା ସଫଳ ନ ହେଲେ ସେ ସାଧନା ଛାଡ଼ିଦିଏ, କାରଣ ଏଥିରେ ଅନ୍ତରାତ୍ମାର ଆହ୍ୱାନ ନ ଥାଏ ।

ଅନ୍ତରାତ୍ମାର ଡାକ ପାଇ ଯଦି ବ୍ୟକ୍ତି ସାଧନାରେ ସାମୟିକ ଭାବେ ବିଫଳ ହୁଏ ଏବଂ ବହୁପ୍ରକାର ବାଧା-ବିପତ୍ତିର ସମ୍ମୁଖୀନ ହୁଏ, ତଥାପି ସାଧନା ଛାଡ଼ି ସାଧାରଣ ଜୀବନକୁ ଫେରିଯାଏ ନାହିଁ । ସେ ଭଗବାନଙ୍କ ଉପରେ ବିଶ୍ୱାସ ରଖେ, ନିରାଶା ମଧ୍ୟରେ ଆଶାର ସଞ୍ଚାର ହୁଏ, ଶେଷରେ ସକଳ ବାଧା-ବିପତ୍ତିକୁ ଜୟକରି ନିଜ ଲକ୍ଷ୍ୟରେ ପହଞ୍ଚି ଶାଶ୍ୱତ ଆନନ୍ଦକୁ ପ୍ରାପ୍ତ ହୁଏ ।

ଯଦି କାହାର ଅନ୍ତରାତ୍ମାର ଆହ୍ୱାନ ସଙ୍ଗେ ପ୍ରାଣର ଦାବି, ମନର ଅଭିରୁଚି ମିଶ୍ରିତ ଥାଏ, ତେବେ ସେ ଅନ୍ତରାତ୍ମାର ଡାକ ଠିକ୍ ବୁଝିପାରେ ନାହିଁ, କେବଳ କାମନା ତୃପ୍ତି ସକାଶେ ଯୋଗରେ ପ୍ରବୃତ୍ତ ହୁଏ । ଯେପରି ମୋକଦ୍ଦମାରେ ବ୍ୟକ୍ତି ଏପରିଭାବେ ଅଭିଯୁକ୍ତ ହୋଇଥାଏ ଯେ ସେଥିରୁ ମୁକ୍ତ ହେବାର ଉପାୟ ନ ଥାଏ କିଂବା ଭୟଙ୍କର ରୋଗରେ ପୀଡ଼ିତ ହେଲେ ଡାକ୍ତର କିଂବା ବୈଦ୍ୟଙ୍କଠାରୁ ସାହାଯ୍ୟ ପାଏ ନାହିଁ, ସେତେବେଳେ ଏହି ବିପଦରୁ ରକ୍ଷାପାଇବାର ଅନ୍ୟ ଉପାୟ ନ ଦେଖି ସେ ଯୋଗର ଆଶ୍ରୟ ନିଏ । ଯଦିଓ ସେ ପ୍ରଥମେ କାମନା-ବାସନାକୁ ପରିପୂର୍ଣ୍ଣ କରିବା ପାଇଁ ଯୋଗ ଆରମ୍ଭ କରିଥାଏ, ତଥାପି ଏହା ପୂର୍ଣ୍ଣ ନ ହେବା ସତ୍ତ୍ୱେ ସେ ଯୋଗ-ମାର୍ଗକୁ ତ୍ୟାଗ କରେ ନାହିଁ, ତେବେ ସେ ଅନ୍ତରାତ୍ମାର ଆହ୍ୱାନ ପାଇଛି ବୋଲି ବୁଝାଯାଏ ।

ଆଉ କେତେକ ବ୍ୟକ୍ତି ଯଶଃ-ପ୍ରତିଷ୍ଠା ଲାଭ କରିବାକୁ ଯୋଗ କରନ୍ତି । ଏହିସବୁ ପ୍ରାପ୍ତ ହେବା ପରେ ଯୋଗ-ସାଧନାକୁ ଛାଡ଼ି ଦିଅନ୍ତି । ଅନ୍ତରାତ୍ମାର ଡାକ ଯଦି ଥରେ ଏହି କାମନା-ବାସନା ସହିତ ମିଶ୍ରିତ ହୋଇଥାଏ, ତେବେ ଏହା ପୂର୍ଣ୍ଣ ହେବାପରେ ସାଧକ ଏହିସବୁ କାମନାକୁ ଅତିକ୍ରମ କରି ନିଷ୍କାମ ଭାବରେ କେବଳ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରନ୍ତି । ଅନ୍ୟ କେତେକ ଲୋକ କୁଟୁମ୍ବପୋଷଣ ଭାରରେ ବ୍ୟଥିତ, ବ୍ୟବସାୟରେ ବିଫଳ କିଂବା ପୁତ୍ରର ମୃତ୍ୟୁରେ ଅସହ୍ୟ ବେଦନାରେ ପୀଡ଼ିତ ହୋଇ ଯୋଗ-ସାଧନା ଆରମ୍ଭ କରନ୍ତି । ସେଥିରେ ଯଦି ଅନ୍ତରାତ୍ମାର ଆହ୍ୱାନ ଥାଏ, ତେବେ ସେମାନେ ଏହି ସମସ୍ତ ବିପଦରୁ ମୁକ୍ତ ହେବା ପରେ ମଧ୍ୟ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଅନ୍ତି ।

ଅନ୍ତରାତ୍ମାର ଆହ୍ୱାନ ବହୁପ୍ରକାର ପରିସ୍ଥିତି ମଧ୍ୟରେ ଆସେ । ବାହ୍ୟ ପରିସ୍ଥିତିର ରୂପ ଭିନ୍ନ ଭିନ୍ନ ହେବାରେ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ଅନ୍ତରାତ୍ମାର ଆହ୍ୱାନ ଥିଲେ ବ୍ୟକ୍ତି ଯୋଗ-ମାର୍ଗରେ ଶେଷପର୍ଯ୍ୟନ୍ତ ଚାଲେ । ଅନ୍ତରାତ୍ମାର ଆବାହନ ବ୍ୟତୀତ କୌଣସି ପ୍ରକାର ପରିସ୍ଥିତିରେ ପଡ଼ି ଯଦି ବ୍ୟକ୍ତି ଯୋଗ ଆରମ୍ଭ କରେ, ତେବେ ସେ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ସାଧନା କରେ ନାହିଁ, କିଛିଦୂର ଅଗ୍ରସର ହୋଇ ସାଧନା ପରିତ୍ୟାଗ କରେ ।

କେହି କେହି କାମନା ପରେ କାମନା କରିଚାଲନ୍ତି । ସେମାନଙ୍କର ବଡ଼ ବଡ଼ କାମନା ମଧ୍ୟ ପୂର୍ଣ୍ଣ ହୁଏ, ମାନ-ଯଶଃ ବିସ୍ତାର ହୁଏ, ପ୍ରତିଷ୍ଠା ବୃଦ୍ଧି ହେଉଥାଏ । ଏହିସବୁ ହେବା ସତ୍ତ୍ୱେ ସେଥିରେ ସନ୍ତୋଷ ବା ଆନନ୍ଦ ମିଳେ ନାହିଁ । ତାହାର ଗୋଟାଏ ଭାଗ ଚାହୁଁଥାଏ ଭଗବାନଙ୍କୁ, ଅନ୍ୟ ଭାଗ ଚାହୁଁଥାଏ କାମନା-ବାସନାକୁ ପୂର୍ଣ୍ଣ କରିବାକୁ । ଏହିପରି ଦ୍ୱନ୍ଦ୍ୱ ଚାଲୁଥାଏ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ସେ ଅନ୍ତରାତ୍ମାର ଡାକ ପାଇଛି, କିନ୍ତୁ କାମନା-ବାସନା ପ୍ରବଳ ହେବାରୁ ସେ ଆଧ୍ୟାତ୍ମିକତାକୁ ସ୍ୱୀକାର କରିବାରେ ନିଜକୁ ଅସମର୍ଥ ବୋଧ କରୁଛି । ଯଦି ସେ ଯୋଗ-ସାଧନା ଆରମ୍ଭ କରେ, ତେବେ ସେ ଭଗବାନଙ୍କ ସାହାଯ୍ୟ ପାଏ ଏବଂ ସମସ୍ତ ବାଧା-ବିଘ୍ନର ସମ୍ମୁଖୀନ ହୋଇ ସେସବୁକୁ ଅତିକ୍ରମ କରି ପ୍ରବଳ ବେଗରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଏ । ଏହିପରି ବହୁ ଭକ୍ତ ଓ ମହାପୁରୁଷଙ୍କ ଜୀବନରେ ଦେଖାଯାଇଥାଏ ।

ଅନ୍ତରାତ୍ମାର ଆହ୍ୱାନ ପାଇବାର ଚିହ୍ନ ହେଲା — ମନୁଷ୍ୟ ଭୋଗ-ବିଳାସ, ମାନ-ପ୍ରତିଷ୍ଠା ଓ ମହାନ୍ ଐଶ୍ୱର୍ଯ୍ୟ ପ୍ରାପ୍ତ ହେବା ସତ୍ତ୍ୱେ ତହିଁରେ ସନ୍ତୁଷ୍ଟ ହୁଏ ନାହିଁ, ଜୀବନରେ କିଛି ଅଭାବ ଓ ଅପୂର୍ଣ୍ଣତା ଅନୁଭବ କରେ, ଭଗବାନଙ୍କୁ ଚାହେଁ ।

ଯେଉଁମାନେ ଅନ୍ତରାତ୍ମାର ଡାକ ପାଇ ନାହାନ୍ତି, କିନ୍ତୁ ବିବେକ ସହିତ ବିଚାର କରି ଅନୁଭବ କରନ୍ତି ଯେ ଭଗବାନଙ୍କୁ ଉପଲବ୍ଧି କରିବା ବିନା ଜୀବନ ଅପୂର୍ଣ୍ଣ ଏବଂ ଏହା ଜାଣି ସେମାନେ ଦୃଢ଼ତା ସହ ସତ୍ୟ-ମାର୍ଗରେ ଅଗ୍ରସର ହେବାକୁ ବଦ୍ଧପରିକର ହୁଅନ୍ତି, ତେବେ ସେମାନେ ମଧ୍ୟ ଅନ୍ତରାତ୍ମାର ଆହ୍ୱାନ ପାଇପାରନ୍ତି ।

ମନୁଷ୍ୟମାତ୍ରେ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେଲା — ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା । ଯେପରି ବୁଦ୍ଧିର ବିକାଶ ନ ହେବା, ବିଦ୍ୟାପ୍ରାପ୍ତି ନ କରିବା ମନୁଷ୍ୟ ଜୀବନର ଅପୂର୍ଣ୍ଣତା; ସେହିପରି ଆଧ୍ୟାତ୍ମିକ ସାଧନା ଦ୍ୱାରା ନିଜର ପ୍ରକୃତି, ମନ, ପ୍ରାଣ ଏବଂ ଶରୀରର କାମନା-ବାସନା ଓ ଆବେଗ ଉପରେ କର୍ତ୍ତୃତ୍ୱ ସ୍ଥାପନ ନ କରିବା, ସେସବୁର ପ୍ରେରଣାରେ ପୁତ୍ତଳିକା ପରି ନୃତ୍ୟ କରିବା ଏବଂ ନାନାପ୍ରକାର ଅବିହିତ କର୍ମ କରିବା ମଧ୍ୟ ଜୀବନର ମହାନ୍ ଅପୂର୍ଣ୍ଣତା । ଏହାଛଡ଼ା ଭାଷାଜ୍ଞାନ ଅଭାବରେ ଯେପରି ବ୍ୟକ୍ତି ଦେଶବିଦେଶର ଇତିହାସ, ଭୂଗୋଳ, ବିଜ୍ଞାନ ତଥା ସଂସ୍କୃତି ଇତ୍ୟାଦି ମହତ୍ତ୍ୱପୂର୍ଣ୍ଣ ବିଷୟରେ ଅଜ୍ଞ ଥାଏ, ସେହିପରି ସାଧନା-ଦ୍ୱାରା ମନକୁ ଅତିକ୍ରମ କରି ଅନ୍ତର ଏବଂ ଊର୍ଦ୍ଧ୍ୱକୁ ନ ଗଲେ ସମସ୍ତ ସୂକ୍ଷ୍ମ ଜ୍ଞାନ ଓ ସୂକ୍ଷ୍ମ ଶକ୍ତି ସମ୍ବନ୍ଧେ ସେ ଅନଭିଜ୍ଞ ରହେ; ଶାନ୍ତି, ସମତା ଓ ଦିବ୍ୟାନନ୍ଦରୁ ବଞ୍ଚିତ ହୁଏ । ଏହି ତ୍ରୁଟିକୁ ଦୂରକରିବା, ଜୀବନକୁ ସର୍ବାଙ୍ଗସୁନ୍ଦର କରି ଗଢ଼ିବା ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ଯୋଗସାଧନା କରିବା କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ । କାରଣ ସତ୍ୟ, ସଦାଚାର, ଜୀବନର ସମସ୍ତ କର୍ମ ଭଗବାନଙ୍କୁ ସମର୍ପଣ ଓ ଅଭୀପ୍ସା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ ହୁଏ, ବ୍ୟକ୍ତି ତାହାର ଆବାହନ ପ୍ରାପ୍ତ ହୋଇ ଯୋଗ-ମାର୍ଗରେ ପ୍ରବୃତ୍ତ ହୁଏ । ସଦାଚାର, ସତ୍ୟ-ଭାଷଣ, ସତ୍ୟ-ବ୍ୟବହାରଠାରୁ ଆରମ୍ଭ କରି ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ପୂର୍ଣ୍ଣ ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ଭଗବାନଙ୍କୁ ପୂର୍ଣ୍ଣରୂପେ ଉପଲବ୍ଧି କରିବା ପର୍ଯ୍ୟନ୍ତ ଅସଂଖ୍ୟ ସ୍ତର ଥାଏ । ଅନ୍ତରାତ୍ମାର ଜାଗରଣ ହେବା ଗୋଟିଏ ମଧ୍ୟବର୍ତ୍ତୀ ସ୍ତର, ଏକେବାରେ ଆରମ୍ଭ ନୁହେଁ । ଏହାର ଅର୍ଥ ଏପରି ନୁହେଁ ଯେ ଅନ୍ତରାତ୍ମାର ଆହ୍ୱାନ ନ ମିଳିଥିବା ପର୍ଯ୍ୟନ୍ତ ବ୍ୟକ୍ତି ମନ, ପ୍ରାଣ ଓ ଆବେଗର ପ୍ରେରଣାରେ ନାନା ଅବିହିତ କର୍ମ କରୁଥିବ । କେହି ଡାଳୁ ଡେଇଁ ଗଛ ଅଗରେ ପହଞ୍ଚେ ନାହିଁ । ମୂଳରୁ କ୍ରମଶଃ ଉଠିବାକୁ ହୁଏ । ପ୍ରତ୍ୟେକ ବ୍ୟକ୍ତିକୁ ନିଜ ସ୍ତରରୁ ସାଧନା ଆରମ୍ଭ କରିବାକୁ ହେବ ଏବଂ କ୍ରମଶଃ ଅନ୍ତରାତ୍ମାର ଜାଗରଣ ଆଦି ବହୁ ସ୍ତର ପାର ହୋଇ ଲକ୍ଷ୍ୟରେ ପହଞ୍ଚିବାକୁ ହେବ ।

# ପ୍ରତ୍ୟେକ ଧ୍ୟାନ-କେନ୍ଦ୍ରର ଭିନ୍ନ ଭିନ୍ନ ଫଳ

ପ୍ରଶ୍ନ : 'ନବଜ୍ୟୋତି'ରେ ପ୍ରଶ୍ନୋତ୍ତର ପ୍ରସଙ୍ଗରେ କୁହାହୋଇଛି : ହୃଦୟରେ, ଭ୍ରୂଯୁଗଳ ମଧ୍ୟସ୍ଥ ଆଜ୍ଞାଚକ୍ରରେ ଏବଂ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବାର ତିନୋଟି ସ୍ଥାନ ଅଛି । ପ୍ରତ୍ୟେକ ସ୍ଥାନରେ ଧ୍ୟାନର ଫଳ ବିଭିନ୍ନ ହୁଏ । ତେବେ କେଉଁ ସ୍ଥାନର କେଉଁ ଫଳ ଏବଂ କେଉଁ ସ୍ଥାନରେ କେଉଁ ମତାବଲମ୍ବୀ ଉକ୍ତ ଧ୍ୟାନ କରନ୍ତି ଏହା ବିଶଦଭାବେ ବୁଝାଇଦିଅନ୍ତୁ ।

ଉତ୍ତର : ଏହି ତିନି ସ୍ଥାନରେ ଧ୍ୟାନ ଦ୍ୱାରା ପୃଥକ୍ ପୃଥକ୍ ଫଳ ହୁଏ । କିନ୍ତୁ ପ୍ରତ୍ୟେକ ସ୍ଥାନରେ ଫଳ ସର୍ବଦା ଏକ ପ୍ରକାର ହୁଏ ନାହିଁ । କୌଣସି ବିଶିଷ୍ଟ ମତାବଲମ୍ବୀଙ୍କ ସକାଶେ ଧ୍ୟାନର ସ୍ଥାନ ଯେ ଏକେବାରେ ନିର୍ଦ୍ଦିଷ୍ଟ କରାହୋଇଅଛି, ଏପରି ନୁହେଁ । ଏହି ସ୍ଥାନମାନଙ୍କରେ ପ୍ରତ୍ୟେକ ମତାବଲମ୍ବୀ ଧ୍ୟାନ କରି ପାରନ୍ତି । ଧ୍ୟାନର ପରିଣାମ ନିର୍ଭର କରେ ସାଧକର ମନୋଭାବ ଓ ଲକ୍ଷ୍ୟ ଉପରେ । ଅର୍ଥାତ୍ ସେ କ'ଣ ପାଇବାକୁ, କେଉଁଠାରେ ପହଞ୍ଚିବାକୁ ସାଧନା କରୁଅଛି, ତାହାରି ଉପରେ । ସାଧାରଣତଃ ଏହା କୁହାଯାଇ ପାରେ ଯେ ମସ୍ତକ ଊର୍ଦ୍ଧ୍ୱରେ ଧ୍ୟାନ କରିବା ଦ୍ୱାରା ଉଚ୍ଚତର ମାନସସମୂହ ଏବଂ ଉଚ୍ଚତର ସ୍ତରସମୂହ ପ୍ରତି ମନ ଉଦ୍‌ଘାଟିତ ହୁଏ, ଆଶ୍ଚର୍ଯ୍ୟଜନକ ଅନୁଭୂତି ଆସେ, ଏବଂ ଊର୍ଦ୍ଧ୍ୱରୁ ଶାନ୍ତି, ଜ୍ୟୋତିଃ, ଶକ୍ତି, ଆନନ୍ଦ, ଜ୍ଞାନ ଏବଂ ବହୁ ପ୍ରକାରର ଦିବ୍ୟଗୁଣ ମନ-ପ୍ରାଣ-ଶରୀରରେ ଅବତରଣ କରେ । ମନ ଶୁଦ୍ଧ ଓ ସୂକ୍ଷ୍ମ ହୁଏ । ଏହାଦ୍ୱାରା ସାଧକ ଗୂଢ଼ ବିଷୟ କ୍ରମଶଃ ଜାଣିପାରେ ଏବଂ ଭଗବଦ୍‌ଗୂଢ଼ ରହସ୍ୟକୁ ବୁଝିପାରେ । ଭ୍ରୂଯୁଗଳ ମଧ୍ୟରେ ଧ୍ୟାନ କରିବା ଦ୍ୱାରା ସାଧକର ସୁପ୍ତ ସୂକ୍ଷ୍ମ ଦୃଷ୍ଟି ଉନ୍ମୁକ୍ତ ହୁଏ, ସେ ମନ ଊର୍ଦ୍ଧ୍ୱସ୍ଥ ସ୍ତରସମୂହ ସୂକ୍ଷ୍ମଦୃଷ୍ଟିରେ ଦେଖିପାରେ ଏପରିକି ବହୁତ ସମୟରେ ପାର୍ଥିବ ଦୂରବସ୍ତୁକୁ ଦେଖିପାରେ ଏବଂ ଦୂର ବାଣୀ ବି ଶୁଣିପାରେ । ହୃଦୟର ଉପରିଭାଗରେ ଆବେଗମୟ ପ୍ରାଣର ଏବଂ ଏହାର ବହୁତ ଗଭୀରରେ ଅନ୍ତରାତ୍ମା (ହୃତ୍‌ପୁରୁଷ)ଙ୍କ ନିବାସ ସ୍ଥାନ । ହୃଦୟର ଗଭୀରରେ ଧ୍ୟାନ କରିବା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ୍ ହୁଏ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ମନ, ପ୍ରାଣର ସ୍ଥାନରେ ନିଜେ କ୍ରିୟା କରେ ଏବଂ ସାଧନାର ଭାର ନିଜେ ବହନ କରେ । ତା'ର ସ୍ୱାଭାବିକ ଧର୍ମ ହେଉଛି ଭଗବତ୍ ଅଭିମୁଖୀ ହେବା । ସେ ନେତୃତ୍ୱ ଗ୍ରହଣ କଲେ ସ୍ୱଭାବତଃ ଭଗବାନଙ୍କ ପ୍ରତି ଉତ୍ତରୋତ୍ତର ସମର୍ପଣ ବଢ଼ିଚାଲେ । ଭକ୍ତି ବୃଦ୍ଧି ପାଏ । ହୃଦୟ, ମନ, ପ୍ରାଣ ବ୍ୟାକୁଳ ହୋଇଉଠନ୍ତି, ରୂପାନ୍ତର ହେବା ଏବଂ ଭଗବାନଙ୍କ ସଙ୍ଗେ ଯୁକ୍ତ ହେବା ନିମିତ୍ତ । ହୃଦୟରେ ଅଭୀପ୍ସା-ବହ୍ନି ପ୍ରଜ୍ୱଳିତ ହୋଇ କାମ, କ୍ରୋଧ, ଲୋଭ, ମଦ, ମତ୍ସର ଇତ୍ୟାଦି ଶତ୍ରୁଙ୍କୁ ନିଜ ଜ୍ୱାଳାରେ ଦୂରକୁ ହଟାଇଦିଏ ଏବଂ ଚାଲେ ଏକମାତ୍ର ଭଗବାନଙ୍କ ଆଡ଼କୁ । ସାଧନାରେ ସ୍ୱାଭାବିକରୂପେ ବାଧାବିପତ୍ତି ଆସେ; କିନ୍ତୁ ଅନ୍ତରାତ୍ମା ଜାଗ୍ରତ୍ ହେଲେ ସାଧନା ତୀବ୍ର ଗତିରେ ଚାଲେ, ବାଧାବିପତ୍ତି ଆସିଲେ ସୁଦ୍ଧା ସାଧକର ପତନ ହୁଏ ନାହିଁ । କାରଣ ଅନ୍ତରାତ୍ମା ବରାବର ସାଧକକୁ ସଚେତ କରାଏ । ଅନ୍ତରାତ୍ମାର ନିର୍ଦ୍ଦେଶରେ ସାଧକ ପ୍ରତିକୂଳ ବସ୍ତୁକୁ ଚିହ୍ନି ତ୍ୟାଗ କରେ; ଅନୁକୂଳ ବସ୍ତୁକୁ ଗ୍ରହଣ କରେ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ସାଧନା ନିରାପଦରେ ଚାଲେ । ସେଥିପାଇଁ ହୃଦୟରେ ଧ୍ୟାନ କରିବା ସକାଶେ ଏହି ଯୋଗରେ ଅଧିକ ଜୋର୍ ଦିଆହୁଏ । ଅନ୍ୟଥା ଅଶୁଦ୍ଧ ମନ, ପ୍ରାଣ, ଅଶୁଦ୍ଧ ଓ ଅସଂସ୍କୃତ ଆଧାରରେ ବଡ଼ ବଡ଼ ଅନୁଭୂତି ଆସିଲେ ସାଧକର ଅହଂକାର ବଢ଼ିଯାଇପାରେ ଏବଂ ପ୍ରତିକୂଳ ଶକ୍ତି କୁପରାମର୍ଶ ଓ କୁପ୍ରେରଣା ଦେଇ ସାଧକକୁ କୁପଥରେ ନେଇ ଯାଇପାରେ । କିନ୍ତୁ ଅନ୍ତଃପୁରୁଷଙ୍କର ନେତୃତ୍ୱ ଥିଲେ ଏପରି ଘଟେ ନାହିଁ । କାରଣ ସେ ପୂର୍ଣ୍ଣରୂପେ ଭଗବାନଙ୍କ ଉପରେ ନିର୍ଭର ରଖି ସବୁକିଛିକୁ ସମର୍ପଣ କରେ ଏବଂ ଭଗବାନଙ୍କଠାରେ ପୂର୍ଣ୍ଣ ବିଶ୍ୱାସ ସହ ତାଙ୍କ ଅନୁଗତ ହୁଏ । ପ୍ରତ୍ୟେକ ଅନୁଭୂତି, ପ୍ରତ୍ୟେକ କ୍ରିୟା ଭଗବାନଙ୍କ ଶକ୍ତି ଦ୍ୱାରା ସମ୍ପନ୍ନ ହେଉଥିବାର ଦେଖେ ତଥା ଅନୁଭବ କରେ; ସେଥିପାଇଁ ତା'ର ଅହଂକାର ହୁଏ ନାହିଁ । ହୃଦୟରେ ଧ୍ୟାନ କରିବା ଦ୍ୱାରା ଚୈତ୍ୟ-ରୂପାନ୍ତର ସଂଘଟିତ ହୁଏ । ଏ ବିଷୟ ''ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା'' ବହିରେ ଆଲୋଚିତ ହୋଇଅଛି ।

ଏହି ଧ୍ୟାନର ସ୍ଥାନମାନଙ୍କର ଭିନ୍ନ ଭିନ୍ନ ମତାବଲମ୍ବୀଙ୍କ ଧ୍ୟାନର ଫଳ ଏକଠାରୁ ଅନ୍ୟର ଏକେବାରେ ପୃଥକ୍ ହୁଏ । ଉଦାହରଣସ୍ୱରୂପ ସତ୍ତାରେ ବିଲୀନ ହେବା ସକାଶେ ଅଦ୍ୱୈତବାଦୀ ଜ୍ଞାନୀ ସାଧକମାନଙ୍କର ଅନ୍ୟାନ୍ୟ ପନ୍ଥା ପରି

ଭକ୍ତି ବି ଗୋଟିଏ ପନ୍ଥା । କେତେକ ଜ୍ଞାନୀ ସାଧକ ଭକ୍ତିକୁ ଚିତ୍ତ-ଶୁଦ୍ଧିର ସାଧନ ଭାବରେ ହୃଦୟରେ ଧ୍ୟାନ କରନ୍ତି । ସେମାନଙ୍କର ଧ୍ୟାନର ଉଦ୍ଦେଶ୍ୟ ଥାଏ ଚିତ୍ତ-ଶୁଦ୍ଧି ହେଲେ ବିଚାର ଦ୍ୱାରା ନିର୍ବିଶେଷ ସତ୍ତାରେ ବିଲୀନ ହେବା । ସେମାନଙ୍କର ହୃଦୟ ମଧ୍ୟରେ ଧ୍ୟାନ ଦ୍ୱାରା କେବଳ ଚିତ୍ତ-ଶୁଦ୍ଧି ହୁଏ । କିନ୍ତୁ ସେହି ହୃଦୟ କେନ୍ଦ୍ରରେ ପ୍ରେମୀ ଭକ୍ତମାନେ ଧ୍ୟାନ କରନ୍ତି — ସେମାନଙ୍କୁ ପ୍ରେମ-ଭକ୍ତି ପ୍ରାପ୍ତ ହୁଏ । ଧ୍ୟାନୀ ଭକ୍ତ ସେହିଠାରେ ଧ୍ୟାନ କରନ୍ତି ଭଗବାନଙ୍କ ସ୍ୱରୂପକୁ ମାନସ ଦୃଷ୍ଟିରେ ବରାବର ଦେଖିବାକୁ । ସେମାନଙ୍କୁ ତାହାହିଁ ପ୍ରାପ୍ତ ହୁଏ । ଧ୍ୟାନର ସ୍ଥାନ ଏକହିଁ ହୃଦୟ, କିନ୍ତୁ ଭିନ୍ନ ଲକ୍ଷ୍ୟ, ଭିନ୍ନ ଉଦ୍ଦେଶ୍ୟ, ଭିନ୍ନ ମନୋଭାବ ଯୋଗୁଁ ପ୍ରତ୍ୟେକ ମତାବଲମ୍ବୀ ଭକ୍ତ ଏକେବାରେ ପୃଥକ୍, ଏପରିକି ଏକର ବିପରୀତ ଫଳ ଅନ୍ୟ ପାଆନ୍ତି । ସେଥିପାଇଁ କୌଣସି ଧ୍ୟାନକେନ୍ଦ୍ର କୌଣସି ମତାବଲମ୍ବୀ ସକାଶେ ଏକେବାରେ କଠୋର ନିୟମରେ ନିର୍ଦ୍ଦିଷ୍ଟ କରାହୁଏ ନାହିଁ । ପ୍ରତ୍ୟେକ ସାଧକ ନିଜ ସ୍ୱଭାବ ଏବଂ ଅଭ୍ୟାସ ଅନୁସାରେ ଯେକୌଣସି କେନ୍ଦ୍ରରେ ଚେତନାକୁ ଏକାଗ୍ର କରିପାରେ । କିନ୍ତୁ ମସ୍ତକ ବା ମସ୍ତକ ଉର୍ଦ୍ଧ୍ୱରେ କିଂବା ହୃଦୟରେ ଧ୍ୟାନ କରିବା ଭଲ । ବିଶେଷତଃ ହୃଦୟ ଗଭୀରରେ ଧ୍ୟାନ କରିବା ଭଲ ।

*

ପ୍ରଶ୍ନ : ଭକ୍ତ ତାହାର ଉପାସ୍ୟ ଈଶ୍ୱରଙ୍କ ସ୍ୱରୂପକୁ କିଛି ସମୟ ଧ୍ୟାନ କରିବା ପରେ, ଚିତ୍ତ ଏକାଗ୍ର ହୋଇଗଲେ ପରେ ତାକୁ କ'ଣ କରିବାକୁ ହେବ ? ସେ କ'ଣ କଲେ ଅଗ୍ରସର ହୋଇପାରିବ ଏବଂ ତାହାର ଯାତ୍ରା ଶେଷ ହେବ କେଉଁଠି ?

ଉତ୍ତର : ଏସବୁ ନିର୍ଭର କରେ ସେ କାହିଁକି ଓ କେଉଁଥିପାଇଁ ଧ୍ୟାନ କରୁଛି ତାହା ଉପରେ, ଅର୍ଥାତ୍ ତା'ର ଲକ୍ଷ୍ୟ ଉପରେ । ଜ୍ଞାନୀ ସାଧକର ଚେତନା ଏକାଗ୍ର ହୋଇ ଚିତ୍ତଶୁଦ୍ଧି ହେବା ପରେ ସେ ଧ୍ୟାନକୁ ତ୍ୟାଗ କରେ ଏବଂ ନିର୍ବିଶେଷ ବ୍ରହ୍ମରେ ଲୀନ ହୋଇଯିବା ସକାଶେ ମନନ (ବିଚାର), ନିଦିଧ୍ୟାସନରେ ରତ ହୁଏ । ଧ୍ୟାନୀ ଭକ୍ତର ମାନସ-ପଟରେ ନିଜର ଧ୍ୟାନ ମୂର୍ତ୍ତି ସ୍ୱତଃସ୍ଫୂର୍ତ୍ତଭାବେ ସ୍ଥାପିତ ହେବା ପର୍ଯ୍ୟନ୍ତ ସେ ଧ୍ୟାନ କରେ । ପରେ ଧ୍ୟାନ କରିବାକୁ ହୁଏ ନାହିଁ, ତାହା ସ୍ୱାଭାବିକ ରୂପେ ହୁଏ । ଭକ୍ତ-ଯୋଗୀର ମଧ୍ୟ ସେହିପରି । ସେ ଯେପର୍ଯ୍ୟନ୍ତ ନିଜର ଗନ୍ତବ୍ୟ ସ୍ଥଳରେ ନ ପହଞ୍ଚିଛି, ସେପର୍ଯ୍ୟନ୍ତ ଧ୍ୟାନ କରେ । କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗର ସାଧକ ନିଜେ ଅଭ୍ୟସ୍ତ ଥିବା ବସ୍ତୁ ଉପରେ ମନକୁ ଏକାଗ୍ର କରେ । କିନ୍ତୁ ଉର୍ଦ୍ଧ୍ୱରୁ ଶାନ୍ତି, ଶକ୍ତି, ଜ୍ଞାନ ଆଦି ଅବତରଣ କଲେ କିଂବା କୁଣ୍ଡଳିନୀ ଶକ୍ତିର କ୍ରିୟା ଭିତରେ ଆରମ୍ଭ ହେଲେ ହୃଦୟରେ ଧ୍ୟାନାବଲମ୍ବିତ ମୂର୍ତ୍ତି ଅଦୃଶ୍ୟ ହୋଇଯାଏ ଏବଂ ଭିତରେ ହେଉଥିବା କ୍ରିୟାରେ ଚେତନା ସ୍ୱତଃ ଏକାଗ୍ର ହୁଏ । ସେତେବେଳେ ଆଗ୍ରହ ସହିତ ଜୋର୍ କରି ପୂର୍ବ ଧେୟ ବସ୍ତୁକୁ ହୃଦୟରେ ସ୍ଥାପନ କରିବାକୁ ସାଧକ ଚେଷ୍ଟା କରେ ନାହିଁ । କ୍ରମଶଃ ଭାଗବତୀ ଶକ୍ତିର କ୍ରିୟା ଆରମ୍ଭ ହୁଏ । ସେହି କ୍ରିୟା ମନ-ପ୍ରାଣ-ଶରୀରର ରୂପାନ୍ତର ହେବା ପର୍ଯ୍ୟନ୍ତ ଚାଲିଥାଏ ।

## (୫)

# ବିବିଧ ପ୍ରଶ୍ନୋତ୍ତର

ପ୍ରଶ୍ନ : 'ଆଧ୍ୟାତ୍ମିକତା' ଶବ୍ଦର ଅର୍ଥ କ'ଣ ?

ଉତ୍ତର : ଆଧ୍ୟାତ୍ମିକତା ଶବ୍ଦର ଅର୍ଥ : ଭଗବାନଙ୍କ ଚେତନାରେ ବାସ କରିବା । ପ୍ରତ୍ୟେକ ସାଧାରଣ ବ୍ୟକ୍ତି ମନରେ ବାସ କରେ, ଜାଗତିକ ସମସ୍ତ ବିଷୟରେ ବିଚରଣ କରେ । ଅର୍ଥାତ୍ ସମସ୍ତ ସମୟରେ ଗୃହ, ପରିବାର, ଦେଶ, ଜାତି ନିମିତ୍ତ ଜଗତ ଅନ୍ତର୍ଗତ କର୍ମ କରେ ଓ ସେହି ବିଷୟସବୁ ଚିନ୍ତା କରେ; ଇଞ୍ଜିନିୟରିଂ, ଡାକ୍ତରୀ, ଭୌତିକ ବିଜ୍ଞାନ ଇତ୍ୟାଦି ବିଦ୍ୟା ବସ୍ତୁ-ଜଗତର ଅନ୍ତର୍ଗତ । କେତେ ବଡ଼ ଆଶ୍ଚର୍ଯ୍ୟଜନକ ବୈଜ୍ଞାନିକ ଘଟଣା ହେଉନା କାହିଁକି, ସବୁ ସେହି ମନର ସୀମା ଭିତରେ ।

ଆଧ୍ୟାତ୍ମିକତା ହେଲା ମନ-ଜଗତର ପରେ ସୂକ୍ଷ୍ମ ଜଗତର ବସ୍ତୁ; ଭଗବାନଙ୍କ ରାଜ୍ୟ । ସେଠାରେ ମନର ଗତି ନାହିଁ । ଅଧ୍ୟାତ୍ମ ରାଜ୍ୟର ସୀମାରେ ପହଞ୍ଚିବାମାତ୍ରେ ମନ ପଙ୍ଗୁ ହୋଇଯାଏ । ମନ ସ୍ଥୂଳବାଦୀ । ଯେପର୍ଯ୍ୟନ୍ତ ବସ୍ତୁକୁ ସେ ନିଜ ଯନ୍ତ୍ରରେ ପରୀକ୍ଷା କରି ସତ୍ୟତାର ପରିଚୟ ନ ପାଏ ସେପର୍ଯ୍ୟନ୍ତ ସେ ବିଶ୍ୱାସ କରିପାରେ ନାହିଁ । ସେହି କାରଣରୁ ତା'ର ନିଜ ରାଜ୍ୟ ଛଡ଼ା ଅନ୍ୟ ବସ୍ତୁ କଳ୍ପନା, ମିଥ୍ୟା ବା ଭ୍ରମ ବୋଲି ଭାବେ । କିନ୍ତୁ ଅଧ୍ୟାତ୍ମ ରାଜ୍ୟରେ ପ୍ରବେଶ କରାହୁଏ ମନ-ରାଜ୍ୟ ମଧ୍ୟଦେଇ । ଯେପରି ଗୋଟିଏ ଦେଶର ସୀମାକୁ ଅତିକ୍ରମ କଲେ ଅନ୍ୟ ରାଜ୍ୟରେ ପ୍ରବେଶ କରାହୁଏ, ଠିକ୍ ସେହିପରି । ମନ-ସୀମାକୁ ଡେଇଁପଡ଼ି ଅଧ୍ୟାତ୍ମ ରାଜ୍ୟରେ ପହଞ୍ଚିବାକୁ ହୁଏ ନାହିଁ, କିନ୍ତୁ ଏହାର ଅର୍ଥ ଏପରି ନୁହେଁ ଯେ ମନ-ରାଜ୍ୟ ଶେଷ କରି ଅଧ୍ୟାତ୍ମ ରାଜ୍ୟରେ ପ୍ରବେଶ କରିବା ପରେ ମନରାଜ୍ୟକୁ ଏକେବାରେ ଛାଡ଼ି ଦେବାକୁ ହୁଏ । ମନ-ରାଜ୍ୟରେ ରହି ସାଧନା ସମୟରେ କେବେ କେବେ ଅଧ୍ୟାତ୍ମ ରାଜ୍ୟରେ ପ୍ରବେଶ କରାହୁଏ । ସେଠାରେ କିଛି ସମୟ ବାସ କରିବା ପରେ ମନ ରାଜ୍ୟର ଧର୍ମ – କାମ, କ୍ରୋଧ, ଲୋଭ, ମୋହ, ମତ୍ସର ଆଦି ଶତ୍ରୁ ଟାଣି ନିଅନ୍ତି । ଏହିପରି ଯୁଦ୍ଧ ଏକ ଜନ୍ମ ଅଥବା ବହୁଜନ୍ମ ପର୍ଯ୍ୟନ୍ତ ଚାଲେ । ଶେଷରେ ଅଧ୍ୟାତ୍ମ ରାଜ୍ୟରେ ପୂର୍ଣ୍ଣରୂପେ ବାସ କରାହୁଏ । ସେତେବେଳେ ମନ, ପ୍ରାଣ ଓ ଶରୀରର ଚେତନା ଅର୍ଥାତ୍ ମନ-ରାଜ୍ୟ ଅଧ୍ୟାତ୍ମ ରାଜ୍ୟରେ ମିଳିଯାଏ । ସେ ଚାଳିତ ହୁଏ ଭଗବାନଙ୍କ ଦ୍ୱାରା । ତାହାର ସମସ୍ତ ଇନ୍ଦ୍ରିୟ ଭଗବାନଙ୍କ ରାଜ୍ୟରେ ବିଚରଣ କରେ । ସେତେବେଳେ ସେ ଯଦି ସାଂସାରିକ କାର୍ଯ୍ୟ କରେ, ତଥାପି ଆଧ୍ୟାତ୍ମିକ ଜଗତରେ ଭଗବାନଙ୍କ ଚେତନାରେ ବାସ କରେ । ଭଗବାନଙ୍କ ଚେତନାରେ ବାସ କରିବାର ଅର୍ଥ ଆଧ୍ୟାତ୍ମିକତା ।

*

ପ୍ରଶ୍ନ : ଯେଉଁ ବ୍ୟକ୍ତି ମା'ଙ୍କୁ ଦେଖି ନାହାନ୍ତି, ଜାଣି ନାହାନ୍ତି ବା ଚିହ୍ନି ନାହାନ୍ତି ତାଙ୍କ ଉପରେ କ'ଣ ମାଙ୍କର ଦୟା ହୁଏ ନାହିଁ ?

ଉତ୍ତର : ମା'ଙ୍କ ଦୟା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ସମାନ । କିନ୍ତୁ ସେହି ଦୟାକୁ ଯେ ଗ୍ରହଣ କରିବାକୁ ଚାହେଁ ସେ ଗ୍ରହଣ କରେ, ଯେ ସେହି ଦୟା ଆସିବାର ଦ୍ୱାର ବନ୍ଦ କରିଦିଏ, ସେ ସେଥିରୁ ବଞ୍ଚିତ ରହେ । ସୂର୍ଯ୍ୟ, ବାୟୁ ଓ ଜଳ ସମସ୍ତଙ୍କ ସକାଶେ ସମାନ ଭାବରେ ଉପକାରୀ । ଯଦି କେହି ଆଖି ବନ୍ଦ କରେ ବା ରୁଦ୍ଧ କୋଠରିରେ ରହେ କିଂବା ଜଳ ନିକଟରେ ଥାଇ ଆଳସ୍ୟବଶତଃ ତାହା ଗ୍ରହଣ କରିବାକୁ ନ ଚାହେଁ, ତେବେ ତାକୁ ସେସବୁରୁ ବଞ୍ଚିତ ହେବାକୁ ପଡ଼େ । ସେହିପରି ମା'ଙ୍କ କୃପା ସମସ୍ତଙ୍କ ଉପରେ ସମାନ ଥିବା ସତ୍ତ୍ୱେ ନିଜ ଅଜ୍ଞାନ, ଅବିଶ୍ୱାସ, ସନ୍ଦେହ, କାମ, କ୍ରୋଧ, ମଦ, ମତ୍ସର ଆଦି ଦ୍ୱାରା ଆବଦ୍ଧ କିଲ୍ଲା ଭିତରେ ଯେ ବାସକରେ ସେ ମା'ଙ୍କ କୃପାକୁ ନିଜ ପାଖକୁ ଆସିବାକୁ ଦିଏ ନାହିଁ । ଯେଉଁମାନେ ମା'ଙ୍କ କୃପା ପ୍ରାପ୍ତ କରିବାକୁ ଚାହାନ୍ତି ସେମାନେ ମା'ଙ୍କୁ ସ୍ମରଣ କରି କୃପା ଭିକ୍ଷା କଲେ ମା' ତାକୁ ସାହାଯ୍ୟ କରନ୍ତି ଓ ସମସ୍ତ ଅନ୍ଧକାର ଦୂର କରିଦିଅନ୍ତି । ସେହି ସକାଶେ ସାଧନା କରିବାକୁ ହୁଏ । ମା'ଙ୍କ କୃପା ପ୍ରାପ୍ତି କରିବା ପାଇଁ ସାଧନା କରିବାକୁ ହୁଏ ନାହିଁ, ତାଙ୍କ କୃପା ତ ସର୍ବତ୍ର । କିନ୍ତୁ ତାଙ୍କ କୃପାରୋଧକାରୀ ରିପୁଗଣଙ୍କୁ ଦୂର କରିବା ସକାଶେ ସାଧନା କରିବାକୁ ହୁଏ ।

*

ଏହିସବୁ ଶତ୍ରୁଙ୍କ ଦ୍ୱାରା ମାର୍ଗ ବନ୍ଦ ଥିବା ସତ୍ତ୍ୱେ କେବେ କେବେ ମା'ଙ୍କ କୃପା ଆସେ ଏବଂ କାର୍ଯ୍ୟ ସିଦ୍ଧ କରିଯାଏ । ମନ ଓ ପ୍ରାଣ ଶୁଦ୍ଧ ନ ଥିବାରୁ ବ୍ୟକ୍ତି ସେହି କୃପାକୁ ଚିହ୍ନିପାରେ ନାହିଁ । ସେ କହେ ଯେ ତାହା ଅକସ୍ମାତ୍ ହେଲା ଅଥବା ଅମୁକ କାରଣରୁ ହେଲା କିଂବା ଅମୁକ ବ୍ୟକ୍ତି ଦ୍ୱାରା ହେଲା । ମା'ଙ୍କ କୃପା ପ୍ରାପ୍ତ ହେବା ସକାଶେ ନୁହେଁ, ତାକୁ କାମ କରିବାକୁ ଦେବା ସକାଶେ, ଚିହ୍ନିବା ସକାଶେ ମା'ଙ୍କ ଉପରେ ବିଶ୍ୱାସ ରଖିବାକୁ ହେବ, ନିର୍ଭରତା ରଖିବାକୁ ହେବ, ତାଙ୍କୁ ଭକ୍ତି କରିବାକୁ ହେବ ଏବଂ ଆତ୍ମ-ସମର୍ପଣ କରି ତାଙ୍କ ଉପରେ ନିଜେ ଓ ନିଜର ସମସ୍ତ କିଛିକୁ ଛାଡ଼ି ଦେବାକୁ ହେବ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦ ପାଠଚକ୍ରରେ ବେଶୀ ଲୋକ ଯୋଗ ନ ଦେବାର କାରଣ କ'ଣ ?

ଉତ୍ତର : ପାଠଚକ୍ରକୁ ବହୁତ ଲୋକ ନ ଆସିବାର କାରଣ ହେଲା ଆଧ୍ୟାତ୍ମିକତା ପ୍ରତି ଲୋକମାନଙ୍କର ଆଗ୍ରହ ନାହିଁ ଏବଂ ସେମାନଙ୍କର ଆତ୍ମାର ଡାକ ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରତି ଆସି ନାହିଁ । ଘରେ ସାଧନା କରିବା ଉଚିତ, ଘରେ ସାଧନା ନ କରି ଖାଲି ପାଠଚକ୍ରକୁ ସପ୍ତାହରେ ଥରେ ଆସିଲେ ସେଥିରେ କୌଣସି ଲାଭ ନାହିଁ । ଘରେ ସାଧନା କରି ପାଠଚକ୍ରକୁ ଆସିବାରେ ବିଶେଷ ଲାଭ ଅଛି । ପାଠଚକ୍ରରେ ସାମୂହିକ ଧ୍ୟାନ ଓ ସାଧନାର ଚର୍ଚ୍ଚା ହୁଏ । ବ୍ୟକ୍ତିଗତ ପ୍ରଯତ୍ନ ଅପେକ୍ଷା ସାମୂହିକ ପ୍ରଯତ୍ନ ଅଧିକ ଶକ୍ତିଶାଳୀ ।

*

ପ୍ରଶ୍ନ : ଆଶ୍ରମରେ କେବଳ ଧନୀ ବ୍ୟକ୍ତିଙ୍କ ପିଲାମାନେ ଶିକ୍ଷା ପାଇପାରିବେ, ମାତ୍ର ଏହା ଦରିଦ୍ର ପିଲାମାନଙ୍କ ପାଇଁ ନିଷିଦ୍ଧ, ଏହା କ'ଣ ଠିକ୍ ନୁହେଁ ?

ଉତ୍ତର : ଆଶ୍ରମ ଉପରେ ଏପରି ଅଭିଯୋଗ କେତେଦୂର ଯୁକ୍ତିଯୁକ୍ତ ତାହା ବିଚାର କରିବା ଉଚିତ । ଦରିଦ୍ରକୁ ଦାନ କରିବା ଓ କ୍ଷୁଧାର୍ତ୍ତକୁ ଭୋଜନ ବିତରଣ କରିବା ପାଇଁ ଆଶ୍ରମ ଗୋଟିଏ ଅନ୍ନ-ଛତ୍ର ନୁହେଁ । ଆଶ୍ରମ କୌଣସି ବ୍ୟବସାୟ କରି ମାସକୁ କୋଟି କୋଟି ଟଙ୍କା ଉପାର୍ଜନ କରୁ ନାହିଁ ଯେ ସେ ଦରିଦ୍ରଙ୍କ ସେବା କରିବ ଆଉ ଦରିଦ୍ର ପିଲାମାନଙ୍କୁ ରଖି ଶିକ୍ଷା ଦେବ । ଦରିଦ୍ର ପିଲାମାନଙ୍କୁ ଶିକ୍ଷାଦେବା ସକାଶେ ସରକାର ସ୍କୁଲ୍ କଲେଜମାନଙ୍କୁ ବହୁତ ସାହାଯ୍ୟ ଦେଉଛନ୍ତି । ଆଶ୍ରମର ଉଦ୍ଦେଶ୍ୟ ସତ୍ୟ-ପ୍ରତିଷ୍ଠା କରିବା, ଦରିଦ୍ରସେବା ନୁହେଁ ।

ଆଶ୍ରମ ଗୋଟିଏ ଅଧ୍ୟାତ୍ମ ସଂସ୍ଥା । ତାହାର ଉଦ୍ଦେଶ୍ୟ ସଂସାରରେ ଗୋଟିଏ ନୂତନ ଅତିମାନବଜାତି ସ୍ଥାପନ କରିବା ଏବଂ ମନୁଷ୍ୟର ଶତ୍ରୁ ଦୁଃଖ, କଷ୍ଟ, ହିଂସା, ଦ୍ୱେଷାଦି ଦୁର୍ଗୁଣକୁ ରୂପାନ୍ତର କରିବା ଆଉ ଏହି ସଂସାରକୁ ସ୍ୱର୍ଗରେ ପରିଣତ କରିବା । ଏହି କାର୍ଯ୍ୟ ସକାଶେ ଯେ ନିଜକୁ ଅର୍ପଣ କରେ, ଏହି କାର୍ଯ୍ୟସିଦ୍ଧି ସକାଶେ ଯେ ସାଧନା କରିବାକୁ ଚାହେଁ, ମା' ତାକୁ ଦେଖି ନିଜ ଆନ୍ତର ଦୃଷ୍ଟିରେ ନିର୍ଣ୍ଣୟ କରି ସ୍ୱୀକାର କରନ୍ତି । ସେ ଧନୀ ହେଉ ବା ଦରିଦ୍ର ହେଉ ତାହାର ଶରୀର-ନିର୍ବାହର ସମସ୍ତ ଭାର ମା' ଗ୍ରହଣ କରନ୍ତି । ଆଶ୍ରମ ଶିକ୍ଷାଳୟରେ କୌଣସି ଡିଗ୍ରୀ ଦିଆ ହୁଏ ନାହିଁ । ଏହି ଡିଗ୍ରୀ ପ୍ରାପ୍ତ କରିବାର ସ୍ୱାର୍ଥ ଆଉ ଲୋଭକୁ ତ୍ୟାଗ କରି ଆଧ୍ୟାତ୍ମିକ ବାତାବରଣରେ ନିଜ ପିଲାର ଜୀବନ ଗଠନ କରିବାକୁ ଯେଉଁମାନେ ଚାହାନ୍ତି, ସେମାନେ ଖର୍ଚ୍ଚ ବହନ କରି ନିଜ ପିଲାଙ୍କୁ ଆଶ୍ରମକୁ ପଠାନ୍ତି । କେବଳ ଯେ ଧନୀ ପିଲାମାନେ ଆଶ୍ରମରେ ଅଛନ୍ତି, ତାହା ନୁହେଁ, ଦରିଦ୍ର ପିଲାମାନେ ମଧ୍ୟ ଅଛନ୍ତି । ଯେଉଁମାନେ ଏହି ଅଧ୍ୟାତ୍ମମାର୍ଗରେ ଅଗ୍ରସର ହେବା ପାଇଁ ସବୁକିଛି ଭଗବାନଙ୍କୁ ସମର୍ପଣ କରି ଆଶ୍ରମ-ଜୀବନ ଯାପନ କରୁଅଛନ୍ତି ସେମାନେ ଧନୀ ହୁଅନ୍ତୁ ବା ଦରିଦ୍ର ହୁଅନ୍ତୁ, ସେମାନଙ୍କ ପିଲାମାନଙ୍କୁ ଆଶ୍ରମରେ ରଖାଯାଇଛି ।

ଯଦି ଆପଣଙ୍କ ଧାରଣା ଅନୁସାରେ ଆଶ୍ରମ କେବଳ ଦରିଦ୍ର ପିଲାମାନଙ୍କୁ ଶିକ୍ଷା ଦିଅନ୍ତା, ତେବେ ଆଶ୍ରମର ଯେଉଁ ଲକ୍ଷ୍ୟ ରହିଛି, ତାହା ପରିବର୍ତ୍ତେ ଦରିଦ୍ରସେବା ଧ୍ୟେୟ ହୁଅନ୍ତା ଏବଂ ସେହି ଖର୍ଚ୍ଚ ସକାଶେ ବ୍ୟବସାୟ ଆଦିର ବ୍ୟବସ୍ଥା କରାହୁଅନ୍ତା । କ୍ରମଶଃ ଦରିଦ୍ର ପିଲାମାନଙ୍କର ସଂଖ୍ୟା ବଢ଼ନ୍ତା । କିନ୍ତୁ ଆଶ୍ରମର ଉଦ୍ଦେଶ୍ୟ ଏପରି ନୁହେଁ ।

*

ପ୍ରଶ୍ନ : ମା'ଙ୍କ ପୁଷ୍ପ-ପ୍ରସାଦର ଅର୍ଥ କ'ଣ ?

ଉତ୍ତର : ପୁଷ୍ପ ଦ୍ୱାରା ମା' ତାଙ୍କ ଶକ୍ତି ପ୍ରଦାନ କରନ୍ତି ତଥା ସହଜରେ ଆଶୀର୍ବାଦ ଦେଇପାରନ୍ତି । ପୁଷ୍ପର ଗୋଟାଏ ସ୍ୱାଭାବିକ ଗ୍ରହଣଶୀଳତା ଥାଏ, ତାହାରି ମାଧ୍ୟମରେ ମା' ବ୍ୟକ୍ତିସତ୍ତାରେ ଅଧ୍ୟାତ୍ମ ଶକ୍ତି ପ୍ରୟୋଗ କରି ତାହାର ଅନ୍ତଶ୍ଚେତନାକୁ ବିକଶିତ କରନ୍ତି ଓ ମନ, ପ୍ରାଣ ଏବଂ ରୋଗ ଇତ୍ୟାଦି ଉପରେ କ୍ରିୟା କରନ୍ତି । ଯଦି ବ୍ୟକ୍ତି କିଛିମାତ୍ର ସଚେତ ହୁଏ, ତେବେ ସ୍ପଷ୍ଟରୂପେ ଏହା ବୁଝିପାରେ । ଏହି କାରଣରୁ ଦେବ-ମନ୍ଦିରରୁ ପୁଷ୍ପ-ପ୍ରସାଦ ମିଳେ । କିନ୍ତୁ ନାନା କାରଣରୁ ସେହି ଦେବମନ୍ଦିରର ପୁଷ୍ପ-ପ୍ରସାଦ ଯଥାର୍ଥ ଫଳ ଦିଏ ନାହିଁ ।

*

ପ୍ରଶ୍ନ : ମନୁଷ୍ୟ ପାପରେ କଳୁଷିତ ହେଉଛି କାହିଁକି ? ଏଥିନିମିତ୍ତ ଦାୟୀ କିଏ ?

ଉତ୍ତର : ମନୁଷ୍ୟ ପାପକର୍ମ କଲେ ସେ କଳୁଷିତ ହୁଏ, ଏଥିପାଇଁ ଦାୟୀ ସେ ନିଜେ । କାରଣ ତା'ର କର୍ମ କରିବାର ଅଧିକାର ଅଛି; ସେ ପାପକର୍ମ ନ କରି ପୁଣ୍ୟକର୍ମ କରିପାରି ଥାଆନ୍ତା ।

*

ପ୍ରଶ୍ନ : ''କରି କରାଉ ଥାଇ ମୁହିଁ, ମୋ ବିନୁ ଅନ୍ୟ ଗତି ନାହିଁ ।'' ଅଧର୍ମ ପଥରେ ଚଳାଇବା, ରୋଗଗ୍ରସ୍ତ କରାଇବା, ନାନାପ୍ରକାର ନୃଶଂସ ଅମାନୁଷିକ କାର୍ଯ୍ୟରେ ପ୍ରବର୍ତ୍ତାଇବା କ'ଣ ଭଗବାନଙ୍କର ଇଚ୍ଛା ନୁହେଁ ?

ଉତ୍ତର : ନୁହେଁ । ଏହା ଯଦି ହୋଇଥା'ନ୍ତା ତେବେ ପୁତ୍ର ଚୋରି କିଂବା ଅନ୍ୟାୟ କଲେ ପିତା ବିରକ୍ତ ହୁଅନ୍ତି କାହିଁକି ?

ଭଗବାନଙ୍କର ଦୁଇଟି ଶକ୍ତି – ଭାଗବତୀ ଶକ୍ତି ଓ ଅବିଦ୍ୟା ମାୟା ଶକ୍ତି । ଏହି ଦୁଇଟିର ପ୍ରେରଣାରେ ସଂସାର ପରିଚାଳିତ ହୁଏ ଏବଂ ମନୁଷ୍ୟ ମଧ୍ୟ ପରିଚାଳିତ ହୁଏ । କିନ୍ତୁ ମନୁଷ୍ୟର ମନ, ବୁଦ୍ଧି ଓ ବିବେକ ଥାଏ । ସେ ଜଡ଼ ମେସିନ୍ ସଦୃଶ ନୁହେଁ । ସେ ନିଜ ଜ୍ଞାନ-ବିବେକରେ ଶକ୍ତିର ପ୍ରେରଣାକୁ ଗ୍ରହଣ କରିପାରେ ବା ବର୍ଜନ କରିପାରେ । ସେ ଅଦିବ୍ୟ ଶକ୍ତିର ପରାମର୍ଶକୁ ସ୍ୱୀକାର କରି ଅସତ୍ କର୍ମ କରିପାରେ କିଂବା ଅସତ୍ କର୍ମକୁ ତ୍ୟାଗକରି ସତ୍ କର୍ମ ଆଚରଣ କରିପାରେ । ତା'ଛଡ଼ା ସକଳ ବସ୍ତୁର ପଶ୍ଚାତରେ ଭଗବାନ୍ ରହି ସକଳ ବସ୍ତୁକୁ ଜୀବନ୍ତ ଓ ଚେତନଶୀଳ କରିଥା'ନ୍ତି । କିନ୍ତୁ ଭଗବାନ୍ ଜବରଦସ୍ତି ବ୍ୟକ୍ତିକୁ ସତ୍ କିଂବା ଅସତ୍ କର୍ମରେ ପ୍ରବୃତ୍ତ କରାନ୍ତି ନାହିଁ ।

ବ୍ୟକ୍ତିର ମନ, ପ୍ରାଣ, ଶରୀର ଚୈତନ୍ୟ ଲାଭ କରି ନିଜ ନିଜ ପ୍ରବୃତ୍ତି ଅନୁସାରେ ସତ୍ ଅଥବା ଅସତ୍ କର୍ମ କରନ୍ତି । ଭଗବାନ୍ ସକଳ କର୍ମର ପଶ୍ଚାତ୍‌ରେ ଅଛନ୍ତି, ଏହି ଉପଲବ୍ଧି ପ୍ରାପ୍ତ ହୁଏ ଜ୍ଞାନଦୃଷ୍ଟି ଖୋଲିଲେ । ଏହି ଜ୍ଞାନଦୃଷ୍ଟି ପ୍ରାପ୍ତ ହେଲେ ମନୁଷ୍ୟ ନିଜ ମନପ୍ରାଣ ଦ୍ୱାରା କର୍ମ ନ କରି ଭଗବାନଙ୍କ ପ୍ରେରଣାରେ କର୍ମ କରେ । ଏହାର ନାମ ଯୋଗ-ସାଧନା ।

ଏହି ଜ୍ଞାନ ପ୍ରାପ୍ତ ନ ହେବାରୁ ଭଗବତ୍ ପ୍ରେରଣା ସମ୍ବନ୍ଧେ ମନୁଷ୍ୟ ସଚେତନ ହୁଏ ନାହିଁ । ସେ ସକଳ କର୍ମ ନିଜେ କରୁଛି ବୋଲି ମନେକରେ, ଭଗବାନଙ୍କ ପ୍ରେରଣା ପଶ୍ଚାତ୍‌ରେ ରହିଯାଏ; ମନ-ପ୍ରାଣ ଦ୍ୱାରା ତାହା ଠିକ୍ ଠିକ୍ ପ୍ରକାଶିତ ହୁଏ ନାହିଁ; ଭଗବାନଙ୍କ ଶୁଦ୍ଧ ପ୍ରେରଣା ମନ-ପ୍ରାଣରେ ବିକୃତ ହୋଇଯାଏ । ଅହିଂସା ପ୍ରେରଣା ମନ-ପ୍ରାଣ ମାଧ୍ୟମରେ ବିକୃତ ହୋଇ ପ୍ରକାଶିତ ହୁଏ ହିଂସା ରୂପେ, ଆଉ ଭଗବତ୍ ସମର୍ପଣର ପ୍ରେରଣା ପ୍ରକାଶିତ ହୁଏ ସ୍ୱାର୍ଥ ରୂପେ ।

ତତ୍ତ୍ୱତଃ ଭଗବାନଙ୍କ ଦ୍ୱାରା ସକଳ ବସ୍ତୁରେ ଜୀବନୀ ଶକ୍ତିର ସଞ୍ଚାର ହୋଇଅଛି – ଏହା ''କରି କରାଉ ଥାଇ ମୁହିଁ ମୋ ବିନୁ ଅନ୍ୟ ଗତି ନାହିଁ'' ଏହି ଭଗବାନଙ୍କ ମୁଖନିଃସୃତ ଉକ୍ତିଟିର ଯଥାର୍ଥ ମର୍ମ । ଏତଦ୍‌ଭିନ୍ନ ସୃଷ୍ଟି ଓ ପ୍ରାଣିରୂପ ସ୍ୱୟଂ ଭଗବାନ୍ । ସେହି ଏକହିଁ ଭଗବାନ୍ ନିଜ ମାୟା ଆଶ୍ରୟରେ ବହୁରୂପରେ ପ୍ରକଟ ହୋଇଛନ୍ତି । ସେହିଁ ପାପ କରନ୍ତି, ସେହିଁ ଦଣ୍ଡ ପାଆନ୍ତି । ସେହି ଅଦ୍ୱିତୀୟ ଏକ ପରମେଶ୍ୱରଙ୍କ ବ୍ୟତୀତ ଅନ୍ୟକିଛି ନାହିଁ ।

*

ପ୍ରଶ୍ନ : ଈଶ୍ୱରଙ୍କ ଦର୍ଶନ କେଉଁ ପନ୍ଥାରେ ହୋଇପାରେ ?

ଉତ୍ତର : ତୀବ୍ର ଅଭୀପ୍ସା, ପ୍ରଗାଢ଼ ପ୍ରେମ ଛଡ଼ା ଅନ୍ୟ ଉପାୟରେ ଭଗବତ୍ ଦର୍ଶନ ଲାଭ କରାଯାଇପାରେ ନାହିଁ । ଏହା ବିନା ସମସ୍ତ ପ୍ରକାର ସାଧନା ନିଷ୍ଫଳ ।

*

ପ୍ରଶ୍ନ : ମହାତ୍ମାମାନେ ମୃତ୍ୟୁ ପୂର୍ବରୁ କିପରି ସେମାନଙ୍କର ମୃତ୍ୟୁ ହେବ ବୋଲି ଜାଣିପାରନ୍ତି ?

ଉତ୍ତର : ସେମାନଙ୍କର ଅନ୍ତଶ୍ଚେତନାର ବିକାଶ ହୋଇଥାଏ, ସେମାନେ ଊର୍ଦ୍ଧ୍ୱଚେତନାରେ ତାହା ଦେଖିପାରନ୍ତି ।

*

ପ୍ରଶ୍ନ : ଭାରତର ଭବିଷ୍ୟତ ଆଲୋକମୟ ନୁହେଁ କି ?

ଉତ୍ତର : ଆଲୋକମୟ । କିନ୍ତୁ ଭାରତବାସୀମାନେ ଯେପର୍ଯ୍ୟନ୍ତ ସଚେତନ ନ ହେବେ ସେପର୍ଯ୍ୟନ୍ତ ଅନ୍ଧକାରରେ ଥିବେ ।

*

ପ୍ରଶ୍ନ : ଆଶ୍ରମ-ଦର୍ଶନ ମୋ ଜୀବନରେ ଘଟି ପାରିବ କି ?

ଉତ୍ତର : ଏହା ନିର୍ଭର କରେ ଆପଣଙ୍କ ଆନ୍ତର ଅଭୀପ୍‌ସା ଉପରେ । ଅଭୀପ୍‌ସା ତୀବ୍ର ହେଲେ କାଲି ମଧ୍ୟ ସମ୍ଭବ ହୋଇପାରେ ।

*

ପ୍ରଶ୍ନ : ମୋର ଭଗବାନଙ୍କ ଉପରେ ଦୃଢ଼ ବିଶ୍ୱାସ ହେବ କିପରି ?

ଉତ୍ତର : ଅଭୀପ୍‌ସା ଓ ସମର୍ପଣ ଦ୍ୱାରା ।

*

ପ୍ରଶ୍ନ : ମୋ ଜୀବନକାଳ ମଧ୍ୟରେ ସନ୍ଥମହାତ୍ମାମାନଙ୍କ ଦର୍ଶନ ମୁଁ ଲାଭ କରିପାରିବି କି ?

ଉତ୍ତର : ଏହା ପୂର୍ଣ୍ଣତଃ ନିର୍ଭର କରେ ଆପଣଙ୍କ ଅଭୀପ୍‌ସା ଉପରେ । ଆପଣଙ୍କ ବୁଦ୍ଧିଗତ ଧାରଣା ହୋଇଥିଲେ ଏହା ଘଟି ନ ପାରେ, ଆପଣଙ୍କ ଆତ୍ମାର ତୀବ୍ର ଅଭୀପ୍‌ସା ହୋଇଥିଲେ ଅବଶ୍ୟ ଏହି ଜନ୍ମରେ ଘଟିପାରେ ।

*

ପ୍ରଶ୍ନ : ସଂସାରୀ ବ୍ୟକ୍ତି କେଉଁ ପନ୍ଥାରେ ମହାନ୍ ତପସ୍ୱୀ ହୋଇପାରିବ ?

ଉତ୍ତର : ପୂର୍ଣ୍ଣରୂପେ ପ୍ରତିକୂଳ ବସ୍ତୁର ତ୍ୟାଗ, ଭଗବାନଙ୍କ ସହିତ ସମର୍ପଣରେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତି କରିବାରେ କିଂବା ଜ୍ଞାନ ଦ୍ୱାରା ନିର୍ବିଶେଷ ସତ୍ତାରେ ଲୀନ ହୋଇଯିବାରେ । ସଂସାରୀ ହେଉ ଅଥବା ସନ୍ନ୍ୟାସୀ ହେଉ ମହାନ୍ ତପସ୍ୱୀ ହେବାକୁ ହେଲେ ଉଭୟଙ୍କୁ ପ୍ରତିକୂଳ ବସ୍ତୁର ତ୍ୟାଗ, ଭଗବାନଙ୍କୁ ପୂର୍ଣ୍ଣ ରୂପେ ଆତ୍ମ-ସମର୍ପଣ ଦୃଢ଼ତାପୂର୍ବକ କରିବାକୁ ହେବ ।

*

ପ୍ରଶ୍ନ : ଆପଣ ଭଗବାନଙ୍କୁ କେତେଥର ଦେଖି ପାରିଛନ୍ତି ?

ଉତ୍ତର : ଏହା ଜାଣିବାରେ ଆପଣଙ୍କର ଲାଭ କ'ଣ ? ଅନ୍ୟ ଲୋକ ପେଟପୂରା ଖାଇଲେ ଆପଣଙ୍କର କ୍ଷୁଧା ନିବୃତ୍ତି ହେବ କି ?

*

ପ୍ରଶ୍ନ : ମୁଁ ଭଗବତ୍ ଦର୍ଶନ କରିବା ଏବଂ ଯଶସ୍ୱୀ ସକାଶେ ପ୍ରତିଜ୍ଞାବଦ୍ଧ ହୋଇ ଶ୍ମଶ୍ରୁ ଧାରଣ କରିଛି । ଏହି ପ୍ରତିଜ୍ଞା ପୂର୍ଣ୍ଣ ହେବ କି ନାହିଁ ?

ଉତ୍ତର : ଭଗବତ୍ ଦର୍ଶନ ଏବଂ ଯଶସ୍ୱୀ ହେବାର ଅଭିଳାଷ, ଏହି ଦୁଇଟି ବିପରୀତ ବସ୍ତୁ । ଭଗବତ୍ ଦର୍ଶନ ହୁଏ ସମସ୍ତ କାମନାବାସନା ଦୂର ହେଲେ ।

*

ପ୍ରଶ୍ନ : କଳିଯୁଗର ସମାପ୍ତି କେବେ ?

ଉତ୍ତର : ଯେତେବେଳେ ମାନବ-ସମାଜ ସତ୍ୟକୁ ଗ୍ରହଣ କରିବାକୁ ପ୍ରବୃତ୍ତ ହେବ ।

ପ୍ରଶ୍ନ : ଆମିଷ ଭୋଜନ ଦ୍ୱାରା ଈଶ୍ୱର ଆରାଧନା କରିବାରେ କ'ଣ ବ୍ୟାଘାତ ଘଟେ ?

ଉତ୍ତର : ଏହା ନିର୍ଭର କରେ ମନୁଷ୍ୟର ଅଭ୍ୟାସ ତଥା ଧାରଣା ଉପରେ । ତାନ୍ତ୍ରିକ ସାଧକଗଣ ଆମିଷ ଭକ୍ଷଣ

କରନ୍ତି, ବୈଷ୍ଣବ ଓ ସନ୍ନ୍ୟାସିଗଣ ତାହାକୁ ତ୍ୟାଗ କରନ୍ତି । ସାଧାରଣତଃ ମାଛମାଂସ ସାଧନାରେ ବ୍ୟାଘାତ ଘଟାଏ । ଯେଉଁ ମାଂସ ଭକ୍ଷଣ କରାହୁଏ ସେହି ପଶୁବୃତ୍ତି ମନୁଷ୍ୟ ମଧ୍ୟରେ କାର୍ଯ୍ୟ କରେ ।

*

ପ୍ରଶ୍ନ : ନାମ ବା ଦୀକ୍ଷା ନ ନେଇ ଈଶ୍ୱର ପ୍ରାର୍ଥନା କଲେ ତାହାର ଫଳ ମିଳେ କି ?

ଉତ୍ତର : ଅବଶ୍ୟ ମିଳେ, ଈଶ୍ୱର ପ୍ରାର୍ଥନା କେବେ ବି ନଷ୍ଟ ହୁଏ ନାହିଁ ।

*

ପ୍ରଶ୍ନ : ସମସ୍ତଙ୍କ ହୃଦୟରେ ଧର୍ମଭାବ ନାହିଁ କାହିଁକି ?

ଉତ୍ତର : ସବୁ ଲୋକ ଗୋଟିଏ ଛାଞ୍ଚରେ ଗଢ଼ା ହୋଇ ନାହାନ୍ତି, ଗୋଟିଏ ସ୍ୱଭାବ, ଗୋଟିଏ ମନ-ପ୍ରାଣର ନୁହନ୍ତି, ଗୋଟିଏ ପ୍ରକାର ବାତାବରଣରେ ବାସ କରନ୍ତି ନାହିଁ । ସେହି ସକାଶେ ସବୁ ଲୋକ ଧର୍ମଭାବାପନ୍ନ ହୁଅନ୍ତି ନାହିଁ ।

*

ପ୍ରଶ୍ନ : ମନୁଷ୍ୟକୁ ଦିବ୍ୟଦୃଷ୍ଟି କିପରି ପ୍ରାପ୍ତ ହୁଏ ?

ଉତ୍ତର : ଆଜ୍ଞାଚକ୍ରରେ ବିଧିବିଧାନପୂର୍ବକ ନିୟମିତ ଧ୍ୟାନ କଲେ ଅଥବା ଅଧ୍ୟାତ୍ମ ମାର୍ଗରେ ଅଧିକ ଉନ୍ନତ ହେଲେ ।

*

ପ୍ରଶ୍ନ : ଈଶ୍ୱର ସର୍ବବିଦ୍ୟମାନ, ଝାଡ଼ାଫେରିବା ସ୍ଥାନରେ ମଧ୍ୟ ରହିଛନ୍ତି, ତେବେ ଝାଡ଼ାଫେରି ଲୁଗା ଧୋଇବା ଗୋଟାଏ ଅନ୍ଧବିଶ୍ୱାସ ନୁହେଁ କି ?

ଉତ୍ତର : ଈଶ୍ୱର ସର୍ବବିଦ୍ୟମାନ, ଅର୍ଥାତ୍ ସର୍ବବସ୍ତୁରେ ତଥା ସର୍ବତ୍ର ରହିଛନ୍ତି । କିନ୍ତୁ ବିଜ୍ଞାନାଗାରରେ ବିଷ ମିଶ୍ରିତ ଗ୍ୟାସ୍ ପ୍ରସ୍ତୁତ ସମୟରେ କାହିଁକି ନାକ ବନ୍ଦ କରିବାକୁ ହୁଏ ? ସେଠାରେ କ'ଣ ଭଗବାନ୍ ନ ଥା'ନ୍ତି ? ତରକାରି ପୋଡ଼ିଗଲେ ଫୋପାଡ଼ି ଦିଅ କାହିଁକି ? ସେଥିରେ କ'ଣ ଭଗବାନ୍ ନ ଥା'ନ୍ତି ? ପୁଣି ପୋଷାକରେ ଟିକିଏ ଦାଗ ଲାଗିଗଲେ ତାକୁ ଧୋଇବାକୁ ହୁଏ । ସେ ଦାଗଟାରେ କ'ଣ ଭଗବାନ୍ ନ ଥା'ନ୍ତି ? ମଇଳା ଧୋଇବାରେ ପାଇଖାନା ଜଳ ଲୁଗାରେ ତଥା ଗୋଡ଼-ହାତରେ ଲାଗିଯାଏ, ସେତେବେଳେ ସାବୁନ ଦେଇ ହାତଗୋଡ଼ ଧୋଇବାକୁ ହୁଏ, ଲୁଗାଟା ଧୋଇଦେଲେ ଅନ୍ଧବିଶ୍ୱାସ ହେଲା କିପରି ?

ଈଶ୍ୱର ସର୍ବବିଦ୍ୟମାନ – ଏହା କେବଳ କଥାରେ କହିଲେ କିଛି ହୁଏ ନାହିଁ, ଅନୁଭବ କରିବା ଉଚିତ ।

*

ପ୍ରଶ୍ନ : ମୋ ସ୍ୱାସ୍ଥ୍ୟ ଭଲ ନାହିଁ । ପାରିପାର୍ଶ୍ୱିକ ଅବସ୍ଥା ସାଧନାର ପ୍ରତିକୂଳ, ଅନିୟମିତ ଭୋଜନ ହେବାରୁ କୌଣସି କାର୍ଯ୍ୟ ନିୟମିତରୂପେ କରିବା ସମ୍ଭବ ନୁହେଁ । ଏହାଛଡ଼ା ମାନସିକ ଅଶାନ୍ତି ଓ ଶାରୀରିକ ବ୍ୟାଧି ଯୋଗୁଁ ରାତିରେ ନିଦ ହେଉ ନାହିଁ । ଏପରି ଅବସ୍ଥାରେ ମୁଁ କ'ଣ କରିବି ?

ଉତ୍ତର : ସାଧନା ସକାଶେ ସୁସ୍ଥ ଶରୀର, ନିୟମିତ ଦିନଚର୍ଯ୍ୟା, ଅନୁକୂଳ ପରିସ୍ଥିତି ସହାୟକ । ବିଶେଷତଃ ପ୍ରାରମ୍ଭିକ ଅବସ୍ଥାରେ ଏହା ଅନିବାର୍ଯ୍ୟ । ପ୍ରତିକୂଳ ଅବସ୍ଥାରେ ସାଧନାରେ ଅଗ୍ରଗତି ହୁଏ ନାହିଁ । ଯେପରି ଔଷଧ ସଙ୍ଗେ ସଙ୍ଗେ ଉପଯୁକ୍ତ ପଥ୍ୟ ଏବଂ ଆବଶ୍ୟକ ସଂଯମ ନ ହେଲେ ଶୀଘ୍ର ରୋଗ ଦୂର ହୁଏ ନାହିଁ, ସେହିପରି ସାଧନାର ସହାୟକ ଅବସ୍ଥା ନ ହେଲେ ଶୀଘ୍ର ଶାନ୍ତି ଓ ଆନନ୍ଦ ପ୍ରାପ୍ତ ହୁଏ ନାହିଁ । ଶରୀର ବ୍ୟାଧିରୁ ମୁକ୍ତ ହେବା ସକାଶେ ଔଷଧ ଓ ଶାରୀରିକ ବ୍ୟାୟାମର ଆଶ୍ରୟ ନିଅନ୍ତୁ । ଶରୀର ସୁସ୍ଥ ହେଲେ ପାରିପାର୍ଶ୍ୱିକ ଅବସ୍ଥାକୁ ସୁଧାରିବାକୁ ସୁବିଧା ହେବ । ଏଥିସକାଶେ ଭଗବାନଙ୍କୁ ପ୍ରାର୍ଥନା କରନ୍ତୁ । ଯେତେବଡ଼ ପ୍ରତିକୂଳ ଅବସ୍ଥା ହେଉନା କାହିଁକି ଏହି ପ୍ରତିକୂଳ ଅବସ୍ଥାରେ ସାଧନା କରି ଅନୁକୂଳ ଅବସ୍ଥାକୁ ନେଇ ଆସିବାକୁ ହେବ । କିନ୍ତୁ ଏହିପରି ଛାଡ଼ିଦେଲେ ତ ଏ ଜନ୍ମ ବ୍ୟର୍ଥ ହେବ ଏବଂ

ଦୁଃଖମୟ ହୋଇ ପଡ଼ିବ, ପୁଣି ଭାବୀ ଜୀବନରେ ଏହିସବୁ ଅଥବା ଏହାଠାରୁ ଅଧିକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିବ । ହିମାଳୟ ଯାତ୍ରାରେ ଦୁରୂହ ମାର୍ଗ ଦେଖି ଯଦି ବସିଯାଆନ୍ତି, ତେବେ ସେଥିରେ ସମାଧାନ ହେବ କି ? ପୁଣି ସେହି ରାସ୍ତାରେ ବରାବର ଅଗ୍ରସର ହେବାକୁ ହେବ, ଯେପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ନାହାନ୍ତି । ସେହିପରି ପ୍ରତ୍ୟେକ ମନୁଷ୍ୟକୁ ଯେକୌଣସି ପ୍ରତିକୂଳ ବା ଅନୁକୂଳ ଅବସ୍ଥାରେ ତତ୍ପରତା ସହିତ ସାଧନା କରିବାକୁ ହେବ ଯେପର୍ଯ୍ୟନ୍ତ ସେ ନିଜର ସେହି ଗନ୍ତବ୍ୟ ସ୍ଥାନରେ ପହଞ୍ଚି ନାହାନ୍ତି । ଯେଉଁମାନେ ପ୍ରଯତ୍ନ କରୁ ନାହାନ୍ତି, ସେମାନେ ଏ ଜନ୍ମରେ ହେଉ ବା ଲକ୍ଷ ଜନ୍ମ ପରେ ହେଉ ସାଧନା କରିବାକୁ ବାଧ ହେବେ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ ।

*

ପ୍ରଶ୍ନ : ମୋ ଜୀବନର ଲକ୍ଷ୍ୟ କ'ଣ ମା'ଙ୍କୁ ପଚାରି ଲେଖିବେ ।

ଉତ୍ତର : ଏହା ଏକେବାରେ ସ୍ପଷ୍ଟ ଯେ ପ୍ରତ୍ୟେକ ବ୍ୟକ୍ତିର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି । ଆନନ୍ଦ, ଜ୍ଞାନ, ଶାନ୍ତି ଓ ସମତା ଇତ୍ୟାଦି ଦିବ୍ୟଗୁଣର ସ୍ୱରୂପ ସଚ୍ଚିଦାନନ୍ଦ ପରଂବ୍ରହ୍ମଙ୍କ ସହିତ ପୂର୍ଣ୍ଣ ଏକତ୍ୱ; ଜଡ଼ ଶରୀର, ମନ ଓ ପ୍ରାଣର ଦିବ୍ୟତତ୍ତ୍ୱରେ ରୂପାନ୍ତର ।

*

ପ୍ରଶ୍ନ : ମୋର ଦୃଢ଼ ସଂକଳ୍ପ ଓ ଧୈର୍ଯ୍ୟ ଅଭାବରୁ ମୁଁ କୌଣସି ସାଧନା ନିଷ୍ଠାର ସହିତ କରିପାରୁ ନାହିଁ । ଏହା ମୋର ଏକାନ୍ତ ଅଭାବ । ଯଦି ଭଗବାନ୍ ଦୟାକରି ଏହା ଦେଇଦିଅନ୍ତେ ତେବେ ତାଙ୍କ କୃପା-ସମୁଦ୍ରର କ'ଣ କ୍ଷତି ହୁଅନ୍ତା ?

ଉତ୍ତର : ଭଗବାନ୍ କୃପା କରିବାରେ କେବେ ବି କୃପଣ ନୁହନ୍ତି । ବ୍ୟକ୍ତି ତାହା ଗ୍ରହଣ କରିବାରେ ଅସମର୍ଥ ଓ ଦରିଦ୍ର । ଭଗବାନ୍ ଯେପରି ଅନନ୍ତ, ତାଙ୍କର ସମସ୍ତ ଦିବ୍ୟଗୁଣ ମଧ୍ୟ ସେହିପରି ଅନନ୍ତ । ତାଙ୍କର କିଛି କ୍ଷତି ହୁଏ ନାହିଁ । ସେ ତ କୃପା କରିବାକୁ ହସ୍ତ ମୁକ୍ତ କରି ରଖିଅଛନ୍ତି, କେବଳ ଚାହିଁବାର ଅଭାବରୁ ତାହା ମିଳିପାରୁ ନାହିଁ । ତୀବ୍ରଭାବେ ଯଦି ଚାହିଁବେ, ଅବଶ୍ୟ ପାଇବେ ।

*

ପ୍ରଶ୍ନ : ଭଗବାନଙ୍କ ଇଚ୍ଛାରେ ଯଦି ଆମ୍ଭେମାନେ ପରିଚାଳିତ ହେଉଅଛୁ, ତେବେ ପାପ-ପଥକୁ ଆମ୍ଭମାନଙ୍କୁ ଆକର୍ଷଣ କରୁଛି କିଏ ? କାମ, କ୍ରୋଧ ଆଦି ଦୁର୍ଗୁଣର ଉତ୍ପତ୍ତି କେଉଁଠୁଁ ହେଲା ?

ଉତ୍ତର : ଭଗବାନ୍ ଯଦି ଆମ୍ଭମାନଙ୍କୁ ପରିଚାଳନା କରନ୍ତେ, ତେବେ ପାପ ପ୍ରବୃତ୍ତି ହୁଅନ୍ତା ନାହିଁ । ଆମ୍ଭେମାନେ ନିଜ ନିଜ ମନପ୍ରାଣ ଦ୍ୱାରା ପରିଚାଳିତ ହେଉଛୁ; ଅଶୁଦ୍ଧ ମନପ୍ରାଣର ସ୍ୱତଃ ପ୍ରବୃତ୍ତି ହେଲା କାମନା-ବାସନା, ଭୋଗ-ବିଳାସ । ଅସତ୍ କର୍ମ ପ୍ରତି ମନପ୍ରାଣକୁ ପ୍ରଲୋଭନ ଦିଏ ଅସତ୍ ପ୍ରକୃତି । କାମ, କ୍ରୋଧାଦି ହେଲେ ଅସତ୍ ପ୍ରକୃତିର ଯନ୍ତ୍ର । ଏସବୁ ସଂସାରର ପ୍ରକୃତି । ଏସବୁ ସୃଷ୍ଟ ହୋଇଅଛନ୍ତି ଭଗବାନଙ୍କ ଦ୍ୱାରା । କିନ୍ତୁ ମନୁଷ୍ୟକୁ ଭଗବାନ୍ ମନ-ବୁଦ୍ଧି ଦେଇଛନ୍ତି । ସେ ତାହାରି ଦ୍ୱାରା ପରିଚାଳିତ ହୁଏ । ସତ୍ୟକୁ ଗ୍ରହଣ କରି ଅସତ୍ୟକୁ ତ୍ୟାଗ କରିବାର ଅଧିକାର ତା'ର ଅଛି । ସେ ସତ୍ୟ ଆଚରଣ ନ କରି ଅସତ୍ ଆଚରଣ କରିବାରୁ ଦଣ୍ଡ ପାଏ ।

*

ପ୍ରଶ୍ନ : ତତ୍ତ୍ୱମସି ଜ୍ଞାନ କ'ଣ ?

ଉତ୍ତର : 'ସ୍ୱୟଂ ବ୍ରହ୍ମସ୍ୱରୂପ' ଉପଲବ୍ଧି କରିବା ହେଲା ତତ୍ତ୍ୱମସି ଜ୍ଞାନ ।

*

ପ୍ରଶ୍ନ : ଭଗବତ୍ କରୁଣା ପ୍ରାପ୍ତ ହେବାର ଉପାୟ କ'ଣ ?

ଉତ୍ତର : ସମର୍ପଣ । ନିଜକୁ ତାଙ୍କ ଚରଣରେ ସମର୍ପଣ କରିଦେଲେ ଭଗବାନଙ୍କ କରୁଣା ପ୍ରାପ୍ତ ହୁଏ । ଅନ୍ୟ ଶବ୍ଦରେ କହିଲେ ଭଗବତ୍ କରୁଣା ଆନ୍ତରିକ ଭାବେ ଚାହିଁଲେ ମିଳେ ।

*

ପ୍ରଶ୍ନ : ଶ୍ରୀମାଙ୍କ ଦର୍ଶନ ସର୍ବଦା ମିଳେ ନାହିଁ କାହିଁକି ?

ଉତ୍ତର : ଦର୍ଶନାର୍ଥୀ ସେ ଦର୍ଶନର ଉପଯୋଗ କରିପାରନ୍ତି ନାହିଁ ।

ପ୍ରଶ୍ନ : ମା'ଙ୍କ ନୀତି କ'ଣ ?

ଉତ୍ତର : ମା'ଙ୍କ ନୀତି ହେଲା : ଏହି ବିଶ୍ୱରେ, ସମସ୍ତ କର୍ମରେ ଓ ସମସ୍ତ ସତ୍ତାରେ ଭଗବାନଙ୍କୁ ପ୍ରକଟ କରିବା ।

*

ପ୍ରଶ୍ନ : ମୃତ୍ୟୁ ପରେ ଆତ୍ମା ଥାଏ ବୋଲି ତା'ର ପ୍ରମାଣ କ'ଣ ?

ଉତ୍ତର : ଜୀବିତ ଅବସ୍ଥାରେ ଯଦି ଆତ୍ମା ଥାଏ, ତେବେ ମୃତ୍ୟୁ ପରେ ଅବଶ୍ୟ ରହିବ । କାରଣ ଆତ୍ମାର ନାଶ ହୁଏ ନାହିଁ । ଏହାହିଁ ତାହାର ପ୍ରମାଣ ।

*

ପ୍ରଶ୍ନ : କେବେ ପୃଥିବୀରେ ଯୁଦ୍ଧଭୟ ରହିବ ନାହିଁ, ମା' କହିବେ କି ?

ଉତ୍ତର : ଯେବେ କେତେକ ବ୍ୟକ୍ତି 'ଅହଂ' ତ୍ୟାଗ କରି ଆତ୍ମୋପଲବ୍ଧି କରିବେ ସେତେବେଳେ ଯୁଦ୍ଧଭୟ ରହିବ ନାହିଁ । ଅର୍ଥାତ୍ ଅତିମାନସ ଶକ୍ତି ଦ୍ୱାରା ପ୍ରତିକୂଳ ଶକ୍ତିର ରୂପାନ୍ତର ହେଲେ ଯୁଦ୍ଧ ଭୟ ରହିବ ନାହିଁ ।

*

ପ୍ରଶ୍ନ : ମନୁଷ୍ୟ କାହିଁକି କୁକର୍ମ କରିବାକୁ ଆଗେଇଯାଏ, ଭଲ କର୍ମ କରିବାକୁ ଗଲେ କାହିଁକି ବହୁ ବାଧାବିଘ୍ନର ସମ୍ମୁଖୀନ ହୁଏ ?

ଉତ୍ତର : ଏହା ନିର୍ଭର କରେ ମନୁଷ୍ୟର ଚେତନାର ବିକାଶ ଉପରେ । ଯେଉଁ ବ୍ୟକ୍ତିର ଚେତନାର ବିକାଶ ହୋଇ ନ ଥାଏ, ଅନ୍ତରାତ୍ମା ଜାଗ୍ରତ ହୋଇ ନ ଥାଏ, ତାହାର କୁପ୍ରବୃତ୍ତି ଯୋଗୁଁ ସେ ଅସତ୍ ଆଚରଣ କରେ ଓ ତାହାପକ୍ଷେ ଅସତ୍ କାର୍ଯ୍ୟ ବହୁତ ସହଜ ହୁଏ । ଏହିପରି ଏହାର ବିପରୀତ କୌଣସି ସନ୍ଥ ବା ଭକ୍ତଙ୍କ ଦ୍ୱାରା ଚୋରି, ମିଥ୍ୟାଚାର ଆଦି ଦୁଷ୍କର୍ମ ହୋଇପାରେ ନାହିଁ । କୌଣସି କାରଣବଶତଃ ଯଦି ଏପରି ଲୋକ ଅସତ୍ କାର୍ଯ୍ୟ କରିବାକୁ ଚାହାନ୍ତି, ତେବେ ସେଥିରେ ବହୁତ ବାଧାବିଘ୍ନ ଆସେ । ସେହିପରି ସଂସାରର କାର୍ଯ୍ୟ – ବର୍ତ୍ତମାନ ସଂସାରରେ ଅସତ୍ କାର୍ଯ୍ୟ ଓ ଅସତ୍ ଶକ୍ତିର ପ୍ରାଧାନ୍ୟ । ତେଣୁ ସତ୍ କର୍ମରେ ବାଧାବିଘ୍ନ ଆସେ ଓ ଅସତ୍ କର୍ମ ସହଜରେ ସମ୍ପନ୍ନ ହୁଏ । ଯେତେବେଳେ ସତ୍ୟ (ଭାଗବତୀ) ଶକ୍ତିର ପ୍ରାଧାନ୍ୟ ହେବ, ସେତେବେଳେ ଅସତ୍ କର୍ମ କରିବାରେ ବହୁ ବାଧାବିଘ୍ନ ଆସିବ ।

*

ପ୍ରଶ୍ନ : ଆତ୍ମା କ'ଣ ଓ କେତେ ଭାଗରେ ବିଭକ୍ତ ?

ଉତ୍ତର : ଆତ୍ମା ଭଗବାନଙ୍କ ଅଂଶ ବା ପ୍ରତିଭୂ, ଚୈତନ୍ୟସ୍ୱରୂପ । ଅଜ୍ଞାନରୁ ମୁକ୍ତ ଶୁଦ୍ଧସତ୍ତା ହୃଦୟର ଗଭୀରରେ ବାସକରେ । ଆତ୍ମା ଅବିଭକ୍ତ । ସେ ବିକାଶଶୀଳ ସତ୍ତା; ତାହାର ବିକାଶ ହେଉଥାଏ । ତାହାରି ବିକାଶରେ ବ୍ୟକ୍ତି ଭଗବତ୍‌ପ୍ରାପ୍ତି କରେ, ଅର୍ଥାତ୍ ଯେତେବେଳେ ବିକାଶ ଲାଭକରି ମନପ୍ରାଣ ଉପରେ ଅଧିକାର ପ୍ରାପ୍ତ ହୋଇ ବ୍ୟକ୍ତିକୁ ପରିଚାଳନା କରେ ସେତେବେଳେ ବ୍ୟକ୍ତି ଭଗବାନଙ୍କ ସହିତ ଏକତ୍ୱ ପ୍ରାପ୍ତ ହୁଏ ।

ଶ୍ରୀଅରବିନ୍ଦଙ୍କ ଯୋଗରେ ଜୀବାତ୍ମା ଓ ଅନ୍ତରାତ୍ମା ମଧ୍ୟରେ ଯେଉଁ ପାର୍ଥକ୍ୟ ସୂଚିତ ହୋଇଅଛି ସେସମ୍ବନ୍ଧେ ଶ୍ରୀଅରବିନ୍ଦଙ୍କର ନିମ୍ନୋକ୍ତ ଉଦ୍ଧୃତାଂଶଟି ବିଶେଷ ପ୍ରଣିଧାନର ବିଷୟ –

''ଆମ୍ଭମାନଙ୍କ ଯୋଗରେ 'କେନ୍ଦ୍ରୀୟ ବା ମୂଳସତ୍ତା' କଥାଟି ମନୁଷ୍ୟ ମଧ୍ୟରେ ଅବସ୍ଥିତ, ଜନ୍ମ-ମୃତ୍ୟୁର ଅତୀତ ଓ ଆମ୍ଭର ସମସ୍ତ ଅଂଶକୁ ଧାରଣ କରିଥିବା ଭଗବାନଙ୍କ ଅଂଶ ପ୍ରତି ସାଧାରଣତଃ ପ୍ରୟୋଗ କରାହୁଏ । ଏହି କେନ୍ଦ୍ରୀୟ ସତ୍ତାର ଦୁଇଟି ରୂପ ଅଛି, ଊର୍ଦ୍ଧ୍ୱରେ ସେ ଜୀବାତ୍ମା, ଆମ୍ଭମାନଙ୍କ ସତ୍ୟସତ୍ତା । ଯେତେବେଳେ ଆମ୍ଭମାନଙ୍କର ଉଚ୍ଚତର ଆତ୍ମଜ୍ଞାନ ଉଦିତ ହୁଏ, ସେତେବେଳେ ଆମ୍ଭେମାନେ ଆମ୍ଭର ଏହି ଧ୍ରୁବ ସତ୍ତା ସମ୍ବନ୍ଧରେ ସଚେତ ହେଉ । ନିମ୍ନରେ ସେ

ଚୈତ୍ୟପୁରୁଷ ଏବଂ ସେ ମନ-ପ୍ରାଣ-ଦେହର ପଶ୍ଚାତ୍‌ରେ ବିଦ୍ୟମାନ । ଜୀବାତ୍ମା ଜୀବନର ଅଭିବ୍ୟକ୍ତି ଉପରେ ଏବଂ ଏହାର ଅଧ୍ୟକ୍ଷ ରୂପେ ବିରାଜିତ; ଚୈତ୍ୟପୁରୁଷ ପଶ୍ଚାତ୍‌ରେ ଛିଡ଼ା ହୋଇ ଏହି ଅଭିବ୍ୟକ୍ତିକୁ ଧାରଣ କରିଅଛନ୍ତି ।...... କିନ୍ତୁ ମନୁଷ୍ୟ ତାହାର ଅନ୍ତରାତ୍ମା ଓ ଜୀବାତ୍ମାକୁ ଜାଣେ ନାହିଁ; ସେ ଜାଣେ କେବଳ ନିଜର ଅହଂକୁ ବା ନିଜ ଦେହ-ପ୍ରାଣର ନିୟାମକ ମନୋମୟ ପୁରୁଷକୁ, କିନ୍ତୁ ଆହୁରି ଗଭୀର ସ୍ତରରେ ପହଞ୍ଚିଲେ ସେ ଚିହ୍ନିପାରେ ତା'ର ଅନ୍ତରାତ୍ମା ବା ଚୈତ୍ୟପୁରୁଷକୁ ନିଜର ଯଥାର୍ଥ କେନ୍ଦ୍ର ବୋଲି, ନିଜର ହୃଦୟସ୍ଥିତ ପୁରୁଷ ବୋଲି । ବିବର୍ତ୍ତନର କେନ୍ଦ୍ରୀୟ ସତ୍ତା ହେଲେ ଚୈତ୍ୟପୁରୁଷ, ସେ ଭଗବାନଙ୍କର ସନାତନ ଅଂଶ, ଜୀବାତ୍ମାରୁ ଉଦ୍ଭୂତ ଏବଂ ତାଙ୍କର ପ୍ରତିଭୂ ଏବଂ ପୂର୍ଣ୍ଣଚେତନାର ଯେତେବେଳେ ଆବିର୍ଭାବ ହୁଏ, ସେତେବେଳେ ଜୀବାତ୍ମା ଓ ଅନ୍ତରାତ୍ମା ଏକାଠି ମିଶିଯାଆନ୍ତି ।''

(ଯୋଗ-ପ୍ରଦୀପ, ପୃ : ୨୧-୨୩)

*

## ଭ୍ରଷ୍ଟାଚାରୀ ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ

ପ୍ରଶ୍ନ : ଆଜିକାଲି କେତେକ ବ୍ୟକ୍ତି ନିଜ ସ୍ତ୍ରୀ ପ୍ରତି ବିଶେଷ ଦୁର୍ବ୍ୟବହାର କରୁଛନ୍ତି । ବିନା ଅପରାଧରେ ନିଜ ସ୍ତ୍ରୀକୁ ତ୍ୟାଗ କରି ଦୁଶ୍ଚରିତ୍ରା ସ୍ତ୍ରୀମାନଙ୍କ ସହ ସମ୍ବନ୍ଧ ରଖୁଛନ୍ତି, ଏପରିକି ନିଜ ସ୍ତ୍ରୀର ଭରଣପୋଷଣ କରୁ ନାହାନ୍ତି । ପୁରୁଷମାନେ ଏପରି ଅସଦାଚରଣ କରି ସ୍ତ୍ରୀମାନଙ୍କୁ ଉପେକ୍ଷା କରି ସେମାନଙ୍କ ପ୍ରତି ନୃଶଂସ ବ୍ୟବହାର କରିବା କେବଳ ଅନ୍ୟାୟ ନୁହେଁ, ମହାପାପ; ଏପରି ବ୍ୟକ୍ତିମାନେ ଧର୍ମ ଓ ସମାଜର ପତନର କାରଣ । ଏହିପରି ଇନ୍ଦ୍ରିୟଲୋଲୁପ ସ୍ୱାର୍ଥପର ବ୍ୟକ୍ତିମାନେ ବରାବର ଧର୍ମର ଘାତକ ହୋଇଅଛନ୍ତି । ଏପରି ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ କ'ଣ ?

ଉତ୍ତର : ଏପରି ଦୁରାଚାରୀ ସ୍ୱାମୀ ପ୍ରତି ସ୍ତ୍ରୀର କର୍ତ୍ତବ୍ୟ କ'ଣ, ତାହା ଧାର୍ମିକ ଦୃଷ୍ଟିକୋଣରୁ ଏଠାରେ ଆଲୋଚନା କରିବା । ଆଇନ୍ ଅନୁସାରେ ବିଚାର କରିବାର ପ୍ରଶ୍ନ ଏଠାରେ ଉଠିପାରେ ନାହିଁ, ସେ ପ୍ରଶ୍ନ ଜଜ୍‌ମାନେ ବିଚାର କରିପାରନ୍ତି ।

ଚୋର ଚୋରି କଲେ, ଚୋରର ପ୍ରତିଶୋଧ ନେବା ସକାଶେ ତା'ର ବସ୍ତୁ ଚୋରି କରାହୁଏ ନାହିଁ । ଚୋରି କରିବା ପାପ, ଅନ୍ୟାୟ । ଚୋର ଓ ପାପୀଠାରେ ଚୋରି ଓ ପାପ ଦ୍ୱାରା ପ୍ରତିଶୋଧ ନେବାର ଅର୍ଥ ସେହି ପାପ ଓ ଅନ୍ୟାୟ ନିଜେ ଆଚରଣ କରି ଅନ୍ଧକାରରେ ବୁଡିଯିବା । ଅନ୍ୟାୟ ଓ ପାପର ପ୍ରତିଶୋଧ ହେଲା ଧର୍ମ ଓ ନ୍ୟାୟ ।

ଚୋରି, ଅନ୍ୟାୟର ପ୍ରତିକାର ହେଲା କୋର୍ଟରେ ନାଲିଶ କରିବା । ନ୍ୟାୟାଧୀଶ ଠିକ୍ ଠିକ୍ ସମସ୍ୟାର ସମାଧାନ କରିବେ । ସଂସାରିକ କଚେରିରେ ମାମଲତ୍‌କାର ଓ ଓକିଲଙ୍କର ଯୁକ୍ତିକୌଶଳ ବିଶେଷ ରୂପେ କାମ କରେ; ସତକୁ ମିଛ ବା ମିଛକୁ ସତ କରେ କିନ୍ତୁ ବିଶ୍ୱର ଧର୍ମ-ବିଚାରାଳୟରେ ଏପରି ହୁଏ ନାହିଁ । ସେଥିପାଇଁ ଅନୁତପ୍ତା ଭଉଣୀମାନଙ୍କର ଧାର୍ମିକ ଦୃଷ୍ଟିରେ ଏକମାତ୍ର କର୍ତ୍ତବ୍ୟ ହେଲା ନିଜ ଧର୍ମକୁ ପ୍ରାଣପଣେ ପାଳନ କରି ନ୍ୟାୟାଧୀଶ ଭଗବାନଙ୍କ ପାଖରେ ନିଜ କେସ୍‌ଦାଏର କରିବା । ଏହାର ଅର୍ଥ — କର୍ତ୍ତବ୍ୟପାଳନ ।

କର୍ତ୍ତବ୍ୟ ହେଲା — ନିଜ ଧର୍ମରେ ଦୃଢ଼ ରହି ବିପଦ ଆପଦକୁ ପରବାୟ ନ କରି ଧର୍ମ ଆଶ୍ରୟରେ ସତ୍ୟ-ମାର୍ଗରେ ଚାଲିବା । ଏହାଦ୍ୱାରା ଏପରି ହୋଇପାରେ,— ନିଜ ସ୍ୱାମୀ ମଧ୍ୟରେ ଯେତେ ଦୋଷ, ପାପ, ଦୁରାଚାର ଥାଏ, ତା' ଅପେକ୍ଷା ପତ୍ନୀର ତପସ୍ୟା ଅଧିକ ଶକ୍ତିଶାଳୀ ହେଲେ ପତିର ହୃଦୟ ଶୁଦ୍ଧ ହୁଏ; କ୍ରମଶଃ ସେ ନିଜ ତ୍ରୁଟି ବୁଝିପାରେ ଏବଂ ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ ହୋଇପାରେ । କିନ୍ତୁ ପତି ଯେପରି ଅନ୍ୟାୟ କରୁଛି, ପତ୍ନୀ ଯଦି ପ୍ରତିଶୋଧ ନେବା ସକାଶେ ସେହିପରି ଆଚରଣ କରେ, ତେବେ ପତିର ସ୍ୱଭାବ କେବେ ବି ପରିବର୍ତ୍ତନ ହୁଏ ନାହିଁ, ପତି ଯେପରି ଅନ୍ଧକାର ଗହ୍ୱରରେ ନିପତିତ ହୋଇଥାଏ, ପତ୍ନୀ ସେହିପରି ହୁଏ । ଏହାଦ୍ୱାରା ସମସ୍ୟାର ସମାଧାନ ନ ହୋଇ ଅଧିକ ଜଟିଳ ଓ କଷ୍ଟପ୍ରଦ ହୁଏ । ପତ୍ନୀର ସତ୍ୟ ଆଚରଣ, ତପସ୍ୟା ଅପେକ୍ଷା ପତିର ପାପ-ଅନ୍ୟାୟ ପ୍ରବଳ ଥିବା ଯୋଗୁଁ ଯଦ୍ୟପି

ତାହାର ପରିବର୍ତ୍ତନ ନ ହୁଏ, ତଥାପି ପତ୍ନୀର ନିଜ ହୃଦୟ ଶୁଦ୍ଧପୂତ ହୁଏ, ସେ ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ଆନନ୍ଦ ଅନୁଭବ କରିପାରେ ।

ଦୁଃଖର କାରଣ ହେଲା ଆସକ୍ତି ତଥା ଈର୍ଷ୍ୟା । ପତି ପ୍ରତି ଆସକ୍ତି ଥିବା ଯୋଗୁଁ ତା'ର ଦୁର୍ବ୍ୟବହାରରେ ଅତ୍ୟନ୍ତ କଷ୍ଟ ହୁଏ ଏବଂ ନିଜର ବୋଲି ମନେ କରିଥିବା ପତି ଦୁଶ୍ଚରିତ୍ରା ସ୍ତ୍ରୀ ସଙ୍ଗେ ସମ୍ପର୍କ ରଖିବାରେ ଈର୍ଷା ଓ ଅସୂୟାରେ ତା'ର ହୃଦୟ ଜଳେ । ନିଜର ସ୍ନେହ ପତି ପ୍ରତି ଥାଏ, ତେଣୁ ଏହି ଅନ୍ୟାୟ କାର୍ଯ୍ୟରେ ପତିର ଅନିଷ୍ଟ ହେବା ଆଶଙ୍କାରେ ସେ ଅତ୍ୟନ୍ତ ଦୁଃଖୀ ଓ ଭୟତ୍ରସ୍ତା ହୁଏ । ଏହାର ମୂଳ କାରଣ ହେଲା ଆସକ୍ତି । ଗାର୍ହସ୍ଥ୍ୟାଶ୍ରମରେ ପତି ପ୍ରତି ପତ୍ନୀର ଆସକ୍ତି ଭଲ; କିନ୍ତୁ ଯେବେ ବିରୋଧ ହୁଏ ସେହି ଆସକ୍ତି ଦାରୁଣ ବେଦନାର କାରଣ ହୁଏ ।

ପତି ସଙ୍ଗେ ବିରୋଧ ଅବସ୍ଥାରେ ପତ୍ନୀର ଯେଉଁ ଦାରୁଣ ବେଦନା ଜାତ ହୁଏ ସେଥିରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ନିଜର ଲକ୍ଷ୍ୟକୁ ଭଲ ଭାବରେ ଜାଣି ତାହାର ପ୍ରାପ୍ତିର ଉପାୟ କରିବା । ପ୍ରଥମେ ଜାଣିବାକୁ ହେବ ନିଜର ଲକ୍ଷ୍ୟ କ'ଣ । ସେ କାହିଁକି ଏହି ସଂସାରକୁ ଆସିଅଛି ? ଏହାର ବିଚାର କରାହୋଇଅଛି ଶ୍ରୀଅରବିନ୍ଦଙ୍କ ଦର୍ଶନଶାସ୍ତ୍ରରେ । ସେହି ବିଷୟ ସରଳ ଭାଷାରେ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ'ରେ ପ୍ରକାଶ ପାଉଅଛି । 'ଲୋକ-ସାହିତ୍ୟ'ର 'ଗାର୍ହସ୍ଥ୍ୟ ଧର୍ମ', 'ଦିବ୍ୟ ଯୁଗ-ସ୍ଥାପନାରେ ନାରୀ', 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ' ଏବଂ 'ସାଧିକା-ସଂସାର' ଇତ୍ୟାଦି ବହି ପଢ଼ନ୍ତୁ ।

ସ୍ତ୍ରୀର ଭୋଗ୍ୟ ପୁରୁଷ କିଂବା ପୁରୁଷର ଭୋଗ୍ୟ ସ୍ତ୍ରୀ ନୁହେଁ । ଏହି ସଂସାରକୁ ଆସି ଇନ୍ଦ୍ରିୟତୃପ୍ତି କରି, ଆସକ୍ତିବଶରୁ ନାନା ପ୍ରକାର ଦୁଃଖ-ଯନ୍ତ୍ରଣା ଓ ଈର୍ଷ୍ୟା-ବିରୋଧ ମଧ୍ୟରେ ଜୀବନକୁ ଭୋଗ କରିବା ବି ଯଥାର୍ଥ ଲକ୍ଷ୍ୟ ନୁହେଁ । ଯଦି ଏହାହିଁ ହୁଅନ୍ତା ତେବେ ଏହି ସଂସାର କେବଳ ଦୁଃଖଦ୍ୱନ୍ଦ୍ୱ ଭୋଗ କରିବାର ସ୍ଥାନ ହୋଇଥା'ନ୍ତା, କିନ୍ତୁ ଏହା ଏପରି ନୁହେଁ । ମନୁଷ୍ୟ ଯେଉଁ ପରମାନନ୍ଦରୂପ ଭଗବାନଙ୍କୁ ପ୍ରାପ୍ତ ହେବାକୁ ଏହି ସଂସାରକୁ ଆସିଅଛି, ଯାହା ତାହାର ଏକମାତ୍ର ଲକ୍ଷ୍ୟ ସେହି ଲକ୍ଷ୍ୟପ୍ରାପ୍ତିର ଗୃହ-ସଂସାର ଉପାୟ ମାତ୍ର । ସେହି ଲକ୍ଷ୍ୟକୁ ଭୁଲିଯିବାରୁ ମନୁଷ୍ୟ ଏହି ସାଂସାରିକ କର୍ମକୁ ଲକ୍ଷ୍ୟ ବୋଲି ମାନିନିଏ, ସେହି କାରଣରୁ ଦୁଃଖ ଭୋଗେ ।

ଏହି ଯେଉଁ ପତି, ପୁତ୍ର, ପିତା, ମାତା, ପରିବାର – ଏହା ନୂଆ ନୁହେଁ । ପ୍ରତ୍ୟେକ ଜନ୍ମରେ ନୂତନ ପତି, ନୂତନ ପିତା, ନୂତନ ମାତା, ନୂତନ ପୁତ୍ର ହୁଅନ୍ତି, ସେମାନଙ୍କ ପ୍ରତି ଆସକ୍ତି ହୁଏ, ମୃତ୍ୟୁ ପରେ ପ୍ରତ୍ୟେକେ ପ୍ରତ୍ୟେକଙ୍କୁ ଭୁଲିଯାଆନ୍ତି । ପୁଣି ନୂତନ ପରିବାରରେ ଜନ୍ମଗ୍ରହଣ କରନ୍ତି ଓ ନୂତନ ଭାବରେ ସମ୍ବନ୍ଧ ସ୍ଥାପିତ ହୁଏ ପ୍ରତି ଜନ୍ମରେ ପତି-ପତ୍ନୀର ବିୟୋଗ ବା ଅସଦ୍ ବ୍ୟବହାର ଯୋଗୁଁ ଦାରୁଣ ଦୁଃଖ ଜାତ ହୁଏ, ସେହି ବିଚ୍ଛେଦ ଦୁଃଖରୁ ମୁକ୍ତି ପାଇବାର ଉପାୟ ହେଲା ସଚେତ ହୋଇ ଭଗବାନଙ୍କୁ ଗ୍ରହଣ କରିନେବା ।

ଯଥାର୍ଥରେ ମନୁଷ୍ୟର ଲକ୍ଷ୍ୟ ପରମାନନ୍ଦସ୍ୱରୂପ ଭଗବାନ୍ । ସେହି ଲକ୍ଷ୍ୟରେ ପହଞ୍ଚିବାର ଉପାୟ ସଂସାରର ସମସ୍ତ କର୍ମ । ସ୍ତ୍ରୀ ଏବଂ ପୁରୁଷ ପ୍ରତ୍ୟେକେ, ସଂସାର, ପରିବାର, ଘର, ସମ୍ପତ୍ତିକୁ ଭଗବାନଙ୍କର ଜାଣି ତାଙ୍କ ସେବାରୂପେ କାର୍ଯ୍ୟ କଲେ ସେଥିରେ ଆସକ୍ତି ହୁଏ ନାହିଁ, ଦୁଃଖ ଆସେ ନାହିଁ, ସେହି କର୍ମ ଦ୍ୱାରା ଭଗବତ୍ ପ୍ରାପ୍ତି ହୁଏ । ପ୍ରତ୍ୟେକ ବ୍ୟକ୍ତି ସନ୍ନ୍ୟାସୀ ହୋଇ ଗୃହତ୍ୟାଗ କରି ପାରିବେ ନାହିଁ, ସେଥିପାଇଁ ଭଗବାନ୍ ପରିବାର ସୃଷ୍ଟି କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ କର୍ମ କରି ଭଗବାନଙ୍କ ପାଖରେ ପହଞ୍ଚିବାକୁ ଏହି ସଂସାରକୁ ଆସିଛନ୍ତି । ପତି ପ୍ରକୃତରେ ପତ୍ନୀର ଭୋଗ୍ୟ ନୁହେଁ, ପତି ପ୍ରତି ଭଗବାନଙ୍କର ପ୍ରତିନିଧି ଭାବ ରଖିଲେ ତାହା ଭଗବାନଙ୍କ ପାଖରେ ପହଞ୍ଚିବାର ଉପାୟ ହୁଏ । ଏହି ବିଷୟ ସରଳ ଭାବରେ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଦିବ୍ୟ ଯୁଗ-ସ୍ଥାପନାରେ ନାରୀ' ବହିମାନଙ୍କରେ ଆଲୋଚିତ ହୋଇଛି ।

ଯେଉଁ ଭଉଣୀମାନେ ପତିଙ୍କ ଦୁର୍ବ୍ୟବହାରରୁ ଦୁଃଖ ପାଉ ଅଛନ୍ତି ସେମାନେ ପ୍ରତ୍ୟେକ କର୍ମ ଭଗବାନଙ୍କ ସେବାରୂପେ କରି ଭଗବାନଙ୍କୁ ସମର୍ପଣ କରନ୍ତୁ । ପ୍ରତ୍ୟହ କିଛି ସମୟ ହୃଦୟରେ ଧ୍ୟାନ କରି ମନକୁ ଏକାଗ୍ର କରନ୍ତୁ ।

ତୁମେ ଯଦି ଯଥାର୍ଥରେ ସେମାନଙ୍କୁ ସାହାଯ୍ୟ କରିବାକୁ ଚାହଁ, ତେବେ ସେମାନଙ୍କୁ ଅଧ୍ୟାତ୍ମ ମାର୍ଗରେ

ପ୍ରବୃତ୍ତ କରାଅ, ଯଦ୍ଦ୍ୱାରା ସେମାନେ ଚିରଦିନ ସକାଶେ ସୁଖ ପାଇପାରିବେ ଏବଂ ଧର୍ମ ପାଳନ କରିବାକୁ ସମର୍ଥ ହେବେ ।

*

ପ୍ରଶ୍ନ : ଶ୍ରୀଅରବିନ୍ଦ ଆଶ୍ରମରେ ସମସ୍ତ ସାଧକ ଆତ୍ମ-ସମର୍ପଣ କରି ସାରିଲେଣି କି ?

ଉତ୍ତର : ଆଶ୍ରମରେ ସମସ୍ତେ ଆତ୍ମ-ସମର୍ପଣ କରିସାରିଥିଲେ ତୁମକୁ କଷ୍ଟ କରି ପ୍ରଶ୍ନ କରିବାକୁ ହୋଇ ନ ଥା'ନ୍ତା । ତୁମେ ସ୍ୱୟଂ ବୁଝିପାରିଥା'ନ୍ତ । ଆତ୍ମ-ସମର୍ପଣ ଏପରି କୌଣସି ସ୍ଥୂଳ ବସ୍ତୁ ନୁହେଁ ଯେ ଭୋଗସାମଗ୍ରୀ ପରି ଏକ ମୁହୂର୍ତ୍ତରେ ଦେବତାଙ୍କ ପାଖରେ ନିବେଦନ କରିଦେବ ବା କଳ୍ପନା କରିବ, ''ମୁଁ ଭଗବାନଙ୍କୁ ସବୁ ଦେଇ ଦେଲି, ମୋର କିଛି ନାହିଁ'' । ଏ ଯୋଗରେ ପୂର୍ଣ୍ଣ ଆତ୍ମ-ସମର୍ପଣ କରିବାକୁ ହୁଏ, ମନ-ପ୍ରାଣ-ଶରୀରକୁ ଏବଂ ତାହାର ପ୍ରତ୍ୟେକ କ୍ରିୟାକୁ । ଆତ୍ମ ସମର୍ପଣ ସମ୍ପୂର୍ଣ୍ଣ ହେଲେ ଏ ଯୋଗରେ ସିଦ୍ଧି ପ୍ରାପ୍ତ ହୁଏ । ଅର୍ଥାତ୍ ମନୁଷ୍ୟର ମନ-ପ୍ରାଣ-ଶରୀର-ଚେତନା ପର୍ଯ୍ୟନ୍ତ ଅନ୍ତରାତ୍ମା ସହିତ ଏକ ହୋଇଯାଏ; ତାହାର ସକଳ ଭାଗରେ କ୍ରିୟା କରନ୍ତି ଭାଗବତୀ ଶକ୍ତି ଏବଂ ସାଧକ ସଂପୂର୍ଣ୍ଣରୂପେ ପରିଚାଳିତ ହୁଏ ଭଗବାନଙ୍କ ଦ୍ୱାରା । ନିଜର ବାସନା, କାମନା, ଅଭିରୁଚି, ଅଭିମତ, ଅହଂକାର ସବୁକିଛି ଭଗବାନଙ୍କୁ ସମର୍ପିତ ହୋଇ ରୂପାନ୍ତରିତ ହୁଏ ।

ଏ ଯୋଗ ଆରମ୍ଭ ହୁଏ ସମର୍ପଣରେ ଏବଂ ଶେଷ ମଧ୍ୟ ହୁଏ ସମର୍ପଣରେ । ଏ ଯୋଗର ପୂର୍ଣ୍ଣସିଦ୍ଧି ହୋଇ ନାହିଁ । ଯେତେବେଳେ ଶରୀର ରୂପାନ୍ତରିତ ହୋଇଯିବ ସେତେବେଳେ ସଂପୂର୍ଣ୍ଣ ଆତ୍ମ-ସମର୍ପଣ ହୋଇଛି ବୋଲି ଜାଣିପାରିବ । ବର୍ତ୍ତମାନ ଆଶ୍ରମରେ କାହାରି ପୂର୍ଣ୍ଣ ରୂପାନ୍ତର ହୋଇ ନାହିଁ ।

*

ପ୍ରଶ୍ନ : ସତ୍ ଲୋକ କେଉଁଠି ଅଛନ୍ତି ?

ଉତ୍ତର : ସତ୍ ଲୋକରୁ ସଂସାର ଶୂନ୍ୟ ନୁହେଁ, କେବଳ ପବିତ୍ର ହୃଦୟ, ପବିତ୍ର ଦୃଷ୍ଟିର ଆବଶ୍ୟକ । ନିଷ୍କପଟ ଶ୍ରଦ୍ଧା ସହିତ ଅନ୍ୱେଷଣ କଲେ, ଭଗବାନ୍ ଅଥବା ନିଜ ଅନ୍ତରାତ୍ମା ସତ୍ ଲୋକଙ୍କୁ ଚିହ୍ନାଇ ଦେବେ ।

*

ପ୍ରଶ୍ନ : ମିଛ ନ କହି, ଲୋକଙ୍କୁ ନ ଠକି ସଂସାରରେ ମନୁଷ୍ୟ କି ଉପାୟରେ ଚଳିପାରିବ ?

ଉତ୍ତର : ଭଗବାନଙ୍କ ଆଶ୍ରୟ ନେଇ ଅହଂକାର-ପ୍ରସୂତ ମାନଯଶଃ, ଭୋଗବିଳାସ ଓ ଅନ୍ୟ ଉପରେ ପ୍ରଭୁତ୍ୱ ବିସ୍ତାର ଭାବ ତ୍ୟାଗ କଲେ ମନୁଷ୍ୟ ମିଛ ନ କହି, ନ ଠକି ଚଳିପାରିବ । କିନ୍ତୁ ଯେଉଁ ସତ୍ୟ କହିବାକୁ ହେବ ତାହା ହେବା ଉଚିତ ଯଥାର୍ଥ ଓ ଆନ୍ତରିକ, ତେବେହିଁ ଭଗବାନଙ୍କ ସାହାଯ୍ୟ ମିଳିବ । ସତ୍ୟକୁ ବାକ୍ୟରେ ଆଶ୍ରୟ କରି ନିଜ ସ୍ୱାର୍ଥସିଦ୍ଧି କରିବାକୁ ଚାହିଁଲେ ଚଳିବ ନାହିଁ ।

*

ପ୍ରଶ୍ନ : ସଂସାରରେ ପାପ-ଭାର କ୍ରମଶଃ ବଢ଼ିଲା,— ନାରୀମାନେ ପତିବ୍ରତା ଧର୍ମକୁ ଛାଡ଼ିଲେ, ନୀଚ ଜାତି ମନ୍ଦିରରେ ପ୍ରବେଶ କଲେ; ସବୁଠାରେ ଲାଞ୍ଚମିଛ ଚାଲିଲା । ଦୁଷ୍ଟ ଲୋକେ ଅଧିକାର ପାଇ ଅସତ୍ୟାଚରଣ କଲେ । ବର୍ତ୍ତମାନ ରାଜନୀତି କ୍ଷେତ୍ରରେ ଅଧିକାଂଶ ଚୋର, ମିଛୁଆ, ଜାଲୁଆ, ଡକାୟତ, ପାଷଣ୍ଡ, ସ୍ନେହ-ଭକ୍ତିଶୂନ୍ୟ ଲୋଭୀ ଲୋକଙ୍କ ଆସ୍ଥାନ ଜମିଛି । ଏପରି ଅବସ୍ଥାରେ ଶ୍ରୀଅରବିନ୍ଦଙ୍କ ଯୋଗ ସିଦ୍ଧ ହେବ କିପରି ? ତାଙ୍କ ଯୋଗ ପରା ତାଙ୍କ ପାଇଁ ନୁହେଁ, ସଂସାର ପାଇଁ ?

ଉତ୍ତର : ଏହାର ସବୁଠାରୁ ଉତ୍ତମ ପ୍ରତିକାର ହେଲା ଆପଣ ସ୍ୱୟଂ ସତ୍ୟ-ନ୍ୟାୟପରାୟଣ ହୁଅନ୍ତୁ । ନିଜେ ଯଦି ସତ୍ୟ-ମାର୍ଗରେ ଗମନ କରିବେ, ତେବେ ଆପଣଙ୍କର ଅନୁସରଣ କରିବେ ଅନ୍ୟମାନେ । ଏହାଦ୍ୱାରାହିଁ ଯଥାର୍ଥରେ ହେବ ସଂସାରର କଲ୍ୟାଣ । ଆପଣ ନିଜେ ସତ୍ୟ ଆଚରଣ ନ କରି କେବଳ ବାକ୍ୟରେ କହିଲେ ଆପଣଙ୍କର ତଥା ଅନ୍ୟର କୌଣସି ଲାଭ ହେବ ନାହିଁ ।

ଯଦି ସଂସାରର କଲ୍ୟାଣ ସକାଶେ ହୃଦୟ ବ୍ୟାକୁଳ ହୁଏ, ତେବେ ଦିବ୍ୟସତ୍ୟର ପ୍ରତିଷ୍ଠା-କାର୍ଯ୍ୟରେ ନିଜକୁ ପୂର୍ଣ୍ଣରୂପେ ଉତ୍ସର୍ଗ କରିବା ଉଚିତ । ବର୍ତ୍ତମାନ ସଂସାରର ବିଶୃଙ୍ଖଳା ଦୂରୀକରଣର ଏକମାତ୍ର ଉପାୟ ହେଲା ସତ୍ୟର ପ୍ରତିଷ୍ଠା । ଏହାଛଡ଼ା ମନ-ବୁଦ୍ଧି-ପ୍ରସୂତ କୌଣସି ନୀତିନିୟମ ବ୍ୟବସ୍ଥା ଦ୍ୱାରା ଏହାର ସୁଧାର ହେବା ସମ୍ଭବ ନୁହେଁ । ବର୍ତ୍ତମାନ ଯୁଗପରିବର୍ତ୍ତନର ସନ୍ଧିକ୍ଷଣ । ପ୍ରତି ସନ୍ଧିକ୍ଷଣରେ ପୂର୍ବସ୍ଥାପିତ ଧର୍ମ, ଶୃଙ୍ଖଳା ଓ ରୀତିନୀତି ଅବ୍ୟବସ୍ଥିତ ହୋଇଯାଏ । ନୂତନ ସତ୍ୟକୁ ଗ୍ରହଣ କଲେ ଏହି ସନ୍ଧିକ୍ଷଣ ଅପେକ୍ଷାକୃତ କମ୍ ସମୟରେ ସମାପ୍ତ ହୁଏ ଏବଂ ନୂତନ ଧର୍ମ ସ୍ଥାପିତ ହୁଏ ।

*

ପ୍ରଶ୍ନ : ଇଉରୋପରେ ଆଣବିକ ଶକ୍ତିର ପରୀକ୍ଷା ଚାଲିଛି, ଶୋଷଣ ନୀତି ପୂର୍ବ ପରି ରହିଛି । ଉପନିବେଶରେ କଳାଗୋରାଙ୍କ ବର୍ଣ୍ଣଭେଦ ଓ ଅତ୍ୟାଚାର ଚାଲୁଅଛି । ଏହାର ସମାଧାନ କ'ଣ ?

ଉତ୍ତର : ଅନ୍ଧକାର ଶକ୍ତିସମୂହ ପ୍ରବଳ ଅଧିକାର ବିସ୍ତାର କରିବାରୁ ମନୁଷ୍ୟ ନିଜର ସ୍ୱାର୍ଥରକ୍ଷା କରିବା ନିମିତ୍ତ ନାନାପ୍ରକାର ଭୁଲ୍ ଉପାୟ ଅବଲମ୍ବନ କରୁଛି । ଅନ୍ଧକାର ଶକ୍ତି ପରାସ୍ତ ହୋଇ ଦିବ୍ୟଶକ୍ତିର ବିଜୟ ହେଲେ ସଂସାରର ବାତାବରଣ ପରିବର୍ତ୍ତିତ ହେବ । ସେତେବେଳେ ଦେଶ ଦେଶ ମଧ୍ୟରେ ଆଉ ବିରୋଧ ରହିବ ନାହିଁ, ମିତ୍ରତା ସ୍ଥାପନ ହେବ ଏବଂ ଏହିସବୁ ପ୍ରତିକୂଳ ଅବସ୍ଥା ଦୂର ହୋଇଯିବ ।

*

ପ୍ରଶ୍ନ : ସଂସାରର ସମସ୍ତେ କ'ଣ ସନ୍ନ୍ୟାସୀ ହୋଇଯିବେ ?

ଉତ୍ତର : ସମସ୍ତେ ସନ୍ନ୍ୟାସୀ ହେବାର କୌଣସି ଆଶା ନାହିଁ, ଏହା ସମ୍ଭବ ବି ନୁହେଁ । ଅତୀତରେ କେବେ ବି ଏପରି ହୋଇ ନାହିଁ । ଯଦି ସମସ୍ତେ ଯଥାର୍ଥ ସନ୍ନ୍ୟାସୀ ହୁଅନ୍ତି, ତେବେ ପୃଥିବୀ ଗୋଟିଏ ଦିନରେ ହୋଇଉଠନ୍ତା ସ୍ୱର୍ଗ, ଭଗବାନ୍ ନିରାବରଣ ରୂପେ ପୃଥିବୀରେ ନିଜକୁ ପ୍ରଘଟ କରନ୍ତେ, ଦୁଃଖ-କଷ୍ଟ, ବୈର-ବିରୋଧ ଓ ହିଂସା-ଦ୍ୱେଷ ସ୍ୱପ୍ନପରି ଉଭେଇ ଯାଆନ୍ତା ।

ସାଧାରଣତଃ ଲୋକେ ମନେ କରନ୍ତି ଯେଉଁମାନେ ସଂସାରର ସମସ୍ତ କର୍ମ ପରିତ୍ୟାଗ କରି ଜଙ୍ଗଲକୁ ଚାଲିଯାଆନ୍ତି ସେମାନଙ୍କ ଦ୍ୱାରା ସଂସାରର କୌଣସି ହିତ ସାଧିତ ହୁଏ ନାହିଁ । ସନ୍ନ୍ୟାସର ଅର୍ଥ ତ୍ୟାଗ । ଯଦି କେହି ସଂସାର ଛାଡ଼ି ଜଙ୍ଗଲକୁ ଚାଲିଯାଏ ଅଥବା ଅନ୍ୟ କେହି ସଂସାରରେ ରହି କର୍ମ ସ୍ୱାର୍ଥ ତ୍ୟାଗ କରେ, ତେବେ ଉଭୟ ସତ୍ୟରେ ବାସ କରନ୍ତି । ଏମାନଙ୍କର ବାହ୍ୟ କର୍ମ ତ୍ୟାଗ ହେଉ ବା ଗ୍ରହଣ ହେଉ ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ସେମାନଙ୍କର ଯଥାର୍ଥରେ ଅସତ୍ୟ-ଅନ୍ୟାୟର ତ୍ୟାଗ, ସତ୍ୟରେ ନିବାସ, ସତ୍ୟ-ଆଚରଣ, ତାହାହିଁ ପୃଥିବୀକୁ ପବିତ୍ର କରିଦିଏ ଏବଂ ଶୁଦ୍ଧ ବାତାବରଣ ସୃଷ୍ଟି କରେ । ସେମାନେ ଏକ ଶବ୍ଦ ନ କହି ବି ନିଜର ସତ୍ୟ ଓ ନିଷ୍ଠା ଦ୍ୱାରା ଜଗତଜନଙ୍କର ମନରେ ବିଶୁଦ୍ଧ ଭାବର ପ୍ରେରଣା ଦିଅନ୍ତି । ସନ୍ନ୍ୟାସୀମାନଙ୍କ ସତ୍ୟନିଷ୍ଠା ଯୋଗୁଁ ଆଜି ଭାରତ ସଂସାରରେ ସମ୍ମାନିତ । ଅନ୍ୟାନ୍ୟ ଦେଶ ନାନା ପ୍ରକାର ସମୃଦ୍ଧିରେ ପୂର୍ଣ୍ଣ ହେବା ସତ୍ତ୍ୱେ ବି ଏହି ସତ୍ୟର ଅଭାବରୁ ଶାନ୍ତି ଲାଭ କରିପାରୁ ନାହାନ୍ତି ଏବଂ ଜୀବନ-ସମସ୍ୟାର ସାମାଧାନର ଉପାୟ ମଧ୍ୟ ପାଉ ନାହାନ୍ତି । ସଂସାରରେ ଯଦି କେହି ବଡ଼ ହୋଇଛି ବା ବଡ଼ କାମ କରୁଛି, ତାହା କେବଳ ତ୍ୟାଗ ଦ୍ୱାରା । ଯାହାର ଯେତେ ଅଧିକ ତ୍ୟାଗ ହେବ, ସେ ସଂସାରର ସେତେ ଅଧିକ ସେବା କରିପାରିବ । ବିନା ତ୍ୟାଗରେ କେହି କେବେ ବି ଭଲ କାମ କରିପାରି ନାହିଁ । ଏପରିକି ବିନା ତ୍ୟାଗରେ ସାଂସାରିକ କାର୍ଯ୍ୟ ବି ସାଧିତ ହୁଏ ନାହିଁ । କିଛି ଲୋକ ନିଜ ସ୍ୱାର୍ଥ, ପରିବାରର ସ୍ୱାର୍ଥ ତ୍ୟାଗ କରିଥିଲେ ବୋଲି ଭାରତ ସ୍ୱାଧୀନ ହେବାରେ ଅଧିକ ସାହାଯ୍ୟ ମିଳିଥିଲା ।

ମନୁଷ୍ୟର ମନ, ପ୍ରାଣ, ଶରୀର ବସ୍ତୁ ଧାରଣର ପାତ୍ର ବା ଆଧାର ସଦୃଶ । ଯେପରି କୌଣସି ପାତ୍ର କେବେ ଖାଲି ରହିପାରେ ନାହିଁ, ବସ୍ତୁ ବିଶେଷ କିଂବା ବାୟୁରେ ପୂର୍ଣ୍ଣ ଥାଏ, ସେହିପରି ଠିକ୍ ମନୁଷ୍ୟ-ଆଧାର । ତାହା ପୂର୍ଣ୍ଣ ଥାଏ କାମନା-ବାସନା, ସ୍ୱାର୍ଥ ଆଦି ଦୁର୍ଗୁଣରେ । ଏହିପରି ଦୁର୍ଗୁଣଯୁକ୍ତ ବ୍ୟକ୍ତି ପଶୁପରି ନିଜ ସ୍ୱାର୍ଥ ଛଡ଼ା ଅନ୍ୟ କୌଣସି

ଉଚ୍ଚ ଆଦର୍ଶ ବା ଅନ୍ୟର ହିତସାଧନ କରିପାରେ ନାହିଁ । ଏହି ଆଧାରରେ କ୍ରମଶଃ ସଦ୍‌ଗୁଣ, ଐଶୀ ଗୁଣ ଆସିବାକୁ ଲାଗିଲେ ପୂର୍ବ ଗୁଣଧର୍ମ କ୍ରମଶଃ କମ୍ ହେବାକୁ ଲାଗେ, କିନ୍ତୁ ପାତ୍ର କେବେ ବି ଖାଲି ରହେ ନାହିଁ, ଥାଏ ପୂର୍ଣ୍ଣ । ଊର୍ଦ୍ଧ୍ୱରୁ ଐଶୀ ଗୁଣ ଯେତେ ଆସି ପ୍ରବେଶ କରେ ସେତେ ଦୁର୍ଗୁଣ ଦୂର ହୁଏ । ଯେଉଁ ଆଧାରରୁ ସମସ୍ତ ଦୁର୍ଗୁଣ ବାହାରି ଐଶୀ ଗୁଣରେ ପୂର୍ଣ୍ଣ ହୁଏ ସେହି ହୁଏ ପୂର୍ଣ୍ଣ ମାନବ, ଈଶ୍ୱରଙ୍କ ସଙ୍ଗେ ଏକ, ଅର୍ଥାତ୍ ଭଗବତ୍ ଗୁଣସମ୍ପନ୍ନ । ସେହିଁ ସର୍ବକାର୍ଯ୍ୟରେ ହୁଏ ସମର୍ଥ । ମନୁଷ୍ୟ ଭଲ କାମ କରିପାରେ ନାହିଁ, ତା'ର ସ୍ୱାର୍ଥ, ଈର୍ଷା ଓ ଅହଂକାର ଥାଏ ବୋଲି । ସମସ୍ତ ଦିବ୍ୟଗୁଣର ଭଣ୍ଡାର ହେଲେ ଭଗବାନ୍ । ତାଙ୍କ ସଙ୍ଗେ ସମସ୍ତ ସତ୍ତା ଯୁକ୍ତ ହେଲେ ମନୁଷ୍ୟ ଭଗବାନଙ୍କଠାରୁ ଶକ୍ତି ପାଇବ ଏବଂ ସମସ୍ତ କାର୍ଯ୍ୟ କରିବାକୁ ସମର୍ଥ ହେବ ।

ସଂସାରର ସମସ୍ତ କର୍ମ ଓ ଗୃହ ତ୍ୟାଗ କରି ଯେଉଁମାନେ ସନ୍ନ୍ୟାସୀ ହୋଇଛନ୍ତି ସେମାନେ ଭଗବାନଙ୍କ ନିଷ୍କ୍ରିୟ ସତ୍ତା ସଙ୍ଗେ ଯୁକ୍ତ ହୋଇଛନ୍ତି । ସେମାନଙ୍କର ଶୁଦ୍ଧ ବିଚାର ଦ୍ୱାରା ଜଗତର କଲ୍ୟାଣ ହୁଏ, କିନ୍ତୁ ସଂସାରରୁ ପୂର୍ଣ୍ଣରୂପେ ଦୁଃଖକଷ୍ଟ ଦୂର ହୁଏ ନାହିଁ କିଂବା ସେମାନେ ପ୍ରତ୍ୟକ୍ଷରୂପେ ସଂସାରରେ କୌଣସି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରନ୍ତି ନାହିଁ । କାରଣ ସେମାନେ ଭଗବାନଙ୍କ ଷଡ଼ୈଶ୍ୱର୍ଯ୍ୟଯୁକ୍ତ ପୂର୍ଣ୍ଣ ସ୍ୱରୂପ ସହିତ ନିଜକୁ ଏକ କରି ନାହାନ୍ତି, ସେଥିପାଇଁ କର୍ମସମ୍ପାଦନକାରୀ ଭଗବାନଙ୍କର ସାମର୍ଥ୍ୟ ଆଦି ଦିବ୍ୟଗୁଣରୁ ବଞ୍ଚିତ ହୁଅନ୍ତି । ଭଗବାନ୍ ବାଞ୍ଛାକଳ୍ପତରୁ । ଯେ ଯାହା ବାଞ୍ଛା କରିବ ଭଗବାନ୍ ତାକୁ ତାହାହିଁ ଦେବେ । ସେମାନେ ଚାହିଁଲେ ମୁକ୍ତି, ଭଗବାନ୍ ମୁକ୍ତି ଦେଇଦେଲେ । କିନ୍ତୁ ନିଜର ମୁକ୍ତି ବ୍ୟକ୍ତିଗତ ହେବା ସତ୍ତ୍ୱେ ତାହା ଦିବ୍ୟଗୁଣ । ଦିବ୍ୟଗୁଣର ଧର୍ମ ହେଲା ଅନ୍ୟର ମଙ୍ଗଳ କରିବା, ସେଥିପାଇଁ ସଂସାରରେ କେବଳ ଆଧ୍ୟାତ୍ମିକ ଦିଗରେ ମଙ୍ଗଳ ହେଲା । ଶାସ୍ତ୍ର ନିର୍ଦ୍ଦେଶ କରିଛି ଭଗବାନଙ୍କୁ ପ୍ରାପ୍ତ ହେବାରେ ଅର୍ଥାତ୍ ଭଗବାନଙ୍କ ସଙ୍ଗେ ଏକତ୍ୱ ପ୍ରାପ୍ତି କରିବାରେ କୌଣସି ଉଦ୍ଦେଶ୍ୟ ରଖିବା ଉଚିତ ନୁହେଁ; କେବଳ ଭଗବାନଙ୍କ ସଙ୍ଗେ ନିଜର ସମସ୍ତ ସତ୍ତାକୁ ଏକ କରିଦେବାକୁ ହେବ । ତେବେ ସେହି ଏକତ୍ୱ ପ୍ରାପ୍ତି ପରେ ବ୍ୟକ୍ତିର ସମସ୍ତ ଗୁଣ ହେବ ଭଗବାନଙ୍କର ଏବଂ ସେ ସ୍ୱୟଂ ହେବ ଭଗବାନଙ୍କ ଯନ୍ତ୍ର । ତାହାର ଶକ୍ତି-ସାମର୍ଥ୍ୟ ଆସିବ ଭଗବାନଙ୍କଠାରୁ । ସେ ଭଗବତ୍ ନିର୍ଦ୍ଦେଶ ଅନୁସାରେ ସମସ୍ତ କାର୍ଯ୍ୟ କରିପାରିବ । ସେଥିପାଇଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ହେଲା ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱପ୍ରାପ୍ତି ।

ସଂସାରରେ ଏପର୍ଯ୍ୟନ୍ତ ଯେକୌଣସି ବ୍ୟକ୍ତି ସ୍ୱାର୍ଥ ତ୍ୟାଗକରି ଦେଶ ଓ ଜାତିର ହିତ ସକାଶେ ଯାହା ଭଲ କାର୍ଯ୍ୟ କରିଛନ୍ତି ତାହାସବୁ ଭଗବତ୍ ଦତ୍ତ । ଯେକୌଣସି ଭଲ କାର୍ଯ୍ୟ, ତାହା ଭଗବତ୍ ଗୁଣ, ଆସେ ଭଗବାନଙ୍କଠାରୁ । କିନ୍ତୁ ବ୍ୟକ୍ତି ବୁଝିପାରେ ନାହିଁ, କାରଣ ସେ ସଚେତନ ଭାବେ ଭଗବାନଙ୍କ ଜ୍ଞାନ ସହିତ ନିଜ ଜ୍ଞାନକୁ ଏକ କରି ନ ଥାଏ । ବହୁତ ସମୟରେ ଦେଖାଯାଏ ଯେ ଜଣେ ବଡ଼ ନେତା ସ୍ଥୂଳ ସ୍ୱାର୍ଥ ତ୍ୟାଗକରି ଦେଶର ହିତସାଧନ କରନ୍ତି, କିନ୍ତୁ ଭଗବାନଙ୍କ ଅସ୍ତିତ୍ୱ ପର୍ଯ୍ୟନ୍ତ ସ୍ୱୀକାର କରନ୍ତି ନାହିଁ । ତାହାର ଏକମାତ୍ର କାରଣ ହେଉଛି ସେ ଚାହିଁଥିଲେ କେବଳ ସେତିକି କାମ କରିବାକୁ । ସେଥିରେ ପୂର୍ଣ୍ଣମାତ୍ରାରେ ସ୍ୱାର୍ଥ ନ ଥିବାରୁ ଭଗବାନ୍ ତାଙ୍କ ଚାହିଦା ଅନୁସାରେ ସୀମିତ ଶକ୍ତି ଦେଲେ । ସେ ଯଦି ପୂର୍ଣ୍ଣରୂପେ ଭଗବାନଙ୍କ ସଙ୍ଗେ ଏକ ହୋଇଥା'ନ୍ତେ ତେବେ କାର୍ଯ୍ୟ ତ ସିଦ୍ଧ ହୋଇଥାଆନ୍ତା, ତା'ଛଡ଼ା ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ସାମର୍ଥ୍ୟ ବି ସେ ପ୍ରାପ୍ତ ହୋଇଥା'ନ୍ତେ ।

ଶ୍ରୀଅରବିନ୍ଦ ଯୋଗ-ସିଦ୍ଧିର ଉଦ୍ଦେଶ୍ୟ ପୃଥିବୀରେ ଦିବ୍ୟ ଜୀବନ ପ୍ରତିଷ୍ଠା । ଏଥିସକାଶେ କିଛି ପୂର୍ଣ୍ଣତ୍ୟାଗୀ ସାଧକ ଆବଶ୍ୟକ ଯେଉଁମାନେ ନିଜକୁ ପୂର୍ଣ୍ଣରୂପେ ଭଗବାନଙ୍କୁ ସମର୍ପଣ କରି ତାଙ୍କ ଯନ୍ତ୍ର ହୋଇ ଅତିମାନସ ମହାଶକ୍ତିର କ୍ରିୟାକୁ ଜାଣିପାରିବେ ଏବଂ ତାଙ୍କ ନିର୍ଦ୍ଦେଶାନୁସାରେ ପରିଚାଳିତ ହୋଇପାରିବେ । ତ୍ୟାଗର ଯଥାର୍ଥ ଅର୍ଥ ସଂସାର ଛାଡ଼ି ଜଙ୍ଗଲକୁ ଯାଇ ତପସ୍ୟା କରିବା କିଂବା ନିଜ ସ୍ୱାର୍ଥ, ମାନ-ଯଶଃ, ବାସନା-କାମନା ରଖି କେବଳ ସ୍ଥୂଳ କର୍ମରୁ ବିରତ ହେବା ବା ନିଜେ ବଡ଼ ହୋଇ ପ୍ରତିଷ୍ଠା ଲାଭ କରିବା ନୁହେଁ । ପୂର୍ଣ୍ଣତ୍ୟାଗର ଅର୍ଥ ନିମ୍ନ ପ୍ରକୃତିର କ୍ରିୟା ତ୍ୟାଗକରି ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ଏକତ୍ୱ ପ୍ରାପ୍ତ ହେବା । ଘର-ପରିବାର ଛାଡ଼ି ଆଶ୍ରମରେ ରହନ୍ତୁ କିଂବା ଘରେ ରହି ସମସ୍ତ ସାଂସାରିକ କର୍ମ ଭଗବତ୍ ଉଦ୍ଦେଶ୍ୟରେ କରନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ତ୍ୟାଗର ସର୍ତ୍ତ ଉଭୟଙ୍କ ସକାଶେ ସମାନ ।

ସମସ୍ତେ ଆରମ୍ଭରୁ ଏହି ଅବସ୍ଥାରେ ପହଞ୍ଚିପାରିବେ ନାହିଁ । ସେଥିସକାଶେ ଦୀର୍ଘକାଳ ସାଧନାର ଆବଶ୍ୟକ । ସେହି ସକାଶେ କେତେକ ବ୍ୟକ୍ତିଙ୍କୁ ମା' ନିଜ ତତ୍ତ୍ୱାବଧାନରେ ରଖି ସାଧନା କରାଉଅଛନ୍ତି । ଆଉ କେତେକ ବ୍ୟକ୍ତି ବାହାରେ ନିଜ ନିଜ ପରିବାର ସଙ୍ଗେ ରହି ମା'ଙ୍କ ସୂକ୍ଷ୍ମ ଆନ୍ତର ନିର୍ଦ୍ଦେଶରେ ସାଧନା କରୁଛନ୍ତି । ଅନ୍ୟ କେତେକ ବ୍ୟକ୍ତି ଅଜ୍ଞାତ ଭାବେ ମା'ଙ୍କ ପ୍ରେରଣା ଅନୁସାରେ କାର୍ଯ୍ୟ କରୁଛନ୍ତି । ଏ ଯୋଗ-ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତି ଯେ ପୂର୍ଣ୍ଣତ୍ୟାଗୀ ହେବ, ଏପରି ନୁହେଁ, ଏହା ସମ୍ଭବ ବି ନୁହେଁ । କୌଣସି ବ୍ୟକ୍ତିର ସମସ୍ତ ପ୍ରକାର ଦୁର୍ଗୁଣ ଥିବା ସତ୍ତ୍ୱେ ବି ସେ ସାଧନା ଆରମ୍ଭ କରିପାରେ ଯଦି ତାହାର କୌଣସି ଭାଗ ଭଗବାନଙ୍କ ଶରଣ ହେବାକୁ ଚାହେଁ । ସାଧନା ଦ୍ୱାରାହିଁ ମନୁଷ୍ୟ ସମସ୍ତ ଦୋଷତ୍ରୁଟିରୁ ମୁକ୍ତ ହୋଇ ପୂର୍ଣ୍ଣସିଦ୍ଧି ବା ଦିବ୍ୟ-ଜୀବନ ଲାଭ କରିପାରେ । ସେହି କାରଣରୁ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି : –

ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।।

ଅର୍ଥାତ୍ ''ସର୍ବ ଧର୍ମ ତ୍ୟାଗକରି, ସକଳ ପ୍ରକାର ବିଧି-ବିଧାନ ଓ ନିୟମ-ବ୍ରତ ବର୍ଜନ କରି ମୋ ଆଶ୍ରୟ ନେ । ମୁଁ ତୋତେ ସର୍ବ ପାପ, ସର୍ବ ଅମଙ୍ଗଳରୁ ମୁକ୍ତ କରିଦେବି ।''

ଶ୍ରୀରାମଚନ୍ଦ୍ର କହିଛନ୍ତି : –

ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ୟାଚତେ ।
ଅଭୟଂ ସର୍ବଭୂତେଭ୍ୟୋଃ ଦଦାମ୍ୟେତଦ୍ ବ୍ରତଂ ମମ ।।

ଅର୍ଥାତ୍ ''ଜୀବ ମୋ ଶରଣରେ ଆସିଲେ ମୁଁ ତାକୁ ସର୍ବଭୂତରୁ ଅଭୟ କରିଦିଏ, ଏହା ମୋର ବ୍ରତ ।''

*

ପ୍ରଶ୍ନ : ତମୋଗ୍ରସ୍ତର ଅର୍ଥ କ'ଣ ?

ଉତ୍ତର : ବସ୍ତୁକୁ ବିକୃତରୂପେ ବୁଝିବା; ସତ୍ୟର ବିପରୀତ ଆଚରଣ କରିବା ।

*

ପ୍ରଶ୍ନ : ତାମସିକ ନିଶ୍ଚେଷ୍ଟତା କ'ଣ ?

ଉତ୍ତର : ଆଳସ୍ୟ, ବିତୃଷ୍ଣା ଓ ଅପ୍ରବୃତ୍ତି ଇତ୍ୟାଦି ।

*

## ଜନ୍ମ-ମୃତ୍ୟୁ ଆଦି ଅଶୁଦ୍ଧିରେ ମା'ଙ୍କ ଫଟୋପୂଜା

ପ୍ରଶ୍ନ : ଆମ୍ଭେମାନେ ଜନ୍ମ-ମୃତ୍ୟୁ ସମୟରେ ନିଜକୁ ଅପବିତ୍ର ମନେ କରୁ, ଶୁଭକର୍ମ କରୁ ନାହିଁ, ଏହା କୁଳପରମ୍ପରାରୁ ଚାଲି ଆସୁଅଛି । ଏହି ସମୟରେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ପୂଜା କରାଯିବ କି ନାହିଁ ? ଯାହାର କୋଡ଼ିଏ ଘର କୁଟୁମ୍ବ ଥିବେ ତା'ର ତ ଅଧିକାଂଶ ଦିନରେ ଜନ୍ମ-ମୃତ୍ୟୁର ଅଶୁଦ୍ଧି ଲାଗି ରହିଥିବ, ସେ ଆଉ ମା'ଙ୍କୁ ପୂଜା କରିବ କେବେ ?

ଉତ୍ତର : ସବୁ ଅବସ୍ଥାରେ ମା'ଶ୍ରୀଅରବିନ୍ଦଙ୍କ ଫଟୋ ପୂଜା ହୋଇପାରେ, ଧ୍ୟାନ ଧାରଣା ମଧ୍ୟ ଚାଲେ । ଶୁଦ୍ଧି-ଅଶୁଦ୍ଧି ମାନିବା କର୍ମକାଣ୍ଡ ତଥା ସାମାଜିକ ନିୟମ । ଆଧ୍ୟାତ୍ମିକ ସାଧନାରେ ଏହାର କୌଣସି ସ୍ଥାନ ନାହିଁ । ଜନ୍ମ-ମୃତ୍ୟୁ ସମୟରେ ଅଥବା ଅନ୍ୟ କୌଣସି ଅବସ୍ଥାରେ ମା' ଶ୍ରୀଅରବିନ୍ଦଙ୍କ ଫଟୋ ପୂଜା କରାଯାଇପାରେ । ପୁଷ୍ପ, ଧୂପ ମଧ୍ୟ ଦେଇପାର । ଧ୍ୟାନ, ପ୍ରାର୍ଥନା, ସ୍ୱାଧ୍ୟାୟ କରିପାର । ଏସବୁ ସ୍ୱୟଂ ପବିତ୍ର । ଏହିସବୁ ଆଚରଣ କରିବା ଦ୍ୱାରା ମନୁଷ୍ୟ ନିଜେ ପବିତ୍ର ହୁଏ । ସୁତରାଂ ଅପବିତ୍ର ଅବସ୍ଥାରେ ଏହା କଦାପି ବନ୍ଦ କରିବା ଉଚିତ ନୁହେଁ ।

କିନ୍ତୁ ତୁମର ଯେଉଁ କୁଳପରମ୍ପରାଗତ ନିୟମ ଅଛି ତାହାସବୁ ପୂର୍ବପରି ପାଳନ କରିବ – ଯଥା : ହୋମ, ବ୍ରାହ୍ମଣ-ଭୋଜନ, ଦାନ-ଅନୁଷ୍ଠାନ, ଦେବ-ପୂଜା ଆଦି ବନ୍ଦ ରଖିପାର । ଅଧ୍ୟାତ୍ମ ସାଧନା କୌଣସି ସମୟରେ ବନ୍ଦ ରଖିବ ନାହିଁ, କିନ୍ତୁ ସଫାସୁତୁରା ରହିବା ଆବଶ୍ୟକ ।

*

ପ୍ରଶ୍ନ : ସ୍ତ୍ରୀମାନଙ୍କର ମାସିକ ଧର୍ମ ଅବସ୍ଥାରେ ମା'ଙ୍କ ଫଟୋ ପୂଜା ଏବଂ ଧ୍ୟାନପ୍ରାର୍ଥନା କରିବା ଉଚିତ କି ନୁହେଁ ?

ଉତ୍ତର : ମା'ଙ୍କ ଫଟୋ-ପୂଜା, ଧ୍ୟାନ, ପ୍ରାର୍ଥନା, ସବୁସମୟରେ କରିବା ଉଚିତ । ଲୁଗାପଟା ବଦଳାଇ ତଥା ହାତ-ମୁହଁ ପରିଷ୍କାର କରି ଧୋଇ ପୂଜାପାଠ କରିବେ ।